# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ସେପ୍ଟେମ୍ବର ୨୧/୨୦୨୧ (୧୨ ପୃଷ୍ଠା) | Berhampur, Tuesday, September 21/2021 | ★★★

୧୭ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ସାଇନାଙ୍କୁ ଡବଲ ପଦକ

ଓଡ଼ିଶା ଚେସ୍ ପ୍ରତିଭା ସାଇନା ସାଲୋନିକା ୱେଷ୍ଟର୍ନ ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି।

୧୨

୧୦

## ଦଶହରାରେ ତାପସୀଙ୍କ 'ରଶ୍ମି ରକେଟ୍'

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଫିଲ୍ମ 'ରଶ୍ମି ରକେଟ୍' ଅକ୍ଟୋବର ୧୫ରେ ରିଲିଜ ହେବ।



$$\mu = \frac{\sum x_i}{n}$$

# ଓଡ଼ିଆରେ ଇଞ୍ଜିନିୟରିଂ ପଢ଼ା କେତେ ସହଜ

**ତଥାଗତ ସତପଥୀ**

ଆରମ୍ଭରୁ କହିବାକୁ ଚାହୁଁ ଯେ, ମାତୃଭାଷା ପାଇଁ ଆମର ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା ରହିଛି। ଏଠାରେ ଭାରତର ବିଭିନ୍ନ ଆଞ୍ଚଳିକ ଭାଷାକୁ କୌଣସି ଭାବରେ ଆଞ୍ଚ ଆଣିବାର ଉଦ୍ଦେଶ୍ୟ ନ ଥିଲେ ମଧ୍ୟ ନିକଟରେ ସରକାରଙ୍କ ଦ୍ୱାରା ଇଞ୍ଜିନିୟରିଂ ପାଠକୁ ଓଡ଼ିଆ ସମେତ ଅନ୍ୟ ଆଞ୍ଚଳିକ ଭାଷାରେ ପଢ଼ାଇବାର ନିଷ୍ପତ୍ତିକୁ ସମର୍ଥନ କରିବା ଅବାସ୍ତବ ମନେହେଉଛି।

ଓଡ଼ିଶାର ଛାତ୍ରୀଛାତ୍ର ଆସନ୍ତା ଶିକ୍ଷାବର୍ଷରୁ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପାଠ ପଢ଼ିପାରିବେ। ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍‌ନିକାଲ ଏଜୁକେଶନ (ଏଆଇସିଟିଇ) ପକ୍ଷରୁ ଏ ନେଇ ସବୁଜ ସଙ୍କେତ ମିଳିଛି। ଏବେ ତାମିଲ, ତେଲୁଗୁ, ମାଲାୟଲମ୍, କନ୍ନଡ, ମରାଠୀ, ଗୁଜରାଟୀ, ବେଙ୍ଗଲୀ ଓ ହିନ୍ଦୀ ଭାଷାରେ ଇଞ୍ଜିନିୟରିଂ ପଢ଼ାଯାଉଛି। ଏଣିକି ଓଡ଼ିଆ ସମେତ ଉର୍ଦ୍ଦୁ, ପଞ୍ଜାବୀ ଓ ଅହମିଆ ଭାଷାରେ ଇଞ୍ଜିନିୟରିଂ ପାଠ ପଢ଼ାଯିବ। ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ କେତେକେ ଏହାକୁ ସ୍ୱାଗତ କରିଛନ୍ତି। କୁହାଯାଉଛି ଓଡ଼ିଆରେ ଏହି ବୈଷୟିକ ପାଠ ପଢ଼ାଗଲେ ଛାତ୍ରୀଛାତ୍ରମାନେ ଭଲ ଭାବେ ବୁଝିପାରିବେ। ବାସ୍ତବରେ ମାତୃଭାଷାରେ ଏହି ବିଷୟ ପଢ଼ା ଗଲେ ଏହାର ମାନ କେଉଁ ସ୍ତରକୁ ଯିବ ସେହି ଦିଗରେ କେହି ଗଭୀର ଭାବେ ଚିନ୍ତା କରୁନାହାନ୍ତି। ଇଞ୍ଜିନିୟରିଂ ହେଉଛି ଏକ ବୈଷୟିକ ବିଦ୍ୟା, ଯାହାର ପରିସୀମା ଆଞ୍ଚଳିକତା ଭିତରେ ସୀମିତ ନୁହେଁ। ଦେଖିବାକୁ ଗଲେ ଆଜିର ଯୁଗରେ ଏହା ସମ୍ପୂର୍ଣ୍ଣ ଭାବେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗୀଯୋଗ୍ୟ ହେବା ଦରକାର। ଦେଶ ନିର୍ମାଣରେ ଇଞ୍ଜିନିୟରଙ୍କ ଅବଦାନ ଯଥେଷ୍ଟ ରହିଛି। ହେଲେ ଦେଖାଯାଉଛି ଭାରତରେ ଯେଉଁଭଳି ଇଞ୍ଜିନିୟର ସୃଷ୍ଟି ହେବା କଥା ହୋଇପାରୁ ନାହାନ୍ତି। ଏହାର କାରଣ ଗୁଣାତ୍ମକ ଶିକ୍ଷାର ଅଭାବ। ଦୁଇ ବର୍ଷ ତଳେ ଦିଲ୍ଲୀଭିତ୍ତିକ ଏମ୍ପ୍ଲୟମେଣ୍ଟ ସଲ୍ୟୁଶନ କମ୍ପାନୀ 'ଆସ୍‌ପାୟାରିଂ ମାଇଣ୍ଡ୍‌ସ' ପକ୍ଷରୁ ଇଞ୍ଜିନିୟର ଆଶାୟୀଙ୍କ ଉପରେ ଏକ ଅଧ୍ୟୟନ କରାଯାଇଥିଲା। ଏଥିରେ ୧,୫୦,୦୦୦ ଇଞ୍ଜିନିୟରିଂ ଛାତ୍ରଙ୍କ ମତାମତ ନିଆଯାଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ, କେବଳ ୭ ପ୍ରତିଶତ ଇଞ୍ଜିନିୟରିଂ ପାଠ ପଢ଼ିଥିବା ବିଦ୍ୟାର୍ଥୀ ନିଯୁକ୍ତିଯୋଗ୍ୟ। ୯୭ ପ୍ରତିଶତ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ସଫ୍ଟୱେର କିମ୍ବା କୋର୍ ଇଞ୍ଜିନିୟରିଂରେ ଚାକିରି କରିବାକୁ ଚାହାନ୍ତି। ସେଥିମଧ୍ୟରୁ କେବଳ ୩ ପ୍ରତିଶତ ସଫ୍ଟୱେର କିମ୍ବା ପ୍ରଡକ୍ଟ ମାର୍କେଟରେ ଯୋଗଦେବା ଲାଗି ଉପଯୁକ୍ତ ଦକ୍ଷତା ହାସଲ କରିଥାଆନ୍ତି ବୋଲି ଏହି ସର୍ଭେରୁ ଜଣାପଡ଼ିଥିଲା।

ମାତୃଭାଷାରେ ପାଠପଢ଼ା ହେବା ପୂର୍ବରୁ ଇଞ୍ଜିନିୟରିଂ ଇଂଲିଶ ଭାଷାରେ ପଢ଼ାଯାଉଥିଲା। ସାଧାରଣତଃ ମେଧାସମ୍ପନ୍ନ ପିଲାମାନେ ଏହି ବିଷୟ ପ୍ରତି ଆଗ୍ରହ ଦେଖାଇଥାଆନ୍ତି। ଓଡ଼ିଶା କଥା ଦେଖିଲେ ପ୍ରାୟ ଦେଢ଼ ଦଶନ୍ଧି ତଳେ ଇଞ୍ଜିନିୟରିଂ ସିଟ୍ ପାଇବା ପାଇଁ ପିଲାଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ପରବର୍ତ୍ତୀ ସମୟରେ ଛତୁ ଫୁଟିଲା ଭଳି ଅସଂଖ୍ୟ ଟେକ୍‌ନିକାଲ କଲେଜ ଖୋଲିଲା। ଫଳରେ କମ୍ ମାର୍କ ରଖିଥିବା ଛାତ୍ରୀଛାତ୍ର ନିଜ ମାତାପିତାଙ୍କ ଅର୍ଥ ବଳରେ ଏହି ବିଷୟ ପଢ଼ିବାକୁ ଲାଗିଲେ। ଫଳରେ ଚାହିଦାଠାରୁ ଅଧିକ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ସୃଷ୍ଟି ହେଲେ। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ଭିତ୍ତିଭୂମି ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ପାଠପଢ଼ାର ମାନକୁ ଅଣଦେଖା କରିବା ଯୋଗୁ ସେଥିରୁ ବାହାରୁଥିବା ଛାତ୍ରୀଛାତ୍ର ବେକାର ହୋଇ ବୁଲିଲେ। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ୮୮ ଘରୋଇ ଓ ୮ ସରକାରୀ ଇଞ୍ଜିନିୟରିଂ କଲେଜ ରହିଛି। ପ୍ରତିବର୍ଷ ପ୍ରାୟ ୩୦ରୁ ୩୫ ହଜାର ଛାତ୍ରୀଛାତ୍ର ନାମ ଲେଖାଉଥିବା ବେଳେ ପାଖାପାଖି ୧୦ ହଜାର ସିଟ୍ ଖାଲିପଡୁଛି। କେତେକେ କହିପାରନ୍ତି ଇଂଲିଶରେ ଦୁର୍ବଳ ଥିବା ପିଲାମାନେ ଓଡ଼ିଆରେ ଏହି ବିଷୟକୁ ପଢ଼ିଲେ ଉତ୍କର୍ଷ କରିବେ। କିନ୍ତୁ ଏହା ଭାବିବା ଭୁଲ। ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ପାଠ୍ୟକ୍ରମରେ ଇଂଲିଶ ସହ କମ୍ପ୍ୟୁଟର ଅନୁକୂଳ (ଫ୍ରେଣ୍ଡ୍‌ଲି) ଟେକ୍‌ନିକାଲ ଶବ୍ଦ ରହିଛି, ଯାହାର ଆକ୍ଷରିକ ଓଡ଼ିଆ କରାଗଲେ ପିଲାମାନଙ୍କୁ ବୁଝିବାରେ ଅସୁବିଧା ହେବ। ଇଞ୍ଜିନିୟରିଂ ହେଉଛି ଗଣିତ, ପଦାର୍ଥ ବିଜ୍ଞାନ ଓ ଆହୁରି ଅନେକ ବିଷୟର ଏକ ସମାହାର ପାଠ୍ୟକ୍ରମ। ଏଥିରେ ମୁଖ୍ୟତଃ ଫର୍ମୁଲା ବା ସୂତ୍ର ମାଧ୍ୟମରେ ସଲ୍ୟୁଶନ ବା ସମାଧାନ ଅଣାଯାଇଥାଏ। ସୂତ୍ରଗୁଡ଼ିକୁ ଆଞ୍ଚଳିକ ଭାଷାରେ କରାଯାଇପାରିବ ନାହିଁ ବୋଲି କହୁନାହୁଁ। କିନ୍ତୁ ତାହା କରିବାକୁ ହେଲେ ଅନେକ ନୂଆ ଶବ୍ଦ ଆବିଷ୍କାର କରିବାକୁ ପଡ଼ିବ। ଏହିସବୁ ଶବ୍ଦ ସାଧାରଣରେ ପ୍ରଚଳନ ହୋଇ ନ ଥିବାରୁ ତାହାକୁ ପାଠ୍ୟକ୍ରମରେ ପଢ଼ିଥିବା ଛାତ୍ରୀଛାତ୍ର ବାଉଳା ହେବା ଅସମ୍ଭବ ନୁହେଁ।

ନିଜ ମାତୃଭାଷାରେ ସାହିତ୍ୟ ପଢ଼ିଲେ ତାହା ବୋଧଗମ୍ୟ ହୋଇଥାଏ। କିନ୍ତୁ ଇଞ୍ଜିନିୟରିଂ ଭଳି ପାଠ୍ୟକ୍ରମକୁ ଇଂଲିଶରେ ପଢ଼ିଥିବା ଛାତ୍ରୀଛାତ୍ର ଦେଶ ଓ ବିଦେଶରେ ଥିବା ଇଞ୍ଜିନିୟରଙ୍କ ସହ ଭାବ ବିନିମୟ କରିପାରିବେ। କେବଳ ନିଜ ମାତୃଭାଷାରେ ଅଟକି ଗଲେ ତାଙ୍କ ନିଯୁକ୍ତି ପରିସର ମଧ୍ୟ ଅତ୍ୟନ୍ତ ସୀମିତ ହୋଇଯିବ। ଏଥିସହିତ ଆସନ୍ତାବର୍ଷଠାରୁ ଓଡ଼ିଆରେ ଇଞ୍ଜିନିୟରିଂ ପଢ଼ାଗଲେ ଯେଉଁ ଅଧ୍ୟାପିକା ଓ ଅଧ୍ୟାପକ ପୂର୍ବରୁ ଇଂଲିଶ ପଢ଼ିଆସିଥିଲେ ସେମାନେ ତତ୍‌କ୍ଷଣାତ୍ ପ୍ରତ୍ୟେକଟି ଶବ୍ଦକୁ ଓଡ଼ିଆରେ ପଢ଼ାଇବା କଷ୍ଟକର ହୋଇପାରେ। ବୈଷୟିକ ଶବ୍ଦକୁ ଓଡ଼ିଆରେ ବୁଝିବା ପାଇଁ ସେଭଳି ଶବ୍ଦକୋଷ (ଲେକ୍ସିକନ୍) ନାହିଁ। ତତ୍‌କ୍ଷଣାତ୍ ନୂଆ ଲେକ୍ସିକନ୍ ସୃଷ୍ଟି କରାଯାଇ ଶିକ୍ଷକମାନଙ୍କୁ ଓଡ଼ିଆରେ ଅଭ୍ୟସ୍ତ କରିବା ଲାଗି ସମୟ ଲାଗିପାରେ। ଥୋକେ ଲୋକ ଭାଷାପ୍ରୀତି ଦେଖାଇ ଏଭଳି ପଦକ୍ଷେପକୁ ସମର୍ଥନ କରିପାରନ୍ତି। କିନ୍ତୁ ତାହା ଦ୍ୱାରା ଆସନ୍ତାକାଲିର ଓଡ଼ିଆ ଇଞ୍ଜିନିୟର ବିଶ୍ୱସ୍ତରୀୟ ଦକ୍ଷତା ପ୍ରତିପାଦନ କରିପାରିବେ ବୋଲି ବିଶ୍ୱାସ ହେଉନାହିଁ।



ସ୍ପେନ୍‌ର କେନେରି ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ଯୋଗୁ ଲାଭାରେ ଘରଗୁଡ଼ିକ ଜଳିଯାଉଛି।

# ଗ୍ଲୋବାଲ ୱାର୍ମିଂ ଦାୟୀ: ବିଧାୟକ

**ଭୁବନେଶ୍ୱର,୨୦।୯ (ବ୍ୟୁରୋ)**

ଭୁବନେଶ୍ୱରର ମୁକୁଳା ଡ୍ରେନ୍‌ରେ ପଡ଼ି ନିଖୋଜ ହୋଇଯାଇଥିବା ଦଶମ ଶ୍ରେଣୀ ଛାତ୍ର ଜ୍ୟୋତିପ୍ରକାଶ ବେହେରାଙ୍କ ମୃତଦେହ ସୋମବାର ମିଳିଛି। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅବହେଳାକୁ ସମସ୍ତ ଦାୟୀ କରୁଛନ୍ତି। କିନ୍ତୁ ଭୁବନେଶ୍ୱରରେ ପ୍ରାୟ ୧୦ ବର୍ଷ ଧରି ମେୟର ରହିଥିବା ବର୍ତ୍ତମାନର ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଘଟଣାକୁ ଦୈବ ଦୁର୍ଘଟଣା କହି ପ୍ରସଙ୍ଗକୁ ହାଲୁକା କରିବା ପାଇଁ ଚେଷ୍ଟା କରିଛନ୍ତି। ଏପରି କି ସେ ଗ୍ଲୋବାଲ ୱାର୍ମିଂକୁ ଦାୟୀ କରିବା ସହ ସେପ୍ଟେମ୍ବରରେ ବଡ଼ ବର୍ଷା ହେଉଛି ବୋଲି କହିଛନ୍ତି। ହେଲେ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଇବା ପାଇଁ ଗ୍ଲୋବାଲ ୱାର୍ମିଂ କିଭଳି ବାଧକ ହେଲା ବୋଲି ସାଧାରଣରେ ବିଧାୟକଙ୍କୁ ପ୍ରଶ୍ନ ହେଉଛି।

ଅନନ୍ତ ୨୦୦୯ରୁ ଭୁବନେଶ୍ୱରର ୨ ଥର ମେୟର ଏବଂ ୨୦୧୯ରୁ ଭୁବନେଶ୍ୱର(ମଧ୍ୟ)ର ବିଧାୟକ। ସହରର ସମସ୍ତ ବିକାଶମୂଳକ କାର୍ଯ୍ୟ ତାଙ୍କ ମାଧ୍ୟମରେ ହୋଇଛି ବୋଲି ସେ ଅନେକ ସମୟରେ ଗଣମାଧ୍ୟମକୁ କହିବାର ରେକର୍ଡ ରହିଛି। ସହରରୁ ବର୍ଷାଜଳ ନିଷ୍କାସନ ପାଇଁ ରାଜ୍ୟ ସରକାର ବହୁ କୋଟି ଟଙ୍କା ବିଏମ୍‌ସି ଜରିଆରେ ଖର୍ଚ୍ଚ କରୁଛନ୍ତି। କେବଳ ଡ୍ରେନ୍ ପାଇଁ ୧୦୦୦ କୋଟି ଟଙ୍କା ରାଜ୍ୟ ସରକାର ଦେଇଛନ୍ତି ବୋଲି ଖୋଦ୍ ବିଧାୟକ କହିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ସହରର ଡ୍ରେନେଜ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ସରକାର ପର୍ଯ୍ୟାପ୍ତ ଅର୍ଥ ଯୋଗାଉଥିବାବେଳେ ସ୍ଥିତିରେ କୌଣସି ସୁଧାର ହେଉନାହିଁ କାହିଁକି। ଯୋଗାଯାଉଥିବା ଅର୍ଥ କେଉଁ ବାଟରେ ଖର୍ଚ୍ଚ ହୋଇଛି ସେନେଇ ସନ୍ଦେହ ପ୍ରକାଶ ପାଇଲାଣି।

ଉଲ୍ଲେଖଥାଉ କି, ୨୦୧୫ ଅଗଷ୍ଟ ୨୫ରେ ନୟାପଲ୍ଲୀ ଥାନା ମମ୍‌ତାଜ୍ ଅଲ୍ଲୀ ସ୍କୁଲ ନିକଟ ରାସ୍ତା ପାର୍ଶ୍ୱ ମୁକୁଳା ଡ୍ରେନ୍‌ରେ ଭାସି ୪ର୍ଥ ଶ୍ରେଣୀର ଛାତ୍ର ପୁପୁନ ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା। ସେହି ସମୟରେ ଅନନ୍ତ ବିଏମ୍‌ସି ମେୟର ଥିଲେ। ସେହି ଘଟଣା ପାଇଁ ଲୋକେ ବିଏମ୍‌ସିକୁ ଦାୟୀ କରିଥିବାବେଳେ ମେୟର ଭାବେ ସେ ଉତ୍ତରଦାୟୀ ଥିଲେ। ଇତିମଧ୍ୟରେ ୫ଜଣଙ୍କ ମୁକୁଳା ଡ୍ରେନ୍‌ରେ ମୃତ୍ୟୁ ଘଟିଲାଣି। ☞ପୃଷ୍ଠା–୪



ମୃତଦେହ ନେଉଥିବା ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଅଟକାଉଛନ୍ତି ଜ୍ୟୋତିପ୍ରକାଶଙ୍କ ବାପା ହୃଷୀକେଶ।



ଘଟଣାସ୍ଥଳରେ ବିଧାୟକ ଅନନ୍ତ ନାରାୟଣ ଜେନା।

## ୨୦ ଘଣ୍ଟା ପରେ ଛାତ୍ରଙ୍କ ମୃତଦେହ ମିଳିଲା

- ଟ୍ୟୁଶନ ଯାଉଥିବାବେଳେ ଡ୍ରେନ୍‌ରେ ଭାସି ଯାଇଥିଲେ
- ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା
- ୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା
- ଶୋକାକୁଳ ପରିବେଶରେ ସ୍ୱର୍ଗଦ୍ୱାରରେ ହେଲା ଶେଷକୃତ୍ୟ

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

ଦୀର୍ଘ ପ୍ରାୟ ୨୦ଘଣ୍ଟା ପରେ ରାଜଧାନୀର ମୁକୁଳା ଡ୍ରେନ୍ ପାଣିରେ ଭାସିଯାଇ ନିଖୋଜ ଥିବା ଛାତ୍ର ଜ୍ୟୋତିପ୍ରକାଶ ବେହେରା(୧୫)ଙ୍କ ମୃତଦେହ ମିଳିଛି। ଅଗ୍ନିଶମ କର୍ମଚାରୀଙ୍କ ଦୀର୍ଘ ସମୟର ଅକ୍ଳାନ୍ତ ପରିଶ୍ରମ ପରେ ପଞ୍ଚଶାଖା ନଗର ଡ୍ରେନ୍ ଭିତରୁ ଜ୍ୟୋତିପ୍ରକାଶଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ବରମୁଣ୍ଡା ପାଲାମଣ୍ଡପ ସାହିର ଦଶମ ଶ୍ରେଣୀ ଛାତ୍ର ☞ପୃଷ୍ଠା–୪











# କେନେରି ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ

- ୫ ହଜାରରୁ ଊର୍ଦ୍ଧ୍ୱ ସ୍ଥାନାନ୍ତରିତ
- ଶତାଧିକ ଘର ଧ୍ୱସ୍ତବିଧ୍ୱସ୍ତ
- ଆମେରିକା, କାନାଡାରେ ଭୂକମ୍ପ ଝଟକା ଅନୁଭୂତ

**ମାଡ୍ରିଡ୍,୨୦।୯**

ଦୀର୍ଘ ୫୦ ବର୍ଷ ପରେ ସ୍ପେନ୍‌ର କେନେରି ଦ୍ୱୀପସ୍ଥିତ କ୍ୟୁମ୍ବ୍ରେ ଭିଏଜା ଆଗ୍ନେୟଗିରି ଉଦ୍‌ଗିରଣ ହୋଇଛି। ୮୦,୦୦୦ ଜନସଂଖ୍ୟା ବିଶିଷ୍ଟ ଲା ପାଲ୍‌ମା ଦ୍ୱୀପର ଦକ୍ଷିଣରେ ଥିବା ଏହି ଆଗ୍ନେୟଗିରି ରବିବାର ସନ୍ଧ୍ୟାରେ ବିପୁଳ ଲାଲ ଓ ହଳଦିଆ ରଙ୍ଗର ଲାଭା ଓକାଳିଛି। ଏଥିରେ ୧୦୦ରୁ ଅଧିକ ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ୫୦୦ ପର୍ଯ୍ୟଟକ ଏବଂ ଆଖପାଖର ୫,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଲାଭା, ଧୂଆଁ ଓ ପାଉଁଶ ଦେଖିବାକୁ ମିଳିଛି। ଆଗ୍ନେୟଗିରି ଉଦ୍‌ଗିରଣ ଯୋଗୁ ୩.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ସୃଷ୍ଟି ହୋଇଛି। ଏହାର ଝଟକା ଆମେରିକା ଓ କାନାଡାରେ ମଧ୍ୟ ଅନୁଭୂତ ହୋଇଛି।

କ୍ୟୁମ୍ବ୍ରେ ଭିଏଜା ପର୍ବତର ଆଗ୍ନେୟଗିରି ବିଂଶଶତାବ୍ଦୀରେ ଦୁଇଥର ଉଦ୍‌ଗିରଣ ହୋଇଥିଲା। ୧୯୪୯ ଓ ୧୯୭୧ ପରେ ଏବେ ପୁଣି ଥରେ ଲାଭା ଓକାଳିଛି। ସ୍ଥାନୀୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଟୁଇଟ୍ ଅନୁସାରେ ଆଗ୍ନେୟଗିରିକୁ ଲାଗି ରହିଥିବା ଅଞ୍ଚଳରେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି। ବିପଦ ଥିବାରୁ ରିସ୍କ ନ ନେଇ ଅତ୍ୟନ୍ତ ସତର୍କ ରହିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏଲ୍ ପାସୋ ଏବଂ ଲସ୍ ଲାନୋସ୍ ଡେ ☞ପୃଷ୍ଠା–୪

# ଚିଲ୍‌ଡ୍ରେନ କୋର୍ଟରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ

## ପରୀ ହତ୍ୟା ମାମଲା

**ନୟାଗଡ଼ ଅଫିସ,୨୦।୯**

ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ଚିଲଡ୍ରେନ କୋର୍ଟରେ ସୋମବାର ବହୁ ଚର୍ଚ୍ଚିତ ପରୀ ହତ୍ୟା ମାମଲାର ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଛି। ଏହି ମାମଲାରେ ୭୦ ଜଣ ସାକ୍ଷୀ ଥିବାବେଳେ ସେମାନଙ୍କ ମଧ୍ୟରୁ ସୋମବାର ୨ଜଣଙ୍କ ସାକ୍ଷ୍ୟ ଗ୍ରହଣ ହେବାର ଥିଲା। ହେଲେ ଜଣେ ଅନୁପସ୍ଥିତ ଥିବାବେଳେ ୪୯ ନଂ. ସାକ୍ଷୀ ଯଦୁପୁରର ଦୂର୍ଯ୍ୟୋଧନ ପ୍ରଧାନ ସାକ୍ଷ୍ୟ ଦେଇଥିଲେ। ତାଙ୍କୁ ଅଢ଼େଇ ଘଣ୍ଟା ଜେରା କରାଯାଇଥିଲା। ଅକ୍ଟୋବର ୮ରେ ୫୦ ନଂ. ସାକ୍ଷୀ ଯଦୁପୁରର ଚରଣ ପ୍ରଧାନ ସାକ୍ଷ୍ୟ ଦେବେ। ବାଳସୁଧାର ଗୃହରେ ଥିବା କଲେଜ ଛାତ୍ରଙ୍କ ଉପସ୍ଥିତିରେ ଶୁଣାଣି ଆରମ୍ଭ ହୋଇଛି। କଲେଜ ଛାତ୍ରଙ୍କ ପକ୍ଷରୁ ଶିବ ଶଙ୍କର ବିଶ୍ୱାଳ ଓ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର ଏବଂ ସରକାରଙ୍କ ପକ୍ଷରୁ ଚିତ୍ତ କାନୁନ୍‌ଗୋ, ଅନୱର ମଲ୍ଲିକ, ଅମୀୟ ପଟ୍ଟନାୟକ ମୋକଦ୍ଦମା ଲଢୁଛନ୍ତି।

ସୂଚନାଯୋଗ୍ୟ, ନୟାଗଡ ସଦର ଥାନା ଅଧୀନ ଯଦୁପୁରରେ ୨୦୨୦ ଜୁଲାଇ ୧୪ରେ ୫ ବର୍ଷର ଶିଶୁକନ୍ୟା ପରୀ ଗାଁ ଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ସେହିମାସ ୨୩ ତାରିଖରେ କିଛି ଖପୁରି ଓ ହାଡ଼ ଉଦ୍ଧାର ହୋଇଥିଲା। ☞ପୃଷ୍ଠା–୪



**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଆସନ୍ତା ଶିକ୍ଷାବର୍ଷଠାରୁ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପଢ଼ାଯିବ ବୋଲି ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର୍ ଟେକ୍ନିକାଲ ଏଜୁକେଶନ୍ (ଏଆଇସିଟିଇ) ସବୁଜ ସଙ୍କେତ ଦେଇଛି। ଫଳରେ ଓଡ଼ିଆ ଛାତ୍ରୀଛାତ୍ରମାନେ ଏଣିକି ମାତୃଭାଷାରେ ଇଞ୍ଜିନିୟରିଂ ଭଳି ବୈଷୟିକ ଶିକ୍ଷାଲାଭର ସୁଯୋଗ ପାଇବେ। କୁହାଯାଉଛି ଯେ, ଓଡ଼ିଆରେ ପଢ଼ାଇବାର ବ୍ୟବସ୍ଥା ହେଲେ ପଛୁଆ ଅଞ୍ଚଳର ଛାତ୍ରୀଛାତ୍ର ବେଶ୍ ଉପକୃତ ହୋଇପାରିବେ। ଫାଙ୍କା ପଡୁଥିବା ଇଞ୍ଜିନିୟରିଂ ସିଟ୍‌ଗୁଡ଼ିକ ପୂରଣ ହେବା ଦିଗରେ ଏହା ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବୈଷୟିକ ପାଠ୍ୟକ୍ରମକୁ ମାତୃଭାଷାରେ ପଢ଼ାଗଲେ ତାହାର ଭାବଗତ ବ୍ୟାଖ୍ୟାନ ଠିକ୍ ଭାବେ ପ୍ରକାଶ ପାଇପାରିବ ନାହିଁ। ସେଥିପାଇଁ ଇଂଲିଶକୁ ଦୀର୍ଘବର୍ଷ ଧରି ଏହାର ମାଧ୍ୟମ କରାଯାଇଆସିଛି ବୋଲି ଆଉ ଏକ ବର୍ଗ ମତ ଦେଉଛନ୍ତି। ତେଣୁ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପଢ଼ା କେତେ ସହଜ ହେବ, ସେନେଇ ବିଭିନ୍ନ ସ୍ତରରେ ଆଲୋଚନା ଆରମ୍ଭ ହେଲାଣି।

ଏକ ଇଂଲିଶ ସାପ୍ତାହିକରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତରେ କେବଳ ୭% ଇଞ୍ଜିନିୟରିଂ ସ୍ନାତକ ହେଉଛନ୍ତି ନିଯୁକ୍ତିଯୋଗ୍ୟ। ଏଥିରୁ ଅନୁମାନ କରିହେଉଛି ଯେ, ଦେଶରେ ପ୍ରତିବର୍ଷ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ଅତି ନଗଣ୍ୟ ଚାକିରି ପାଇବାକୁ ଯୋଗ୍ୟ ହେଉଛନ୍ତି। ଗୁଣାତ୍ମକ ଶିକ୍ଷାର ଅଭାବ ଦେଶ ନିର୍ମାଣରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ଅଗ୍ରଗତିରେ ବାଧକ ସାଜୁଛି। ବର୍ତ୍ତମାନ ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲମ, ମରାଠୀ, ଗୁଜରାଟୀ, ବେଙ୍ଗଲୀ ଓ ହିନ୍ଦୀ ଭଳି ୮ଟି ଭାଷାରେ ଇଞ୍ଜିନିୟରିଂ ପଢ଼ାଯାଉଛି। ଆସନ୍ତା ଶିକ୍ଷା ବର୍ଷରୁ ଏଥିରେ ଓଡ଼ିଆ ସମେତ ଉର୍ଦ୍ଦୁ, ପଞ୍ଜାବୀ ଓ ଅହମିଆ ଭାଷାରେ ମଧ୍ୟ ପାଠ ପଢ଼ାଇବାକୁ ଏଆଇସିଟିଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ବୈଷୟିକ ଶିକ୍ଷାସମ୍ପନ୍ନ ଇଞ୍ଜିନିୟରିଂରେ ବ୍ୟବହୃତ ଶବ୍ଦକୁ ମାତୃଭାଷାରେ ବ୍ୟାଖ୍ୟା କଲାବେଳେ ସେହିଭଳି ଟେକ୍ନିକାଲ ଓଡ଼ିଆ ଶବ୍ଦକୋଷର ଆବଶ୍ୟକତା ରହିଛି। ଏଆଇସିଟିଇ ଅନୁଯାୟୀ ଯଦି ଆସନ୍ତା ବର୍ଷଠାରୁ ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ☞ପୃଷ୍ଠା–୪

# ଛାତ୍ରଙ୍କ ଗୁଳିରେ ୮ ମୃତ

## ରୁଷିଆ ୟୁନିଭର୍ସିଟିରେ ଉନ୍ମତ୍ତକାଣ୍ଡ



- ଜୀବନ ବଞ୍ଚାଇବାକୁ ଝରକାରୁ ଡେଇଁଲେ ପିଲା
- ସୋସିଆଲ ମିଡିଆରେ ଘୃଣା ଭରା ପୋଷ୍ଟ

**ମସ୍କୋ, ୨୦।୯**

ରୁଷିଆର ପର୍ମ ଷ୍ଟେଟ ୟୁନିଭର୍ସିଟିରେ ସୋମବାର ସକାଳେ ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇଛନ୍ତି। ଏଥିରେ ଅନ୍ୟୁନ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ଆହତ ହୋଇଛନ୍ତି। ଆକ୍ରମଣକାରୀ ସେହି ୟୁନିଭର୍ସିଟିର ଛାତ୍ର ବୋଲି ଜଣାପଡ଼ିଛି। ଗୁଳି ଚଳାଇବାର କିଛି ସମୟ ମଧ୍ୟରେ ତାଙ୍କୁ ସୁରକ୍ଷାକର୍ମୀମାନେ କାବୁ କରି ନେଇଛନ୍ତି। ଆକ୍ରମଣ ବେଳେ ଜୀବନ ବଞ୍ଚାଇବାକୁ ପ୍ରଥମ ☞ପୃଷ୍ଠା–୪



କାବୁଲ ପୌରପାଳିକାରେ ଯେଉଁ କାମ ପୁରୁଷମାନେ କରିପାରିବେ ତାହା କରିବା ଲାଗି ମହିଳାମାନଙ୍କୁ ଅନୁମତି ଦିଆଯିବ ନାହିଁ।
- ମୌଲବୀ ହମ୍‌ଦୁଲ୍ଲା ନୋମାନି, ତାଲିବାନ୍ ନିଯୁକ୍ତ କାବୁଲ ମେୟର

# ଦୁଇ ମହାଶକ୍ତି ମୁହାଁମୁହିଁ

## ଶୀତଳଯୁଦ୍ଧ ଏଡ଼ାଇବା ପାଇଁ ଆମେରିକା-ଚାଇନାକୁ ଜାତିସଂଘର ପରାମର୍ଶ

**ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆକୁ ନେଇ ନବଗଠିତ 'ଅକସ୍' ମେଣ୍ଟ ଚାଇନାର ବଢ଼ିଚାଲିଥିବା ପ୍ରଭାବକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମତରେ ଏକବିଂଶ ଶତାବ୍ଦୀରେ ବିଶ୍ୱର ଗଣତାନ୍ତ୍ରିକ ଓ ଏକଚ୍ଛତ୍ରବାଦୀ ରାଷ୍ଟ୍ରଗୁଡ଼ିକର ଉପଯୋଗିତା ମଧ୍ୟରେ ଏକ ଯୁଦ୍ଧ ଆରମ୍ଭ ହୋଇଛି। ବିଶେଷଜ୍ଞମାନେ ଏହାକୁ ଆଉ ଏକ ଶୀତଳଯୁଦ୍ଧ ଭାବେ ଅଭିହିତ କରିଛନ୍ତି। ଚାଇନା ମଧ୍ୟ ଆମେରିକାର ଆଭିମୁଖ୍ୟକୁ 'ଶୀତଳଯୁଦ୍ଧ ମାନସିକତା' ବୋଲି କହିଛି। ତେବେ ନୂଆ ଶୀତଳଯୁଦ୍ଧ ମଝିରେ ଫସିଯାଇଛି ଫ୍ରାନ୍ସ।**


ଜୋ ବାଇଡେନ୍

ୱାଶିଂଟନ/ବେଜିଂ,୨୦।୯

ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଓ ଚାଇନା ମଧ୍ୟରେ ପୁଣି ଆରମ୍ଭ ହୋଇଛି ଶୀତଳଯୁଦ୍ଧ। ଏଥର ଏହାର ମୂଳରେ ରହିଛି 'ଅକସ୍' ଚୁକ୍ତି। ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ଏହି ରାଜିନାମା ଅନୁସାରେ କାନ୍‌ବେରାକୁ ଆଣବିକ ଶକ୍ତି ସମ୍ପନ୍ନ ସବ୍-ମରିନ ମିଳିବ। ଏଥିଯୋଗୁ ଫ୍ରାନ୍ସ ସହ ସ୍ୱାକ୍ଷରିତ ବହୁ କୋଟି ଡଲାରର ଡିଲ୍‌କୁ ଅଷ୍ଟ୍ରେଲିଆ ବାତିଲ କରିଛି। ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆସୁଥିବା ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)ରେ ଚାଇନାର କ୍ରମବର୍ଦ୍ଧିଷ୍ଣୁ ସାମରିକ ଶକ୍ତିକୁ ପ୍ରତିହତ କରିବା ପାଇଁ ଏହା ଆମେରିକାର ଏକ ସୁଚିନ୍ତିତ ରଣନୀତି ବୋଲି କୁହାଯାଉଛି। କାରଣ ଆସନ୍ତା ୨୪ ତାରିଖରେ ୱାଶିଂଟନରେ ହେବାକୁ ଥିବା କ୍ୱାଡ୍ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଯୋଗଦେବେ। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଅକସ୍ ଗଠନ କରି ଚାଇନାକୁ ଚ୍ୟାଲେଞ୍ଜ ଦେଇଛନ୍ତି।

ଚାଇନା ସହ ଆମେରିକାର ଶତ୍ରୁତା ବହୁ ପୁରୁଣା। ବିଶ୍ୱର ନମ୍ବର ୱାନ୍ ହେବା ପାଇଁ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଥାଏ। ବିଶେଷକରି ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଥିବାବେଳେ 'ଆମେରିକା ଫାଷ୍ଟ' ନୀତିକୁ ନେଇ ଚାଇନା ବିରୋଧୀ ଆଭିମୁଖ୍ୟ ପୋଷଣ କରୁଥିଲେ। ତାଙ୍କ ସମୟରେ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଚରମସୀମାରେ ପହଞ୍ଚିଥିଲା। ଟ୍ରମ୍ପ୍ ବେଜିଂ ଉପରେ ଅନେକ ଟାରିଫ୍ କଟକଣା ଜାରି କରି ଚାଇନାର ଆର୍ଥିକ ଓ ବୈଷୟିକ ପ୍ରଗତିକୁ ରୋକିବାକୁ ଉଦ୍ୟମ କରିଥିଲେ। ତେବେ ଗତ ଜାନୁୟାରୀରେ ଜୋ ବାଇଡେନ୍ ରାଷ୍ଟ୍ରପତି ହେବା ପରେ ଆମେରିକାର ଆଭିମୁଖ୍ୟ ବଦଳିପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ବାଇଡେନ୍ ମଧ୍ୟ ତାଙ୍କ ପୂର୍ବସୂରୀଙ୍କ ପଦାଙ୍କ ଅନୁସରଣ କରି ବିଶ୍ୱରେ ଆମେରିକାର ଆଧିପତ୍ୟ ବଜାୟ ରଖିବାକୁ ଉଦ୍ୟମ କରିଛନ୍ତି। ଏହି କ୍ରମରେ ସେ ଗତ ୧୫ ତାରିଖରେ ଅଷ୍ଟ୍ରେଲିଆକୁ ଆଣବିକ ଶକ୍ତି ଚାଳିତ ବୁଡ଼ାଜାହାଜର ଟେକ୍ନୋଲୋଜି ଦେବାକୁ ରାଜି ହୋଇଛନ୍ତି। ଫଳରେ ୨୦୧୬ରେ ଫ୍ରାନ୍ସ ସହ ଅଷ୍ଟ୍ରେଲିଆ କରିଥିବା ୯୦ ବିଲିୟନ୍ ଡଲାରର ପ୍ରତିରକ୍ଷା ଚୁକ୍ତିକୁ ବାତିଲ କରିଦେଇଛି। ବିଶ୍ୱର ଦୁଇ ସୁପରପାୱାର ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଥିବାବେଳେ ଏହାକୁ ଏଡ଼ାଇବା ପାଇଁ ଉଭୟ ଆମେରିକା ଓ ଚାଇନାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ପରାମର୍ଶ ଦେଇଛନ୍ତି। ସୁଇଜରଲାଣ୍ଡର ଜେନେଭାସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଗୁଟେରେସ୍ ଏକ ମନ୍ତ୍ରୀସ୍ତରୀୟ ବୈଠକରେ ଅଧକ୍ଷତା କରି କହିଛନ୍ତି, ଆମେରିକା-ଚାଇନା ମଧ୍ୟରେ ଆଗକୁ ଏକ ସମ୍ଭାବ୍ୟ ଶୀତଳଯୁଦ୍ଧ ହୋଇପାରେ। ଏହାର ପରିଣାମ ବିଶ୍ୱରେ ଅଶାନ୍ତି ବୃଦ୍ଧିର କାରଣ ପାଲଟିବ ବୋଲି ସେ ଚେତାଇ ଦେଇଛନ୍ତି। ବିଶ୍ୱର ଦୁଇ ବଡ଼ ଅର୍ଥନୀତି ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ, କାରିଗରି, ମାବାଧିକାର, ଅନ୍‌ଲାଇନ୍ ସିକ୍ୟୁରିଟି ଏବଂ ଦକ୍ଷିଣ ଚାଇନା ସାଗରରେ ସାର୍ବଭୌମତ୍ୱ ଉପରେ ଗୁରୁତ୍ୱ ଦେବା ଉଚିତ। ସେମାନେ ଏପରି କରିବା ପରିବର୍ତ୍ତେ ପରସ୍ପର ସହ ମୁହାଁମୁହିଁ ହୋଇ ଲଢୁଛନ୍ତି, ଯାହାକି ଦୁର୍ଭାଗ୍ୟଜନକ ବୋଲି ଗୁଟେରେସ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଆମେରିକା-ବ୍ରିଟେନ୍-ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ଚୁକ୍ତିକୁ ନେଇ ଉତ୍ତର କୋରିଆର ପ୍ରତିକ୍ରିୟା ଆସିଛି। ଉତ୍ତର କୋରିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ଚୁକ୍ତି ଫଳରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରତିରକ୍ଷା ସନ୍ତୁଳନ ବିଗିଡ଼ିଯିବ। ଏହା ଆଣବିକ ଅସ୍ତ୍ରଶସ୍ତ୍ର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିର କାରଣ ପାଲଟିବ।

## ଜିନ୍‌ପିଙ୍ଗ୍‌ଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ


ଶି ଜିନ୍‌ପିଙ୍ଗ୍

ବେଜିଂ, ୨୦।୯

- ୬୦୦ ଦିନ ହେଲା କରିନାହାନ୍ତି ବିଦେଶ ଗସ୍ତ
- କେବଳ ଫୋନରେ କଥା ହେଉଛନ୍ତି

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସ୍ୱାସ୍ଥ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଦେଶ ଗସ୍ତରୁ ଦୂରେଇ ରହିବା ଏବଂ କେବଳ ଫୋନ୍‌ରେ କଥାହେଉଥିବାରୁ ସେ ଅସୁସ୍ଥ ଥିବା କୁହାଯାଉଛି। ରିପୋର୍ଟ ଅନୁସାରେ ଜିନ୍‌ପିଙ୍ଗ ୬୦୦ ଦିନ ଭିତରେ ଗୋଟିଏ ହେଲେ ବିଦେଶ ଗସ୍ତ କରିନାହାନ୍ତି। ନିକଟରେ ସେ ତିବ୍ବତ ଯାଇଥିଲେ। ତେବେ ତିବ୍ବତକୁ ଚାଇନା ନିଜର ବୋଲି ଦାବି କରୁଥିବାରୁ ତାହାକୁ ବେଜିଂ ଫରେନ୍ ଟୁର ବୋଲି ମାନି ନ ଥାଏ। ୟୁଏସ୍ ଟୁଡେ ପକ୍ଷରୁ ପ୍ରକାଶିତ ଖବର ଅନୁଯାୟୀ, ଜିନ୍‌ପିଙ୍ଗ କୌଣସି ବିଦେଶୀ ନେତାଙ୍କୁ ବ୍ୟକ୍ତିଗତ ଭାବେ ଦେଖା କରୁନାହାନ୍ତି। ଏଥିସହ ଥିବା କୌଣସି ବାହାର ନେତା କିମ୍ବା ଅଧିକାରୀ ଜିନ୍‌ପିଙ୍ଗଙ୍କ ସହ ସାକ୍ଷାତ କରିବା ଭଳି କାର୍ଯ୍ୟକ୍ରମ ମଧ୍ୟ ରଖାଯାଉନାହିଁ। ରାଷ୍ଟ୍ରପତିଙ୍କ ତରଫରୁ ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ବିଦେଶୀ ଅଧିକାରୀଙ୍କୁ ଦେଖା କରୁଛନ୍ତି। ଜିନ୍‌ପିଙ୍ଗ ୨୦୧୯ ମାର୍ଚ୍ଚରେ ଇଟାଲୀ, ମୋନାକୋ ଏବଂ ଫ୍ରାନ୍ସ ଗସ୍ତ କରିଥିଲେ। ଏହି ସମୟରେ ସେ ଅସୁସ୍ଥ ଥିବା ନେଇ ମଧ୍ୟ ଖବର ସାମ୍ନାକୁ ଆସିଥିଲା। ଏହା ପରଠାରୁ ସେ ରୁଷିଆ, ଫ୍ରାନ୍ସ, ଜର୍ମାନୀ ସମେତ ୬୦ ରାଷ୍ଟ୍ର ମୁଖ୍ୟଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ଅଶ୍ଳୀଳ ଫିଲ୍ମ ନିର୍ମାଣ ମାମଲା

### ରାଜ୍ କୁନ୍ଦ୍ରାଙ୍କୁ ଜାମିନ

**ନୂଆଦିଲ୍ଲୀ, ୨୦।୯:** ଅଶ୍ଳୀଳ ଫିଲ୍ମ ନିର୍ମାଣ ଏବଂ ବିଭିନ୍ନ ଆପ୍ ଯୋଗେ ତାହାକୁ ରିଲିଜ କରାଇବା ଅଭିଯୋଗରେ ଗିରଫ ହୋଇଥିବା ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ୍ କୁନ୍ଦ୍ରାଙ୍କୁ ସୋମବାର ଜାମିନ ମିଳିଛି। ୫୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ମୁମ୍ବାଇର ଏକ କୋର୍ଟ ତାଙ୍କୁ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ଗତ ଗୁରୁବାର ମୁମ୍ବାଇ ପୋଲିସ କୁନ୍ଦ୍ରାଙ୍କ ବିରୋଧରେ ୧୪ ଶହ ପୃଷ୍ଠାର ଚାର୍ଜଶିଟ୍ କୋର୍ଟରେ ଦାଖଲ କରିଥିଲା। ତଦନ୍ତ ଶେଷ ହୋଇଥିବା ଏବଂ ଚାର୍ଜଶିଟ୍ ଦାଖଲ ସରିଥିବା ଦର୍ଶାଇ ଶନିବାର କୁନ୍ଦ୍ରା ଜାମିନ ପାଇଁ ଆବେଦନ କରିଥିଲେ। ମାମଲାରେ ତାଙ୍କ ସକ୍ରିୟ ସମ୍ପୃକ୍ତି ନ ଥିବା ଏବଂ ତାଙ୍କୁ ଫସାଯାଇଥିବା ନେଇ ସେ ଜାମିନ ଆବେଦନରେ କହିଥିଲେ। ଗତ ଜୁଲାଇ ୧୯ରେ ବ୍ୟବସାୟୀ କୁନ୍ଦ୍ରାଙ୍କୁ ପୋଲିସ ଗିରଫ କରିଥିଲା। କୁନ୍ଦ୍ରା ହିଁ ମାମଲାର ମୁଖ୍ୟ ଅଭିଯୁକ୍ତ ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସୁଥିବା ନୂଆ ମଡେଲ ଓ ସଂଘର୍ଷ କରୁଥିବା ଅଭିନେତ୍ରୀଙ୍କୁ ଫସାଇ ସେ ପର୍ନ ଫିଲ୍ମ ନିର୍ମାଣ କରୁଥିଲେ ବୋଲି ପୋଲିସ ଚାର୍ଜଶିଟ୍‌ରେ ଦର୍ଶାଇଥିଲା। ଏଥିରେ ୪୩ ସାକ୍ଷ୍ୟଙ୍କ ସମେତ ଶିଳ୍ପାଙ୍କ ବୟାନ ସାମିଲ କରିଥିଲା।

### 'ସମୟ କହିବ ମୋ କାହାଣୀ'



**ମୁମ୍ବାଇ, ୨୦।୯:** ବଲିଉଡ୍ ଅଭିନେତା ସୋନୁ ସୁଦଙ୍କ ଘର ଓ ସମ୍ପତ୍ତି ଉପରେ ଆୟକର ବିଭାଗ ପକ୍ଷରୁ ଘନଘନ ଚଢ଼ାଉ ପରେ ସେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟିକସ ଫାଙ୍କିଥିବା ଅଭିଯୋଗ ହୋଇଥିଲା। ଏ ବିଷୟରେ ସୋନୁ ନିଜ ପ୍ରତିକ୍ରିୟା ରଖିଛନ୍ତି। ନିଜ ପକ୍ଷର କାହାଣୀ ସବୁବେଳେ ନିଜେ କହିବା ଆବଶ୍ୟକ ନାହିଁ। ସମୟ ତାହା କହିବ ବୋଲି ସୋନୁ କହିଛନ୍ତି। ତାଙ୍କ ଦାତବ୍ୟ ସଙ୍ଗଠନ 'ସୋନୁ ଚାରିଟି ଫାଉଣ୍ଡେଶନ'କୁ ଦାନ ଆକାରରେ ଆସିଥିବା ପ୍ରାୟ ୧୯ କୋଟିରୁ ସେ ମାତ୍ର ୧.୭ କୋଟି ଟଙ୍କା ଖର୍ଚ୍ଚ କରିଥିବା ଏବଂ ଅନ୍ୟାନ୍ୟ କାରବାରରେ ସେ ଟିକସ ଫାଙ୍କିଥିବା ଆଇ-ଟି ବିଭାଗ କହିଥିଲା। ତାଙ୍କ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା ଜୀବନ ରକ୍ଷା ଉଦ୍ଦେଶ୍ୟ ପୂରଣ କରିବାକୁ ଅପେକ୍ଷା କରିଛି ବୋଲି ସୋନୁ କହିଛନ୍ତି। ଭଲ କାମ କରୁଥିବା ମଣିଷଙ୍କ ପାଇଁ ଶେଷରେ ସର୍ବଦା ଭଲ ହୋଇଥାଏ ବୋଲି ଏକ କବିତା ଶୈଳୀରେ ସୋନୁ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି।

### ପଞ୍ଜାବରେ ଚନ୍ନି, ସିଦ୍ଧୁ ହେବେ ମୁଖ୍ୟମନ୍ତ୍ରୀ ଚେହେରା


ନବଜୋତ୍ ସିଂ ସିଦ୍ଧୁ

**ନୂଆଦିଲ୍ଲୀ,୨୦।୯:** ପଞ୍ଜାବରେ ଆସନ୍ତା ବିଧାନସଭା ନିର୍ବାଚନରେ କଂଗ୍ରେସ ପକ୍ଷରୁ କିଏ ମୁଖ୍ୟମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନେଇ କଂଗ୍ରେସର ଉତ୍ତର ଆସିଛି। ଉଭୟ ପିସିସି ସଭାପତି ନବଜୋତ୍ ସିଂ ସିଦ୍ଧୁ ଓ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ସୋମବାର ଏଆଇସିସି ମୁଖପାତ୍ର ରଣଜିତ୍ ସୂର୍ଯ୍ୟେୱାଲା ସ୍ପଷ୍ଟ କରିଛନ୍ତି। ସିଦ୍ଧୁଙ୍କ ବିଦ୍ରୋହ ଆଗରେ କଂଗ୍ରେସ ହାଇକମାଣ୍ଡ ମୁଣ୍ଡ ନୁଆଁଇ ମୁଖ୍ୟମନ୍ତ୍ରୀ ପଦରୁ ଅମରିନ୍ଦର ସିଂଙ୍କୁ ହଟାଇଦେଲେ। ତାଙ୍କ ସ୍ଥାନରେ ଦଳିତ ଚେହେରା ଚନ୍ନିଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଯାଇଛି। ତେବେ ଶାସନ କ୍ଷମତାର ଅସଲ ଚାବିକାଠି ସିଦ୍ଧୁଙ୍କ ହାତରେ ରହିବ ବୋଲି ଚର୍ଚ୍ଚା ହେଉଛି। ଏଭଳି ସମୟରେ ଆସନ୍ତା ନିର୍ବାଚନରେ କିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ପ୍ରଶ୍ନ କରାଯିବାରୁ ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିଶ ରାୱତ୍ ସିଦ୍ଧୁ ହେବେ ବୋଲି କହିଥିଲେ। ଏହାକୁ ନେଇ ବିଭିନ୍ନ ଦଳ ସମାଲୋଚନା କରିଥିବାବେଳେ ଡ୍ୟାମେଜ୍ କଣ୍ଟ୍ରୋଲ କରିବାକୁ ଯାଇ କଂଗ୍ରେସ ଏବେ ଉଭୟ ସିଦ୍ଧୁ ଓ ଚନ୍ନିଙ୍କ ନାମ ଉଲ୍ଲେଖ କରିଛି।


କେଟ ୱିନସ୍‌ଲେଟ୍

୭୩ତମ ପ୍ରାଇମଟାଇମ୍ ଏମି ଆୱାର୍ଡସ୍ ସମାରୋହ ଆମେରିକାର ଲସ୍ ଆଞ୍ଜେଲ୍‌ସଠାରେ ରବିବାର ଆୟୋଜିତ ହୋଇଛି। 'ମେୟର ଅଫ୍ ଇଷ୍ଟଟାଉନ୍' ଆନ୍ଥୋଲୋଜି ସିରିଜ୍‌ରେ ମୁଖ୍ୟ ଭୂମିକାରେ ଥିବା ଅଭିନେତ୍ରୀ କେଟ ୱିନସ୍‌ଲେଟ୍ ବେଷ୍ଟ ଆକ୍ଟ୍ରେସ୍ ଭାବେ ଏମି ଆୱାର୍ଡ ବିଜେତା ହୋଇଛନ୍ତି। ଅନ୍ୟପକ୍ଷରେ ଡ୍ରାମାର ପ୍ରାୟ ସମସ୍ତ କାଟାଗୋରିରେ 'ଦ କ୍ରାଉନ୍' ଅଧିକାଂଶ ପୁରସ୍କାର ପୋଛି ନେଇଛି। 'ଦ କ୍ରାଉନ୍' ବେଷ୍ଟ ଡ୍ରାମା ସିରିଜ, ବେଷ୍ଟ ଡ୍ରାମା ଅଭିନେତ୍ରୀ (ଓଲିଭିଆ କୋଲମାନ୍), ବେଷ୍ଟ ଡ୍ରାମା ଅଭିନେତା (ଜୋଶ ଓ' କୋନ୍ନର), ବେଷ୍ଟ ସପୋର୍ଟିଂ ଅଭିନେତ୍ରୀ (ଗିଲିଆନ୍ ଆଣ୍ଡେରସନ୍) ଆଦି ବିଭାଗରେ ଏମି ଆୱାର୍ଡ ହାତେଇଛି।

# ନେତାଙ୍କ 'ରାକ୍ଷୀ' ଚର୍ଚ୍ଚା

ଲକ୍ଷ୍ନୌ, ୨୦।୯



ରାଜନେତାଙ୍କ ମୁହଁରେ ବଲିଉଡ୍ ଅଭିନେତ୍ରୀ ରାକ୍ଷୀ ସାୱନ୍ତଙ୍କ ନାଁକୁ ନେଇ ଚର୍ଚ୍ଚା ଲାଗି ରହିଛି। ଆମ୍ ଆଦ୍‌ମୀ ପାର୍ଟି ନେତା ରାଘବ ଚଢ଼ାଙ୍କ ପରେ ଉତ୍ତରପ୍ରଦେଶ ବାଚସ୍ପତି ହୃଦୟ ନାରାୟଣ ଦୀକ୍ଷିତ୍ ମହାତ୍ମା ଗାନ୍ଧୀ ଓ ରାକ୍ଷୀ ସାୱନ୍ତଙ୍କ କପଡ଼ା ଉପରେ ବିବାଦୀୟ ମନ୍ତବ୍ୟ ରଖିଛନ୍ତି। ୟୁପିର ଉନ୍ନାଓଠାରେ ଶନିବାର ଭାଜପା ପ୍ରବୁଦ୍ଧ ସମ୍ମିଳନୀରେ ଦୀକ୍ଷିତଙ୍କ କମେଣ୍ଟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଏଥିରେ ଦୀକ୍ଷିତ କହିଛନ୍ତି, ଗାନ୍ଧିଜୀ କମ୍ କପଡ଼ା ପିନ୍ଧୁଥିଲେ, ଧୋତି ପରିଧାନ କରୁଥିଲେ। ଗାନ୍ଧିଜୀଙ୍କୁ ବାପୁ କୁହାଗଲା। ଯଦି ସେହି କ୍ରମରେ କେହି ପୋଷାକ ଖୋଲିଦେଲେ ମହାନ୍ ହୋଇଯାଇଥା'ନ୍ତେ ତେବେ ରାକ୍ଷୀ ସାୱନ୍ତ ଗାନ୍ଧୀଙ୍କ ଠାରୁ ବି ବଡ଼ ହୋଇଥା'ନ୍ତେ। ଏଭଳି ମନ୍ତବ୍ୟକୁ ନେଇ ବିବାଦ ଦେଖାଯାଇଥିବାବେଳେ ଏହା ଉପରେ ସେ ସଫେଇ ଦେଇଛନ୍ତି। ଦୀକ୍ଷିତ କହିଛନ୍ତି, ସେ କାହାରି ତୁଳନା କରିନାହାନ୍ତି କିମ୍ବା ତାଙ୍କ କଥାର ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ସଭାରେ ତାଙ୍କୁ ବିଦ୍ୱାନ ଓ ମହାନ ଆଖ୍ୟା ଦିଆଯିବାରୁ ସେ ଏପରି କହିଥିଲେ। କେବଳ ଲେଖାପଢ଼ା ଜାଣିଦେଲେ କେହି ମହାନ୍ ହୋଇ ନ ଥାନ୍ତି। ସେଥିପାଇଁ ଅନ୍ୟ ଗୁଣ ମଧ୍ୟ ଆବଶ୍ୟକ ବୋଲି କହି ଗାନ୍ଧିଜୀଙ୍କ ଉଦାହରଣ ଦେଇଥିଲେ ବୋଲି ଦୀକ୍ଷିତ କହିଛନ୍ତି। ସୂଚନାଯୋଗ୍ୟ, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଇସ୍ତଫାକୁ ନେଇ କଂଗ୍ରେସ ନେତା ନବଜୋତ୍ ସିଦ୍ଧୁଙ୍କୁ ଦଳର ରାକ୍ଷୀ ସାୱନ୍ତ ବୋଲି କହି ଏଏପି ନେତା ରାଘବ ଚଢ଼ା ସମାଲୋଚନା କରିଥିଲେ। ରାଘବ ତାଙ୍କ ନାଁରୁ ଦୂରେଇ ରୁହନ୍ତୁ ବୋଲି ରାକ୍ଷୀ କହିଥିଲେ।

**ଗାନ୍ଧିଜୀଙ୍କୁ ରାକ୍ଷୀ ସାୱନ୍ତଙ୍କ ସହ ତୁଳନା**

**ବିବାଦରେ ୟୁପି ବାଚସ୍ପତି**



# ଶପଥ ନେଲେ ଚନ୍ନି

ଚଣ୍ଡିଗଡ଼ ୨୦।୯

କଂଗ୍ରେସ ନେତା ଚରଣଜିତ ସିଂ ଚନ୍ନି ସୋମବାର ପୂର୍ବାହ୍ନରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଭବନରେ ଆୟୋଜିତ ସମାରୋହରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପଞ୍ଜାବ ପିସିସି ସଭାପତି ନବଜୋତ ସିଂ ସିଦ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ନିଙ୍କ ସହ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ଭାବେ ସୁଖଜିନ୍ଦର ସିଂ ରନ୍ଧାୱା ଏବଂ ଓପି ସୋନି ମଧ୍ୟ ଶପଥ ନେଇଛନ୍ତି। ରାଜ୍ୟପାଳ ବନୱାରିଲାଲ ପୁରୋହିତ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଶପଥ ନେବା ପରେ ଚନ୍ନି ଏକ ଖବରଦାତା ସମ୍ମିଳନୀ କରିଥିଲେ। ପଞ୍ଜାବ ସରକାର ସର୍ବଦା କୃଷକଙ୍କ ସହ ଅଛନ୍ତି। କେନ୍ଦ୍ର ସରକାର ତୁରନ୍ତ ନୂଆ କୃଷି ଆଇନ ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଥିଲେ। ରାହୁଲ ଗାନ୍ଧୀଙ୍କୁ ଜଣେ ବିପ୍ଳବୀ ନେତା ଅଭିହିତ କରି ଚନ୍ନି କହିଥିଲେ, ତାଙ୍କ ପରି ଜଣେ ଗରିବଙ୍କୁ କଂଗ୍ରେସ ଏପରି ସ୍ଥାନ ଦେଇଛି ଯେଉଁଠି ସେ କେବେ ପହଞ୍ଚିପାରିବେ ବୋଲି ଆଶା କରି ନ ଥିଲେ। ଏଥିସହ କୃଷକ ଏବଂ ଗରିବ ପରିବାରକୁ ଜଳ ଓ ବିଦ୍ୟୁତ କର ଛାଡ଼ କରିବା ଉପରେ ତାଙ୍କ କ୍ୟାବିନେଟ୍ ଚିନ୍ତା କରୁଥିବା ସେ ପ୍ରକାଶ କରିଥିଲେ।



**କୃଷି ଆଇନ ପ୍ରତ୍ୟାହାର କର: ପଞ୍ଜାବ ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ହେବା ପରେ ଚନ୍ନିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ପଞ୍ଜାବ ସରକାରଙ୍କ ସହ ମିଶି ଲୋକଙ୍କ ପାଇଁ ଉଦ୍ୟମ ଜାରି ରହିବ ବୋଲି ମୋଦି ଏକ ଟୁଇଟ୍ କରିଛନ୍ତି। ବହୁଜନ ସମାଜ ପାର୍ଟି(ବିଏସ୍‌ପି) ସୁପ୍ରିମୋ ମାୟାବତୀ ମଧ୍ୟ ଚନ୍ନିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଞ୍ଜାବ ବିଧାନସଭା ନିର୍ବାଚନ ଆଉ ୫ ମାସରୁ କମ୍ ସମୟ ଥିବାବେଳେ ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ କ୍ଷମତା କନ୍ଦଳକୁ ନେଇ ବରିଷ୍ଠ କଂଗ୍ରେସ ନେତା ଅମରିନ୍ଦର ସିଂ ଶନିବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

# ଆଫଗାନିସ୍ତାନରେ ସିରିଜ୍ ବିସ୍ଫୋରଣ

କାବୁଲ, ୨୦।୯

ଆଫଗାନିସ୍ତାନର ଜଲାଲାବାଦ ଏବଂ କାବୁଲରେ ତାଲିବାନ୍ ଗାଡ଼ିକୁ ଟାର୍ଗେଟ କରି ସିରିଜ ବିସ୍ଫୋରଣ ହୋଇଛି। ଏଥିରେ ଏକାଧିକ ତାଲିବାନୀଙ୍କ ସମେତ ଅତିକମ୍‌ରେ ୮ ଜଣ ନିହତ ହୋଇଛନ୍ତି। ଆହୁରି ୩୦ ଜଣ ଗୁରୁତର ହୋଇଛନ୍ତି। ଶନିବାର ରାତିରେ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଆକ୍ରମଣ ପାଇଁ ଆତଙ୍କବାଦୀ ସଙ୍ଗଠନ ଆଇଏସ୍-ଖୋରାସାନ୍ ନିଜକୁ ଦାୟୀ କରିଛି। ଏହି ଆକ୍ରମଣ ପରେ ନିଜ ପ୍ରତିଦ୍ୱନ୍ଦ୍ୱୀ ତଥା ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ତାଲିବାନ୍ ପ୍ରତି ବିପଦ ଆଶଙ୍କା ଘନେଇଛି।

ସୂଚନା ଅନୁଯାୟୀ, ନଙ୍ଗାରହାର ପ୍ରଦେଶ ରାଜଧାନୀ ଜଲାଲାବାଦରେ ୪ଟି ସିରିଜ ବିସ୍ଫୋରଣ ହୋଇଛି। ଆକ୍ରମଣ ପରେ ରବିବାର ଆଇଏସ୍‌ଆଇଏସ୍-କେ ଟେଲିଗ୍ରାମ ଯୋଗେ ନିଜକୁ ଦାୟୀ କରିଛି। ଏଥିରେ ୩୫ ତାଲିବାନୀ ମୃତାହତ ହୋଇଥିବା ଏହି ଗୋଷ୍ଠୀ ଦାବି କରିଛି। ସେମାନଙ୍କ ମଧ୍ୟରେ କେତେଜଣ ଶିଶୁ ଓ ମହିଳା ମଧ୍ୟ ରହିଛନ୍ତି। ସେହିପରି କାବୁଲର ଦଶତ୍-ଇ-ବାର୍‌ଚିଠାରେ ଏକ କାର୍ ବିସ୍ଫୋରଣ ହୋଇଛି। ଏଥିରେ ୨ ଜଣ ଆହତ ହୋଇଥିବା ସୂଚନା ରହିଛି। ଆଫଗାନିସ୍ତାନରୁ ନାଟୋ ଏବଂ ଆମେରିକା ସୈନ୍ୟ ପ୍ରତ୍ୟାହାର ଚାଲିଥିବାବେଳେ ଗତ ଅଗଷ୍ଟ ୧୫ରେ ତାଲିବାନ୍ ରାଜଧାନୀ କାବୁଲକୁ କବ୍‌ଜା କରିନେଇଥିଲା। ଅଗଷ୍ଟ ୩୧ ପୂର୍ବରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ଶେଷ କରିବା ପରେ ସେପ୍ଟେମ୍ବର ୭ରେ ତାଲିବାନ୍ ଆଫଗାନିସ୍ତାନରେ ଏହାର ଅନ୍ତରୀଣ ସରକାର ଗଠନ କରିଛି। ସରକାର ଗଢ଼ିସାରିଥିଲେ ହେଁ ଏହାକୁ ବ୍ୟବସ୍ଥିତ ଢଙ୍ଗରେ ଚଳାଇବା ତାଲିବାନ୍ ପାଇଁ ସହଜ ହୋଇନି। ବିପର୍ଯ୍ୟସ୍ତ ଅର୍ଥନୀତିରେ ସୁଧାର, ସୁରକ୍ଷା ବ୍ୟବସ୍ଥା ମଜଭୁତ କରିବା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଆଇଏସ୍ ଆକ୍ରମଣ ଏବେ ଏହି ତାଲିବାନ୍‌ର ପ୍ରଚେଷ୍ଟାକୁ ଜଟିଳ କରିପାରେ। ଆଫଗାନିସ୍ତାନରୁ ବିଦେଶୀ ବଳ ହଟିବା ପୂର୍ବରୁ ଆଇଏସ୍ ଓ ତାଲିବାନ୍ ମଧ୍ୟରେ ଶତ୍ରୁତା ରହିଛି। କଠୋର ଇସ୍‌ଲାମ ନୀତି ଜାରି କରିବା ଉଭୟ ଗୋଷ୍ଠୀର ଲକ୍ଷ୍ୟ ରହିଥିଲେ ହେଁ ତାଲିବାନ୍ କେବଳ ଆଫଗାନିସ୍ତାନକୁ ନିୟନ୍ତ୍ରଣକୁ ନେଇ ସେହି ଦେଶ ମଧ୍ୟରେ ତାହାକୁ ସୀମିତ ରଖିଛି। ତେବେ ଆଇଏସ୍ ସମଗ୍ର ବିଶ୍ୱରେ ତାହାର ଶାଖା ମେଲାଇ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ଗତ ମାସରେ କାବୁଲ ବିମାନବନ୍ଦର ନିକଟରେ ଆଇଏସ୍-କେ ବିସ୍ଫୋରଣରେ ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ପ୍ରାୟ ୧୮୦ ଜଣ ନିହତ ହୋଇଥିଲେ।



- ତାଲିବାନୀଙ୍କ ସମେତ ୮ ନିହତ
- ନିଜକୁ ଦାୟୀ କଲା ଆଇଏସ୍-କେ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୯୫,୦୯,୦୧୪ | ୪୭,୦୮,୭୨୩ | ୨୦,୬୧,୬୮,୭୦୫ |
| ଭାରତ | ୩,୩୫,୦୧,୮୫୧ | ୪,୪୫,୩୬୯ | ୩,୨୭,୪୦,୮୭୧ |
| ଓଡ଼ିଶା | ୧୦,୨୦,୭୫୪ | ୮୧୪୧(+୫୩) | ୧୦,୦୭,୬୬୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଲଳିତ କଳା ଏକାଡେମୀ ସଭାପତି ଭାବେ ପୁନଃ ମନୋନୀତ ହେଲେ ସୁଦର୍ଶନ ପଟ୍ଟନାୟକ



ଭୁବନେଶ୍ୱର, ୨୦।୯ (ବ୍ୟୁରୋ) - ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ଭାବେ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁନଃ ମନୋନୀତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସେ ମନୋନୀତ ହୋଇଥିବା ନେଇ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁଦର୍ଶନ ୨୦୧୮ରୁ ଲଳିତ କଳା ଏକାଡେମୀ ସଭାପତି ରୂପେ କାର୍ଯ୍ୟ ନିର୍ବାହ କରିଆସୁଥିଲେ। ଚଳିତବର୍ଷ ତାଙ୍କର କାର୍ଯ୍ୟକାଳ ସରୁଥିଲା। ତେବେ ଆଗାମୀ ୩ ବର୍ଷ ପାଇଁ ସେ ପୁଣି ଏକାଡେମୀ ସଭାପତି ଦାୟିତ୍ୱ ତୁଲାଇବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ପ୍ରକାଶ ପାଇଲା ଓଟିଇଟି ପରୀକ୍ଷାଫଳ

**କଟକ ଅଫିସ,୨୦।୯:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷାଫଳ ବୋର୍ଡ ୱେବସାଇଟ୍ 'www.bseodisha.ac.in'ରେ ଦେଖିପାରିବେ। ଓଏମ୍ଆର୍ ଉତ୍ତର ଖାତା ଉକ୍ତ ୱେବସାଇଟ୍‌ରେ ଉପଲବ୍ଧ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏପ୍ରିଲ ୯ରେ ୨୮୪ଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା ହୋଇଥିଲା। ମୋଟ ଦୁଇଟି ପେପର ପରୀକ୍ଷା ହୋଇଥିଲା। ପ୍ରଥମ ପେପର ପରୀକ୍ଷା ପୂର୍ବାହ୍ନ ୮ଟାରୁ ୧୦ଟା ୩୦ ଏବଂ ଦ୍ୱିତୀୟ ପେପର ପରୀକ୍ଷା ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ହୋଇଥିଲା। ପରୀକ୍ଷା ପାଇଁ ମୋଟ୍ ୧ ଲକ୍ଷ ୨୫ ହଜାର ୮୮୦ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ପ୍ରଥମ ପେପର ଲାଗି ୭୨ହଜାର ୪୭୭ ଏବଂ ଦ୍ୱିତୀୟ ପେପର ନିମନ୍ତେ ୫୩ ହଜାର ୪୦୩ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆବେଦନ କରିଥିଲେ।

### ରୂପକ ଦାସ ହତ୍ୟା ମାମଲା
### ଅଭିଯୁକ୍ତ ୨ ଭାଇଙ୍କୁ ଆଜୀବନ ଜେଲ

**ପୁରୀ ଅଫିସ, ୨୦।୯:** ଦୀର୍ଘ ୧୫ବର୍ଷ ପରେ ସୋମବାର ରୂପକ ଦାସ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ହତ୍ୟା ଅଭିଯୁକ୍ତ ଦୁଇଭାଇ ସଞ୍ଜୟ ସାହୁ ଓ ରଞ୍ଜୟ ସାହୁଙ୍କୁ ପୁରୀ ପ୍ରଥମଶ୍ରେଣୀ ସେସନ୍ସ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୨୦୦୬ ଡିସେମ୍ବର ୧୮ରେ ପୁରୀ ଟାଉନ ଥାନା ଚୁଡ଼ଙ୍ଗ ସାହି ମାତା ଗୋସେଇଁ ଲେନ୍ ନିବାସୀ ରୂପକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘରୁ ଡାକି ନେଇ ହତ୍ୟା କରାଯାଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତ ରଞ୍ଜୟଙ୍କୁ ଗିରଫ କରାଯାଇଥିବାବେଳେ ସଞ୍ଜୟ ଫେରାର ହୋଇଯାଇଥିଲେ। ୨୦୧୪ରେ ସଞ୍ଜୟଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୦୦୮ରେ ରଞ୍ଜୟଙ୍କୁ କାରାଦଣ୍ଡାଦେଶ ମିଳିଥିବାବେଳେ ସଞ୍ଜୟଙ୍କୁ ସୋମବାର ଦଣ୍ଡାଦେଶ ଦିଆଯାଇଛି।

# ବିଦ୍ୟାଭାରତୀଙ୍କ ଲାଏ ଡିଟେକ୍ସନ ହେଲା

## ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

- ୪ ଘଣ୍ଟାର ଜେରାରେ ଶତାଧିକ ପ୍ରଶ୍ନ
- ଶନିବାର ଡିଏଫ୍‌ଓ, ରୋଷେୟାଙ୍କ ଟେଷ୍ଟ ହୋଇଥିଲା
- ଏବେବି ରହସ୍ୟ ଘେରରେ ପୂରା ଘଟଣା

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ୨ ମାସ ବିତିଥିଲେ ମଧ୍ୟ ଏବେ ବି ଘଟଣା ରହସ୍ୟ ହୋଇ ରହିଛି। ଶନିବାର ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ସୌମ୍ୟଙ୍କ ରୋଷେୟା ମନ୍ମଥ କୁମ୍ଭଙ୍କ ଲାଏ ଡିଟେକ୍ସନ କରିଥିଲା କ୍ରାଇମବ୍ରାଞ୍ଚ। ସୋମବାର ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କର ମଧ୍ୟ ଭୁବନେଶ୍ୱର ଫୋରେନସିକ୍ ଲାବ୍‌ରେ ଲାଏ ଡିଟେକ୍ସନ କରାଯାଇଛି। କଡ଼ା ସୁରକ୍ଷା ମଧ୍ୟରେ କ୍ରାଇବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ବିଦ୍ୟାଙ୍କୁ ଫୋରେନସିକ୍ ଲାବ୍ ଭିତରକୁ ନେଇଥିଲା। ବିଦ୍ୟାଙ୍କ ସହ ତାଙ୍କ ବାପା ଥିଲେ। ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅନେକ ପ୍ରଶ୍ନ ପଚରାଯାଇଥିଲା। ବିଦ୍ୟା ପୂର୍ବରୁ ଦେଇଥିବା ବୟାନର ସତ୍ୟତା ଜାଣିବାକୁ ଏକ୍ସପର୍ଟମାନେ ଚେଷ୍ଟା କରିଥିଲେ। ସୌମ୍ୟ ଜଳିଯାଉଥିବାବେଳେ କ'ଣ କରୁଥିଲେ ବିଦ୍ୟାଭାରତୀ ? ଘଟଣା ପରେ କାହିଁକି ସୌମ୍ୟଙ୍କ ପରିବାର ଲୋକଙ୍କୁ ଜଣାଯାଇ ନ ଥିଲା ? ସୌମ୍ୟ ପୋଡି ହୋଇ ଗୁରୁତର ଥିବାବେଳେ ଅଧା ବାଟରେ କାହିଁକି ଅଟକିଥିଲା ଆମ୍ବୁଲାନ୍ସ ? ହସ୍ପିଟାଲରେ ଡିଏଫ୍‌ଓ କ'ଣ କରୁଥିଲେ ? ସୌମ୍ୟଙ୍କ କ୍ୱାର୍ଟର୍ସକୁ ପରିବାର ଲୋକଙ୍କ ସମେତ ଅନ୍ୟ କେଉଁମାନଙ୍କର ଯିବା ଆସିବା ରହିଥିଲା ? ସୌମ୍ୟ ନିଜେ କିରୋସିନ ଢାଳି ହୋଇ ଆତ୍ମହତ୍ୟା କରିଥିଲେ ନାଁ ତାଙ୍କୁ କେହି ଏହା କରିବାକୁ ପ୍ରବର୍ତ୍ତାଇ ଥିଲେ ? ଏଭଳି ବିଭିନ୍ନ ଦିଗକୁ ନେଇ ଶତାଧିକ ପ୍ରଶ୍ନ ପଚରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, ପାରଳାଖେମୁଣ୍ଡିସ୍ଥିତ ସରକାରୀ କ୍ୱାର୍ଟର୍ସରେ ଜୁଲାଇ ୧୨ ରାତି ପ୍ରାୟ ୯ଟାରେ ସୌମ୍ୟଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ସୌମ୍ୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାରଳାଖେମୁଣ୍ଡି ମେଡ଼ିକାଲ ପରେ ବ୍ରହ୍ମପୁର ଏମ୍‌କେସିଜି ଓ କଟକର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ୧୩ ତାରିଖ ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣା ପରେ ଡିଏଫ୍‌ଓ ସଂଗ୍ରାମ କେଶରୀ ବିବାଦ ଓ ସନ୍ଦେହ ଘେରକୁ ଆସିଥିଲେ। ବିଦ୍ୟାଭାରତୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସୌମ୍ୟଙ୍କ ପରିବାର ଲୋକେ ମଧ୍ୟ ଡିଏଫ୍‌ଓ ସଂଗ୍ରାମଙ୍କ ଉପରକୁ ଅଙ୍ଗୁଳି ଉଠାଇବା ସହିତ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ଚାଲିଥିବାବେଳେ ଡିଏଫ୍‌ଓ, ରୋଷେୟାଙ୍କୁ ତତ୍କାଳୀନ ଏସ୍‌ପି କ୍ଲିନଚିଟ୍ ଦେଇଥିଲେ। ଏହାକୁ ସୌମ୍ୟଙ୍କ ପରିବାର ଲୋକେ ବିରୋଧ କରିଥିଲେ। ପୁଅ ହତ୍ୟାକାରୀଙ୍କୁ ଗିରଫ ଦାବିକରି ସୌମ୍ୟଙ୍କ ବାପା ଓ ମା' ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେବା ସହ ଆତ୍ମାହୁତି ଚେତାବନୀ ଦେଇଥିଲେ। ଘଟଣାର ୩୪ ଦିନ ପରେ ଅର୍ଥାତ୍ ଅଗଷ୍ଟ୧୪ରେ ପୋଲିସ ଡିଜି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଦ୍ୟାଭାରତୀଙ୍କ ସମେତ ଏକାଧିକଙ୍କ ବୟାନ ରେକର୍ଡ କରିଥିଲେ ମଧ୍ୟ ମୃତ୍ୟୁର କାରଣ ପାଇପାରି ନ ଥିଲା କ୍ରାଇମବ୍ରାଞ୍ଚ। ଏଥିସହ ବିଦ୍ୟାଭାରତୀ ଓ ଡିଏଫ୍‌ଓ ମିଛ କହୁଛନ୍ତି ବୋଲି ସୌମ୍ୟଙ୍କ ବାପା ଅଭିଯୋଗ ଉଠାଇବା ପରେ ଏବେ ଲାଏ ଡିଟେକ୍ସନ କରାଯାଇଛି।



ଲାଏ ଡିଟେକ୍ସନ୍ ପରେ ବିଦ୍ୟାଭାରତୀଙ୍କୁ ଗାଡ଼ିକୁ ନିଆଯାଉଛି।

# ରେମୁଣା ବିଧାୟକଙ୍କୁ ନୋଟିସ

## ହାର୍ଭେଷ୍ଟର ବିକ୍ରି ନାଁରେ ଠକେଇ ମାମଲା

ବାଲେଶ୍ୱର ଅଫିସ,୨୦।୯

ଅଗ୍ରୀମ ଟଙ୍କା ନେଇ ହାର୍ଭେଷ୍ଟର (ଧାନକଟା ମେଶିନ) ନ ଦେବା ତଥା ଟଙ୍କା ନ ଫେରାଇବା ଘଟଣାରେ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ନିଗମାନନ୍ଦ ଆସୋସିଏଟ୍ସ ସଂସ୍ଥାର ପ୍ରୋପ୍ରାଇଟର ତଥା ରେମୁଣା ସୁଧାଂଶୁ ଶେଖର ପରିଡ଼ାଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନୋଟିସ୍ ଦେଇଛନ୍ତି। ଚାନ୍ଦିପୁର ଥାନା ଅଧୀନ ରଣସାହି ଗ୍ରାମର ତନ୍ମୟ ମହାନ୍ତିଙ୍କ ଦ୍ୱାରା କରାଯାଇଥିବା ଓ୍ୱାନସିସି ନଂ. ୧୩୨/୨୦୧୯ରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

ତନ୍ମୟ ହାର୍ଭେଷ୍ଟର କିଣିବା ଲାଗି ନିଗମାନନ୍ଦ ଆସୋସିଏଟ୍ସର ପ୍ରୋପାଇଟର ବିଧାୟକ ପରିଡାଙ୍କୁ ୧୩ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଦୀର୍ଘଦିନ ଧରି ତାଙ୍କୁ ହାର୍ଭେଷ୍ଟର ନ ଦେବା ଏବଂ ଟଙ୍କା ନ ଫେରାଇବା କାରଣରୁ ସେ ପ୍ରଥମେ ଚାନ୍ଦିପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରୋପାଇଟର ପରିଡ଼ା ବିଧାୟକ ଥିବାରୁ ଚାନ୍ଦିପୁର ଥାନା ତନ୍ମୟଙ୍କ ଅଭିଯୋଗ ରଖି ନ ଥିଲେ। ପରେ ସେ କୋର୍ଟର ଆଶ୍ରୟ ନେଇଥିଲେ। ଏନେଇ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ନିଗମାନନ୍ଦ ଆସୋସିଏଟ୍ସର ପାର୍ଟନର ପ୍ରସନ୍ନ ଜେନା, ଏମ୍/ଏସ୍ କୁବୋଟାର ରିଜିଓନାଲ ମ୍ୟାନେଜର ପ୍ରବଳ ପ୍ରତାପ ସିଂହ, କୁବୋଟାର ଟେରିଟୋରିଆଲ ମ୍ୟାନେଜର ସୂର୍ଯ୍ୟକାନ୍ତ ମିଶ୍ର ଏବଂ ମ୍ୟାନେଜିଂ ଡାଇରେକ୍ଟର କୁବୋଟା ଏଗ୍ରିକଲଚରାଲ ମେଶିନାରୀ ପ୍ରାଇଭେଟ୍ ଲିମିଟେଡ୍‌ଙ୍କୁ ପୂର୍ବରୁ ନୋଟିସ୍ ହୋଇଥିଲା। ପ୍ରୋପାଇଟର ପରିଡ଼ା ବିଧାୟକ ହୋଇଥିବାରୁ ତାଙ୍କୁ ବ୍ୟକ୍ତିଗତ ନୋଟିସ୍ ପାଇଁ ବାଚସ୍ପତିଙ୍କ ଅନୁମୋଦନ ପାଇଁ ଅଦାଲତ ଜଣାଇଥିଲେ। ବାଚସ୍ପତିଙ୍କ ଅନୁମୋଦନ ମିଳିବା ପରେ ଚଳିତମାସ ୧୬ତାରିଖରେ ବିଧାୟକ ପରିଡ଼ାଙ୍କୁ ବ୍ୟକ୍ତିଗତ ଭାବେ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେବା ପାଇଁ ନୋଟିସ୍ ହୋଇଛି।



ସୁଧାଂଶୁ ଶେଖର ପରିଡ଼ା।

# ଓସିସିଏଲ୍ ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ସମ୍ବଲପୁର,୨୦।୯(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ଭିଜିଲାନ୍ସ ଟିମ୍ ସୋମବାର ଓଡ଼ିଶା କନ୍‌ଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ (ଓସିସିଏଲ୍)ର ସିନିୟର ମ୍ୟାନେଜର ରଞ୍ଜନ ଡାଙ୍ଗଙ୍କ ଘରେ ଚଢାଉ କରିଛି। ଏକକାଳିନ ଚୈତନ୍ୟନଗରସ୍ଥିତ ତାଙ୍କ ବାସଭବନ, କାର୍ଯ୍ୟାଳୟ ଓ କୁଞ୍ଜେଲପଡାର ତାଙ୍କ ଶ୍ୱଶୁର ଘରେ ଏହି ଚଢାଉ ହୋଇଛି। ଚଢାଉ ସମୟରେ ଭିଜିଲାନ୍ସ ୨ କୋଟି ୨୭ ଲକ୍ଷ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରିଛି। ଚୈତନ୍ୟନଗରରେ ୩ ମହଲା କୋଠା, ସମ୍ବଲପୁର ଜିଲାରେ ୬ ପ୍ଲଟ ଓ ସୁବର୍ଣ୍ଣପୁର ଜିଲାରେ ୧ ପ୍ଲଟ, ଦୁଇଚକିଆ ଗାଡି ଠାବ ହୋଇଛି। ସେହିପରି ୧୬ ଲକ୍ଷ ୯୬ ହଜାର ଟଙ୍କାର ବ୍ୟାଙ୍କ ଜମା, ବୀମାବଣ୍ଡ ୨୧ ଲକ୍ଷ, ନଗଦ ୧ ଲକ୍ଷ ୪୫ ହଜାର ୮୫୦ ଟଙ୍କା ଜବତ ହୋଇଛି । ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୋଟ ୨ କୋଟି ୨୭ ଲକ୍ଷ ହେବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ରାତି ୮ଟା ପର୍ଯ୍ୟନ୍ତ ଖବର ଲେଖାହେବା ସୁଦ୍ଧା ଚଢାଉ ଜାରି ରହିଥିଲା। ଏହି ଚଢାଉରେ ୨ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର ପାହ୍ୟାର ଅଧିକାରୀ ସାମିଲ ଥିଲେ।



ରଞ୍ଜନ ଡାଙ୍ଗ।



ଜବତ ହୋଇଥିବା ଟଙ୍କା।

**ବିକ୍ରୟ ନୋଟିସ କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା**

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ
ସୁବର୍ଣ୍ଣ ସୁଯୋଗ!!!
**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍** (ପରିସମାପନାଧୀନ)ର
ବିକ୍ରୟ ନୋଟିସରେ ନିଲାମ ବିଡ୍ ଆମନ୍ତ୍ରଣ କରାଯାଉଛି
**ଇ-ନିଲାମର ତାରିଖ ଓ ସମୟ: ୬ ଅକ୍ଟୋବର, ୨୦୨୧ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ ଘଟିକା**
ମେସର୍ସ କେଭିକେ ନୀଳଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍ (ପରିସମାପନାଧୀନ)ର ପରିସମ୍ପତ୍ତିଗୁଡ଼ିକର "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ" ଏବଂ "ବିନା ଅବଲମ୍ୱନ ଭିତ୍ତିରେ" ଇ-ନିଲାମ ବିକ୍ରୟ ।

| ଇ-ନିଲାମର ତାରିଖ | ବ୍ୟବସାୟ / ପରିସମ୍ପତ୍ତିର ପ୍ରକୃତି | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ଜମା ରାଶି (ଆଇଏନ୍‌ଆର୍) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍) |
|---|---|---|---|---|
| ୬ ଅକ୍ଟୋବର ୨୦୨୧ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୧,୦୩,୪୧,୦୦,୦୦୦ (ଶହେ ତିନି କୋଟି ଏକଚାଳିଶ ଲକ୍ଷ ଟଙ୍କା ମାତ୍ର) | ୩,୫୦,୦୦,୦୦୦ (ତିନି କୋଟି ପଚାଶ ଲକ୍ଷ ଟଙ୍କା ମାତ୍ର) | ୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର) |

ପ୍ରମୁଖ ବୈଶିଷ୍ଟ୍ୟାବଳୀ:
୧. ଏହି ୟୁନିଟ୍ କଟକ ନିକଟରେ ରାସ୍ତାପାର୍ଶ୍ୱରେ ଅବସ୍ଥିତ । ୨. ଏହି ୟୁନିଟ୍ ରାଧାକିଶୋରପୁର ରେଳ ଷ୍ଟେଶନର ଖୁବ୍ ନିକଟରେ ଅବସ୍ଥିତ ।
୩. ସମ୍ଭାବ୍ୟ ନିବେଶକ ଯଦି ଆବଶ୍ୟକ କରନ୍ତି, ତେବେ ପ୍ଲାଣ୍ଟରେ ଥିବା ରେଲୱେ ସାଇଡିଂ ପୂର୍ବତଟ ରେଳପଥରୁ ପହଞ୍ଚଯୋଗ୍ୟ ଅଟେ ।

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି ।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୬ ଅକ୍ଟୋବର, ୨୦୨୧ ଦିନ ସଞ୍ଚାଳନ ହେବ ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ ।

ସ୍ୱା./- ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୬୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍, ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com, ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୬୬୨, ୦୧୧-୨୩୨୭୭୭୭୭, ୯୩୧୩୧୦୨୫୫୨




# ୬ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳକୁ ଅନୁମତି

## ମାସିକ, ତ୍ରୈମାସିକ ସିଜନ ଟିକେଟ ପୁନଃ ପ୍ରଚଳନ

ଭୁବନେଶ୍ୱର,୨୦।୯

ବିଭିନ୍ନ କାର୍ଯ୍ୟରେ ଦୈନନ୍ଦିନ ଯାତାୟାତ କରୁଥିବା ଟ୍ରେନଯାତ୍ରୀମାନଙ୍କ ସୁବିଧାକୁ ନଜରରେ ରଖି ପୂର୍ବତଟ ରେଳପଥ ସୋମବାରଠାରୁ ୬ଟି ସ୍ୱତନ୍ତ୍ର ଟ୍ରେନରେ ମାସିକ ସିଜନ ଟିକେଟ (ଏମ୍‌ଏସ୍‌ଟି) ଏବଂ ତ୍ରୈମାସିକ ସିଜନ ଟିକେଟ (କ୍ୟୁଏସ୍‌ଟି) ସହିତ ଟ୍ରେନ୍ ଯାତ୍ରାକୁ ଅନୁମତି ଦେଇଛି। ଏହି ଟ୍ରେନ୍‌ଗୁଡିକ ହେଉଛି ୦୮୪୨୮-୦୮୪୨୭ ପୁରୀ-ଅନୁଗୋଳ-ପୁରୀ, ୦୮୪୫୬-୦୮୪୫୫ ଖୋର୍ଦ୍ଧାରୋଡ୍-କେନ୍ଦୁଝରଗଡ଼-ଖୋର୍ଦ୍ଧାରୋଡ୍, ୦୮୫୨୨-୦୮୫୨୧ ବିଶାଖାପାଟଣା-ଗୁଣପୁର-ବିଶାଖାପାଟଣା, ୦୮୫୨୮-୦୮୫୨୭ ବିଶାଖାପାଟଣା-ରାୟପୁର-ବିଶାଖାପାଟଣା, ୦୮୨୬୩-୦୮୨୬୪ ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼, ୦୭୨୬୬-୦୭୨୬୫ ବିଶାଖାପାଟଣା-କାକିନାଡା ବନ୍ଦର-ବିଶାଖାପାଟଣା ବିଶେଷ ଟ୍ରେନ ଆଦିକୁ ଚଳାଚଳ ପାଇଁ ସାମିଲ କରାଯାଇଛି।

# ଅବାଧ, ନିରପେକ୍ଷ କରିବାକୁ ନିର୍ଦ୍ଦେଶ

## ପିପିଲି ଉପନିର୍ବାଚନ ନେଇ ଡିଜିପିଙ୍କ ବୈଠକ

- ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା
- ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

କଟକ ଅଫିସ,୨୦।୯

ଚଳିତ ମାସ ୩୦ ତାରିଖରେ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ହେବାକୁ ଯାଉଛି। ଏ ନେଇ ସୋମବାର ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନକୁ ଅବାଧ, ସ୍ୱଚ୍ଛ, ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ବାଚନ ଆୟୋଗଙ୍କ ନିୟମାନୁଯାୟୀ ଆଦର୍ଶ ଆଚରଣ ବିଧି ଓ କୋଭିଡ୍ ନିୟମର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଦଳୀୟ କର୍ମୀଙ୍କ ପ୍ରଚାର, ମତଦାନ ଓ ଭୋଟ ଗଣତି ସମୟରେ ପୋଲିସ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନମଣ୍ଡଳୀକୁ ଭିଆଇପି, ଭିଭିଆଇପିଙ୍କ ଗସ୍ତବେଳେ ପୋଲିସର ଦାୟିତ୍ୱ ନେଇ ବୈଠକରେ ଆଲୋଚନା ହୋଇଥିଲା। ୧୧୦/୧୦୭ ସିଆର୍‌ପିସିରେ ସମ୍ପୃକ୍ତ ଥିବା ଅପରାଧୀ, ବେଆଇନ ଭାବେ ରଖିଥିବା ମାରଣାସ୍ତ୍ର, ନିର୍ବାଚନ ସମୟରେ ଚୋରା ମଦ କାରବାର ଉପରେ ରୋକ୍ ଏବଂ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଥିବା ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ଡିଜିପି (ଆଇନ ଓ ଶୃଙ୍ଖଳା) ଆର୍.କେ. ଶର୍ମା ନିର୍ବାଚନ ସଂକ୍ରାନ୍ତ ସମସ୍ତ କାର୍ଯ୍ୟକ୍ରମ ଓ ଯୋଜନାର ସମୀକ୍ଷା କରିଥିଲେ। ଉକ୍ତ ନିର୍ବାଚନମଣ୍ଡଳୀରେ ମୁତୟନ ହେବାକୁ ଥିବା ମୋବାଇଲ୍ ସ୍କାଡ୍, ଫ୍ଲାଇଂ ସ୍କାଡ୍ ଏବଂ ନାକାବନ୍ଦୀ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ ଉପନିର୍ବାଚନ ସଂକ୍ରାନ୍ତ ବିଭିନ୍ନ ଗୋଇନ୍ଦା ତଥ୍ୟ ସମ୍ପର୍କରେ ଡିଜିପିଙ୍କ ସହ ଆଲୋଚନା କରିଥିଲେ। ଏହାବ୍ୟତୀତ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ନିର୍ବାଚନମଣ୍ଡଳୀକୁ ଭିଆଇପି, ଭିଭିଆଇପିଙ୍କ ଆଗମନ, ନିର୍ବାଚନ ସମ୍ପର୍କିତ ସମସ୍ତ ମାମଲାରେ ତୁରନ୍ତ ପଦକ୍ଷେପ, ସମ୍ବେଦନଶୀଳ ବୁଥ୍ ଏବଂ ପୋଲିସ ସୁରକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କନ୍‌ଫରେନ୍ସରେ ଆଇଜି (ଆଇନ ଓ ଶୃଙ୍ଖଳା) ତଥା ନୋଡାଲ ଅଫିସର, କେନ୍ଦ୍ରାଞ୍ଚଳ ଆଇଜି, ପୁରୀ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
**ODISHA STATE OPEN UNIVERSITY**
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ✻ ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ

**PROGRAMMES ON OFFER**

**MASTER DEGREE PROGRAMMES**
Eligibility: +3 Pass
Duration: 2 Years
MA in Political Science (MAPS)
MA in Sociology (MASO)
MA in History (MAHI)
MA in Public Administration (MAPA)
MA in English (MAEG)
MA in Odia (MAOD)
MA in Hindi (MAHD)
MA in Rural Development (MARD)
MA in Journalism and Mass Com. (MJMC)
MA in Public Policy (MAPP)
MA in Economics (MAEC)
MA in Sanskrit (MASK)
Master of Commerce (MCOM)
MSc. in Cyber Security (MSCS)

**BACHELOR DEGREE PROGRAMMES**
Eligibility: +2 Pass
Duration: 3 Years
BA (Honours) in History
BA (Honours) in English
BA (Honours) in Odia
BA (Honours) in Political Science
BA (Honours) in Sociology
BA (Honours) in Hindi
BBA (Bachelor of Business Administration)
BA (Honours) in Economics
B Com. (Honours)
BA (Honours) in Journalism & Mass Com.
BA (Honours) in Sanskrit

**DIPLOMA PROGRAMMES**
Eligibility: +2 Pass
Duration: 1 Year
Disaster Management (DDM)
Functional Hindi & Translation (DFHT)
Accounting (DIA)
Journalism and Mass Com. (DJMC)
Odia Language and Com. (DOLC)
Rural Development (DRD)
Computer Applications (DCA)
Cyber Security (DCS)
Tribal Studies (DTBS)
Banking and Insurance (DBI)

**CERTIFICATE PROGRAMMES**
Eligibility: +2 Pass
Duration: 6 Months
Communication Skills (CCS)
Translation (English-Odia) (CIT)
Journalism & Mass Com. (CJMC)
Rural Development (CRD)
e-Commerce (CEC)
Soft Skill and IT Skill (CSSITS)
Functional Sanskrit (CFS)
Legal Awareness (CLA)
Geriatric Care (CGC)*
Digital Library (CDL)*
Research Methodology (CRSM)*

* Check website for eligibility.

"Even the greatest were beginners.
Don't be afraid to take that first step."

**2021-22 ADMISSION OPEN**
Last Date of Online Admission: 30th Sept. 2021
VISIT OUR WEBSITE
www.osou.ac.in
REGISTER NOW

Students Handbooks & Prospectus can be downloaded from website.

Admission form is to be submitted through the online portal of Odisha State Open University, Sambalpur

WHO CAN JOIN:
*Those who have already completed or are pursuing any U.G. and P.G. programme from a recognised Institute /University who would like to pursue a Dual Degree or acquire additional degree, diploma or certificate to enhance their skill and employability.*
*Those who have completed 10 + 2 or equivalent can also join the U.G., diploma and certificate programmes.*

All programmes are recognised by UGC & are same in status with Degrees offered by the Regular Universities.

[Age: No Bar]

**Contact Address:**
Odisha State Open University, Sambalpur
Phone: 0663-2521600, 0663-2521700
0663-2522700, 0663-2950043
Whatsapp: 8895903525
TOLL FREE No: 1800 34567 58
Email: admission@osou.ac.in

**Regional Centres**
Bhubaneswar (0674-2970779)
Berhampur (0680-2222169)
Jeypore (06854-230213)
Balasore (06782-263871)

GET IT ON Google Play
DOWNLOAD 'OSOU' MOBILE APP

**ଆଜିର ମନ୍ତବ୍ୟ**

କୋଭିଡ୍-୧୯ ମହାମାରୀ ବିଶ୍ୱ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହାସତ୍ତ୍ୱେ କରୋନା ମୁକାବିଲା ଦିଗରେ ଅନ୍ତର୍ଜାତୀୟ ସମୁଦାୟର ଉଦ୍ୟମ ମନ୍ଥର ହୋଇଛି।

**– ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଆର୍ଯ୍ୟନ୍
ପରିବାରବର୍ଗ


ସାଇ ପ୍ରସାଦ
ପରିବାରବର୍ଗ


ସନ୍ତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଗ୍ଲୋବାଲ ୱାର୍ମିଂ...

ତେଣୁ ଅନନ୍ତଙ୍କ ଉପରୋକ୍ତ ମନ୍ତବ୍ୟ ଏକ ଦାୟିତ୍ୱହୀନତାର ପରିଚୟ ବୋଲି ଆଲୋଚନା ହେଉଛି।

## ମୋତେ ନ କହି ପୁଅକୁ ନିଅନି

ଭୁବନେଶ୍ୱର ଏମ୍ସର ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ଆମ୍ବୁଲାନ୍ସରେ ଜ୍ୟୋତିପ୍ରକାଶଙ୍କ ମୃତଦେହ ନେବାକୁ ପରିବାର ଲୋକ ଅପେକ୍ଷା କରି ଠିଆ ହୋଇଥିଲେ। ଏପରି କି କ୍ଷତିପୂରଣ ଦାବି କରି କଂଗ୍ରେସ କର୍ମୀ ବିକ୍ଷୋଭ କରିଥିଲେ। ହେଲେ ହଠାତ୍ ପଛପଟ ରାସ୍ତାରେ ଜ୍ୟୋତିଙ୍କୁ ଆଉ ଏକ ଆମ୍ବୁଲାନ୍ସରେ ନିଆଯାଇଥିଲା। ଫଳରେ ଜ୍ୟୋତିଙ୍କ ପରିବାର ଲୋକେ ଆମ୍ବୁଲାନ୍ସ ପଛରେ ଦୌଡ଼ିବା ଆରମ୍ଭ କରିଥିଲେ। ଏହାଦେଖି ଉପସ୍ଥିତ ଲୋକ ପିଛା କରି ଆମ୍ବୁଲାନ୍ସକୁ ଅଟକାଇଥିଲେ। ଡ୍ରାଇଭର ଯିବାକୁ ଉଦ୍ୟମ କରିବାରୁ ତାଙ୍କୁ ଉତ୍ତ୍ୟକ୍ତ ଲୋକ ମାଡ ମାରିଥିଲେ। କାହା ଇସାରାରେ ମୋତେ ନ କହି ନେଇଯାଉଛ ବୋଲି ଜ୍ୟୋତିପ୍ରକାଶଙ୍କ ବାପା ହୃଷୀକେଶ ଚିତ୍କାର କରିଥିଲେ। ଘଟଣାସ୍ଥଳରେ ତୁରନ୍ତ ପୋଲିସ ଓ ଅନ୍ୟ କେତେଜଣ ପହଞ୍ଚି ମୃତଦେହ ଥିବା ଆମ୍ବୁଲାନ୍ସକୁ ପଠାଇଦେଇଥିଲା।

## ୨୦ ଘଣ୍ଟା ପରେ...

ଜ୍ୟୋତିପ୍ରକାଶ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଟ୍ୟୁଶନ ସାର୍‌ଙ୍କ ପାଖକୁ ଯାଉଥିବାବେଳେ ଡ୍ରେନ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ ବାହିନୀ, ପୋଲିସ ପହଞ୍ଚି ରାତି ପର୍ଯ୍ୟନ୍ତ ଡ୍ରେନ୍‌ରେ ଖୋଜାଖୋଜି କରି ସାଇକେଲ, ଜୋତା ପାଇଥିଲେ ସୁଦ୍ଧା ଜ୍ୟୋତିପ୍ରକାଶଙ୍କ କୌଣସି ପତ୍ତା ମିଳି ନ ଥିଲା। ରାତି ଅଧିକ ହୋଇଯିବାରୁ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ସୋମବାର ସକାଳ ୬ରୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଘଟଣାସ୍ଥଳରୁ ପ୍ରାୟ ୬କି.ମି ଦୂର ପଞ୍ଚଶାଖା ନଗର ନିକଟ ଡ୍ରେନରୁ ଛାତ୍ରଙ୍କର ମୃତଦେହ ମିଳିଥିଲା। ମୃତଦେହଟି ପାଣିରେ ଫୁଲି ଯାଇଥିବାବେଳେ ଡ୍ରେନ୍‌ର ମଇଳା ପାଣି ଓ କାଦୁଅ ଲାଗିଯାଇଥିବାରୁ ତାଙ୍କୁ ସମ୍ପୂର୍ଣ୍ଣ ଚିହ୍ନଟ କରାଯାଇ ପାରି ନ ଥିଲା। ତେଣୁ ମୃତଦେହକୁ ଆମ୍ବୁଲାନ୍ସରେ ଏମ୍ସ ନିଆଯାଇଥିଲା। ସେଠାରେ ଜ୍ୟୋତିପ୍ରକାଶଙ୍କ ମାଉସୀ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ଜ୍ୟୋତିପ୍ରକାଶଙ୍କ ମୃତଦେହକୁ ପଛ ପାର୍ଶ୍ୱରେ ନିଆଯିବାକୁ ନେଇ ଘଟଣାସ୍ଥଳରେ କିଛି ସମୟପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଜ୍ୟୋତିପ୍ରକାଶଙ୍କ ମରଶରୀରକୁ ପରିବାରଲୋକେ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଅପରପକ୍ଷରେ ଖଣ୍ଡଗିରି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୨୦୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ମୃତ ଛାତ୍ରଙ୍କ ପରିବାରକୁ ପ୍ରଶାସନ ତରଫରୁ ୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ଏହି ଘଟଣାରେ ବିଏମ୍‌ସିର ଅବହେଳାକୁ ଦାୟୀ କରି କଂଗ୍ରେସର ଏକ ପ୍ରତିନିଧିଦଳ ଡିସିପିଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ରାଜଧାନୀରେ ପ୍ରବଳ ବର୍ଷା ହେବାରୁ ରାସ୍ତା ଓ ଡ୍ରେନ୍ ଏକାକାର ହୋଇପଡ଼ିବା ସହ ପ୍ରବଳ ସୁଅ ଚାଲିଥିଲା। ବର୍ଷା ଟିକେ ଛାଡ଼ିବା ପରେ ଅପରାହ୍ନ ପ୍ରାୟ ୨ଟାରେ ଜ୍ୟୋତିପ୍ରକାଶ ମା'ଙ୍କୁ କହି ଶତାବ୍ଦୀନଗର ବ୍ୟାଙ୍କ କଲୋନୀକୁ ଟ୍ୟୁଶନ ସାର୍‌ଙ୍କ ପାଖକୁ ସାଇକେଲ ଧରି ବାହାରିଥିଲେ। ପରିବାର ଲୋକେ ତାଙ୍କୁ ବାରଣ କରିଥିଲେ ମଧ୍ୟ ସେ ଯାଇପାରିବେ ବୋଲି କହିଥିଲେ। ସେ ଶତାବ୍ଦୀନଗର ଲେନ୍-୭ ରାସ୍ତାରେ ଜମିଥିବା ୨ରୁ ୩ ଫୁଟ୍ ଉଚ୍ଚର ବର୍ଷା ଓ ଆବର୍ଜନା ପାଣିରେ ସାଇକେଲ ନେଇ ବ୍ୟାଙ୍କ୍ କଲୋନୀକୁ ଯାଉଥିଲେ। ପାଣିତଳେ ରହିଥିବା ଏକ ଖାଲରେ ଜ୍ୟୋତିପ୍ରକାଶଙ୍କ ସାଇକେଲ ଚକା ଖସିଯିବାରୁ ସେ ପାଣିରେ ପଡ଼ି ଯାଇଥିଲେ। ସେହି ସ୍ଥାନରେ ୪ ଫୁଟ ଉଚ୍ଚର ପାଣିସୁଅ ଚାଲିଥିଲା। ସେ ଭାସିଯାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଧାଇଁ ଆସିଥିଲେ। ହେଲେ ଅଧିକ ପାଣି ଓ ପ୍ରବଳ ସ୍ରୋତ ଯୋଗୁ କିଛିକ୍ଷଣ ଭିତରେ ମୁକୁଳା ପଡିଥିବା ଡ୍ରେନ୍ ତାଙ୍କୁ ଟାଣି ନେଇଥିଲା। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ସେଠାରେ ପହଞ୍ଚିଥିଲେ। ଏପରି କି ମୁକୁଳା ଡ୍ରେନ୍ ଯୋଗୁ ଛାତ୍ରଙ୍କ ଜୀବନ ଗଲା ବୋଲି ଅଭିଯୋଗ କରି ଭାଜପା ଏବଂ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ପକ୍ଷରୁ ବିଏମ୍‌ସି କମିଶନର ସଞ୍ଜୟ ସିଂଙ୍କ ବିରୋଧରେ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିବାବେଳେ ଛାତ୍ର କଂଗ୍ରେସ ପକ୍ଷରୁ ଏହି ଘଟଣା ପାଇଁ ବିଏମ୍‌ସିକୁ ଦାୟୀ କରାଯିବା ସହ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଦାବି କରି ଜାଗମରା ନୂଆ ରୋଡ୍‌ଠାରେ ୩ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇଥିଲା।

## ଚିଲଡ୍ରେନ କୋର୍ଟରେ ସାକ୍ଷ୍ୟ...

ଏହି ଘଟଣାରେ ପୋଲିସର ତଦନ୍ତ ସନ୍ଦେହ ଘେରରେ ରହିବାରୁ ୨୦୨୦ ନଭେମ୍ବର ୨୪ରେ ପରୀର ମା' ସୌଦାମିନୀ ସାହୁ ଓ ବାପା ଅଶୋକ ସାହୁ ବିଧାନସଭା ସମ୍ମୁଖରେ ଦେହରେ ନିଆଁ ଲଗାଇ ଆତ୍ମହୁତି ଉଦ୍ୟମ ଚେଷ୍ଟା କରିଥିଲେ। ଏହି ଘଟଣା ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଥିଲା। ପରେ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ପକ୍ଷରୁ ତଦନ୍ତ କରାଯାଇ ଜଣେ ନାବାଳକ କଲେଜ ଛାତ୍ରଙ୍କୁ ହତ୍ୟାକାରୀ ଦର୍ଶାଇ କୋର୍ଟରେ ହାଜର କରାଯାଇଥିଲା। ଏବେ ସମ୍ପୃକ୍ତ କଲେଜ ଛାତ୍ର ବାଳ ସୁଧାର ଗୃହରେ ରହୁଛନ୍ତି।

## ଓଡ଼ିଆରେ ଇଞ୍ଜିନିୟରିଂ...

ପାଠ ପଢ଼ିବାର ସୁଯୋଗ ପାଇବେ ସେମାନଙ୍କୁ ପଢ଼ାଇବାକୁ ଥିବା ଅଧ୍ୟାପକମାନେ ଏଥିରେ କେତେ ଅଭ୍ୟସ୍ତ ଥିବେ ତାହା ସାଧାରଣରେ ଅନୁମାନ କରିହେଉନାହିଁ। ତେଣୁ ଟେକ୍ନିକାଲ ପାଠକୁ ଓଡ଼ିଆ ଭାଷାରେ ପଢ଼ାଇଲେ ତାହା ଛାତ୍ରୀଛାତ୍ରଙ୍କ ବୈଷୟିକ ବୁଦ୍ଧି ବଢ଼ାଇବାରେ ସହଜ କିମ୍ବା ସହାୟକ ହୋଇ ନ ପାରେ ବୋଲି କୁହାଯାଉଛି। ଏଭଳି ପରିପ୍ରେକ୍ଷୀରେ ଓଡ଼ିଆରେ ଇଞ୍ଜିନିୟରିଂ ପଢ଼ିବା ସପକ୍ଷ ଓ ବିପକ୍ଷରେ କେତେକ ମତ ବାଢ଼ିଛନ୍ତି। ଏମାନଙ୍କ ମଧ୍ୟରେ ଇଞ୍ଜିନିୟର, ପୂର୍ବତନ ଇଞ୍ଜିନିୟରିଂ ଛାତ୍ର, ଅଧ୍ୟାପକ ଏବଂ ସଂଘ କର୍ମକର୍ତ୍ତା ରହିଛନ୍ତି।

### ଚାକିରି କ୍ଷେତ୍ରରେ ବହୁ ଅସୁବିଧା ହେବ



ଇଞ୍ଜିନିୟରିଂ ପାଠ ଓଡ଼ିଆରେ ପଢ଼ାଯିବା ପଦକ୍ଷେପ ସ୍ୱାଗତଯୋଗ୍ୟ ନୁହେଁ। ଆମ ମାତୃଭାଷାକୁ ଗୁରୁତ୍ୱ ଦେବା ଠିକ୍ ଅଛି। କିନ୍ତୁ ଛାତ୍ରୀଛାତ୍ରମାନେ ଯେତେବେଳେ ଚାକିରି ପାଇଁ ଯିବେ ସେତେବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେବେ। ମୁଁ ଆଇଟି ସେକ୍ଟର କଥା କହିବି, ଆମକୁ ବହୁତ ଫରେନ୍ କ୍ଲାଏଣ୍ଟଙ୍କ ସହିତ ଡିଲ୍ କରିବାକୁ ପଡୁଛି। ଯଦି ଆମେ ଓଡ଼ିଆରେ ପଢ଼ିବା ତେବେ ଡିଲ୍ କରିବା କଷ୍ଟ ହେବ। କମ୍ୟୁନିକେଶନ ପାଇଁ ବହୁତ ଅସୁବିଧା ହେବ।

**- ଅଙ୍କିତା ପ୍ରିୟଦର୍ଶିନୀ, ଇଞ୍ଜିନିୟର**

### ଉଚିତ ପଦକ୍ଷେପ ନୁହେଁ



ଏହା ଉଚିତ ପଦକ୍ଷେପ ନୁହେଁ ବୋଲି ମୁଁ ଭାବୁଛି। ଯେଉଁ ପିଲା ଇଂଲିଶରେ ଦୁର୍ବଳ ଥିବ ତା'ପାଇଁ ଓଡ଼ିଆରେ ପାଠ ପଢ଼ାଗଲେ ଠିକ୍ ହେବ। କିନ୍ତୁ ଯେତେବେଳେ ସେମାନେ ପ୍ରାକ୍ଟିକାଲକୁ ଯିବେ ସେତେବେଳେ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ଅସୁବିଧା ସୃଷ୍ଟି ହେବ। କାରଣ ଟେକ୍ନିକାଲ ଟର୍ମଗୁଡ଼ିକ ଇଂଲିଶରେ ହିଁ ବ୍ୟବହାର କରିବାକୁ ପଡ଼ିବ। ଓଡ଼ିଆରେ ପଢ଼ାଗଲେ ବି ଯଦି ଟର୍ମଗୁଡ଼ିକ ଇଂଲିଶରେ ରଖାଯିବ ତେବେ ତାହା ଠିକ୍ ହେବ।

**- ଚେତନା ତ୍ରିପାଠୀ, ଆସିଷ୍ଟାଣ୍ଟ ପ୍ରଫେସର**

### ସ୍ୱାଗତ ଯୋଗ୍ୟ, ପିଲାଙ୍କ କନ୍‌ସେପ୍ଟ କ୍ଲିୟର ହେବ



ଜଣେ ଓଡ଼ିଆ ମିଡିୟମ ପିଲା ଯୁକ୍ତ୨ରେ ଭାଷାଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ବି ତାହାକୁ ମ୍ୟାନେଜ୍ କରିଦିଅନ୍ତି। କିନ୍ତୁ ସେହି ପିଲା ଯଦି କୌଣସି ଟେକ୍ନିକାଲ ଫିଲ୍ଡକୁ ଯାଏ, ତେବେ ଟେକ୍ନିକାଲ ଟର୍ମଗୁଡ଼ିକ ବୁଝିବା ତା'ପାଇଁ କଷ୍ଟ ହୋଇପଡ଼େ। ତେଣୁ ତାହାକୁ ଯଦି ମାତୃଭାଷାରେ ପଢ଼ିବ, ବୁଝିବା ଅତି ସହଜ ହୋଇଯିବ। ତେଣୁ ଓଡ଼ିଆରେ ଇଞ୍ଜିନିୟରିଂ ସ୍ୱାଗତଯୋଗ୍ୟ। ସେହିପରି ନିଯୁକ୍ତି କ୍ଷେତ୍ରରେ ବି କେବଳ କମ୍ୟୁନିକେଶନ ପାଇଁ ଯେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେବେ, ତାହା ଠିକ୍ ନୁହେଁ। ଯଦି ଜଣେ ପିଲାର କନ୍‌ସେପ୍ଟ କ୍ଲିୟର ଅଛି, ତେବେ ସେ କିଛି ପିଲାଙ୍କ ସହିତ ମିଶିଗଲା ପରେ ଇଂଲିଶରେ ବି ପରିପ୍ରକାଶ କରିପାରିବ।

**- ଦିବ୍ୟାଂଶୁ ପ୍ରସାଦ ଦାସ, ପୂର୍ବତନ ଇଞ୍ଜିନିୟରିଂ ଛାତ୍ର**

### ନିଯୁକ୍ତି ସଂକ୍ରାନ୍ତ ସାକ୍ଷାତ୍‌କାରରେ କମ୍ୟୁନିକେଶନ ସମସ୍ୟା ରହିବ



ଇଞ୍ଜିନିୟରିଂରେ ଓଡ଼ିଆ ପଢ଼ାଯିବା ଉଚିତ ପଦକ୍ଷେପ ନୁହେଁ ବୋଲି ମୁଁ ଭାବୁଛି। ଟେକ୍ନିକାଲ ଟର୍ମ ବହୁତ ଅଛି। ତାକୁ ବୁଝିବା କଷ୍ଟ ହେବ। ଯଦି ବି ପିଲାମାନେ ପାସ୍ ହୋଇଯିବେ, କିନ୍ତୁ ନିଯୁକ୍ତି କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବେ। କମ୍ୟୁନିକେଶନ ପ୍ରୋବ୍ଲେମ ରହିବ। ଯିଏ ଇଣ୍ଟରଭ୍ୟୁ ନେବେ, ସିଏ ହୁଏତ ଓଡ଼ିଆ ଜାଣି ନ ଥାଇପାରନ୍ତି।

**- ସନ୍ତୋଷ କୁମାର ଦାସ, ପୂର୍ବତନ ଇଞ୍ଜିନିୟରିଂ ଛାତ୍ର**

### ମାତୃଭାଷାରେ ପଢ଼ାଗଲେ ଭଲ ହେବ



ଓଡ଼ିଆ ଆମ ମାତୃଭାଷା। ତେଣୁ ଆମ ମାତୃଭାଷାରେ ପଢ଼ାଗଲେ ଭଲ ହେବ। ଯେଉଁ ପିଲାମାନେ ଇଂଲିଶ ଭଲରେ ବୁଝି ପାରୁ ନ ଥିବେ ସେମାନଙ୍କ ପାଇଁ ଲାଭ ହେବ। କମ୍ୟୁନିକେଶନ କଥା ଯଦି କହିବା, ତେବେ ଇଞ୍ଜିନିୟରିଂ ପଢ଼ିଲାବେଳେ ବିଭିନ୍ନ ପ୍ରକାର ପିଲାଙ୍କ ସହିତ ମିଶିବେ। ତେଣୁ ସେମାନଙ୍କ ପାଖରୁ କମ୍ୟୁନିକେଶନ ଡେଭଲପମେଣ୍ଟ ହୋଇଯିବ ବୋଲି ମୁଁ ଭାବୁଛି।

**- ଅମ୍ଳାନ ଆକାଶ ପ୍ରଧାନ, ପୂର୍ବତନ ଇଞ୍ଜିନିୟରିଂ ଛାତ୍ର**

### ଇଂଲିଶରେ ଦୁର୍ବଳ ପିଲାଙ୍କ ପାଇଁ ଫଳପ୍ରଦ ହେବ



ଓଡ଼ିଆ ଭଷାରେ ଇଞ୍ଜିନିୟରିଂ ଶିକ୍ଷା ପ୍ରଦାନ କରିବା ଉଚିତ ପଦକ୍ଷେପ। ଯେଉଁ ପିଲା ଇଂଲିଶରେ ଦୁର୍ବଳ ଥିବ, କିନ୍ତୁ ଇଞ୍ଜିନିୟରିଂ କରିବାକୁ ଇଚ୍ଛା ଥିବ, ଟର୍ମଗୁଡ଼ିକ ବୁଝିପାରୁ ନ ଥିବ, ଓଡ଼ିଆ ଭଷାରେ ହେଲେ ତା' ପାଇଁ ଫଳପ୍ରଦ ହେବ। ଚାକିରି କଲାବେଳକୁ କିନ୍ତୁ ପିଲାଟିକୁ କମ୍ୟୁନିକେଶନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ।

**- ସତ୍ୟଜିତ ଦାସ, ଅଧ୍ୟାପକ**

### ଇଞ୍ଜିନିୟରିଂ, ମେଡିକାଲ ପ୍ରଶ୍ନ ଓଡ଼ିଆରେ ବି ଆସୁଛି



ଯଦି ଜର୍ମାନ, ଚାଇନା, ଫ୍ରାନ୍ସ ଭଳି ଦେଶଗୁଡ଼ିକ ସେମାନଙ୍କ ନିଜ ଭାଷାରେ ପଢ଼ି ଆଗେଇ ପାରିଛନ୍ତି, ଓଡ଼ିଆରେ ପଢ଼ିଲେ ଅସୁବିଧା କାହିଁକି ହେବ। ଓଡ଼ିଆ ମିଡିୟମ ସ୍କୁଲରୁ ଆସିଥିବା ପିଲା ହଠାତ୍ ଟେକ୍ନିକାଲ ଫିଲ୍ଡରେ ପାଠ ପଢ଼ିବାକୁ ଆସିଲେ, ଅସୁବିଧାରେ ପଡୁଛନ୍ତି। ତେଣୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଇଂଲିଶରେ ବି ପଢ଼ାଯିବ। ଗତ କିଛିବର୍ଷ ହେବ, ଇଞ୍ଜିନିୟରିଂ ହେଉ କି ମେଡିକାଲ, ଓଡ଼ିଆ ଭାଷାରେ ବି ପ୍ରଶ୍ନ ଆସୁଛି। ପ୍ରଶ୍ନ ଓଡ଼ିଆରେ ଥିବ, କିନ୍ତୁ ବହି ଓଡ଼ିଆରେ ନ ଥିବ, ଲାଭ କିଛି ନାହିଁ। କୌଣସି ନିଯୁକ୍ତି ପାଇଁ ବି ପିଲାମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

**- ବିନୋଦ ଦାସ, ଅବୈତନିକ ସମ୍ପାଦକ, ଓପେକା**

## ଛାତ୍ରଙ୍କ ଗୁଳିରେ...

ମହଲାରୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର ତଳକୁ ଡେଉଁଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଯୁକ୍ତ ୧୮ ବର୍ଷୀୟ ତିମୁର ବେକ୍‌ମାନ୍‌ସୁରୋବ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ଶିକାର ବନ୍ଧୁକ ଧରି କ୍ୟାମ୍ପସ୍ ଭିତରେ ପଶିଥିଲେ। ସମ୍ପୃକ୍ତ ଛାତ୍ରଙ୍କୁ ଅଟକାଇବା ପାଇଁ ଅନ୍ୟ ପିଲାମାନେ ସେଠାରେ ଚଉକି ଦ୍ୱାରା ବ୍ୟାରିକେଡ ନିର୍ମାଣ କରିଥିଲେ। ଅନେକ ଛାତ୍ରୀଛାତ୍ର ଝରକା ଦେଇ ତଳକୁ ଡେଉଁଥିବାର ଦୃଶ୍ୟ ମଧ୍ୟ ଭିଡିଓରେ ଦେଖିବାକୁ ମିଳିଛି। ୟୁନିଭର୍ସିଟିରେ ପ୍ରାୟ ୧୨ ହଜାର ଛାତ୍ରୀଛାତ୍ର ଥିବାବେଳେ ଘଟଣାବେଳେ କ୍ୟାମ୍ପସ୍ ମଧ୍ୟରେ ପ୍ରାୟ ୩ ହଜାର ଜଣ ଉପସ୍ଥିତ ଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ସିକ୍ୟୁରିଟି ଗାର୍ଡ ପାଲଟା ଗୁଳି ଚଳାଇଥିଲେ। ଏଥିରେ ଅଭିଯୁକ୍ତ ଜଣକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ କୌଣସି ଭାରତୀୟ ଛାତ୍ରୀଛାତ୍ର ପ୍ରଭାବିତ ହୋଇନାହାନ୍ତି। ପର୍ମ ୟୁନିଭର୍ସିଟିରେ ପଢୁଥିବା ସମସ୍ତ ଭାରତୀୟ ବିଦ୍ୟାର୍ଥୀ ସୁରକ୍ଷିତ ବୋଲି ମସ୍କୋସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁଯାୟୀ, ଆକ୍ରମଣ ପୂର୍ବରୁ ଅଭିଯୁକ୍ତ ଛାତ୍ର ଜଣକ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ଏଥିରେ ସେ ଲେଖିଛନ୍ତି, 'ଆଇନଗତ ଦୃଷ୍ଟିକୋଣରୁ ଏହା ଆତଙ୍କବାଦୀ ଆକ୍ରମଣ ନୁହେଁ। ମୁଁ କୌଣସି ଉଗ୍ରବାଦୀ ସଂଗଠନର ସଦସ୍ୟ ନୁହେଁ, ମୁଁ ଅଣ-ଧାର୍ମିକ ଏବଂ ରାଜନୀତି ସହ କୌଣସି ସମ୍ପୃକ୍ତି ନାହିଁ। ମୁଁ କ'ଣ କରିବାକୁ ଯାଉଛି ତାହା କେହି ଜାଣି ନ ଥିଲେ। ମୋ ମନ ଘୃଣାରେ ପରିପୂର୍ଣ୍ଣ ହୋଇଯାଇଥିଲା। ତେଣୁ ଏଭଳି ଗୁଳିକାଣ୍ଡ ପାଇଁ ଦୀର୍ଘ ଦିନରୁ ଯୋଜନା କରିଥିଲି। ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଟଙ୍କା ସଞ୍ଚୟ କରୁଥିଲି' ବୋଲି ସେ ପୋଷ୍ଟ କରିଛନ୍ତି।

ରୁଷିଆରେ ଏଭଳି ଗୁଳିକାଣ୍ଡ ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ଏଠାରେ ବନ୍ଧୁକ କିଣି ପାଖରେ ରଖିବା ଉପରେ କଟକଣା ରହିଛି। ତେବେ ଶିକାର, ଆତ୍ମରକ୍ଷା, ଖେଳ ଆଦି ପାଇଁ ବନ୍ଧୁକ ରଖିବାକୁ ସରକାରଙ୍କ ପକ୍ଷରୁ ଲାଇସେନ୍ସ ନେବାର ବ୍ୟବସ୍ଥା ରହିଛି। ଗତ ମେ' ୧୧ରେ କାଜାନର ଏକ ସ୍କୁଲରେ ଜଣେ ନାବାଳକଙ୍କ ଗୁଳିରେ ୭ ଶିଶୁ ଓ ୨ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା।

## କେନେରି ଦ୍ୱୀପରେ....

ଆରିଡେନ୍ ସମେତ ୪ ଗ୍ରାମରୁ ଲୋକଙ୍କୁ ଅସ୍ଥାୟୀ ଶିବିରଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି। ଏଥିଯୋଗୁ ବିମାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ବଣପର୍ବତ ଘେରା ଏହି ଅଞ୍ଚଳରେ ଆଗ୍ନେୟଗିରି ଉଦ୍‌ଗିରଣ ବେଳର ଭୟଙ୍କର ଦୃଶ୍ୟ ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଉଦ୍‌ଗିରଣ ହୋଇଥିବା ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିପାଇଁ ଜାତିସଂଘ ସାଧାରଣ ସଭାରେ ଯୋଗଦେବା ଲାଗି ତାଙ୍କ ନ୍ୟୁୟର୍କ ଗସ୍ତ ବିଳମ୍ବିତ ହୋଇଛି। ହେଲିକପ୍ଟର ସହ ୨୦୦ ସଦସ୍ୟ ବିଶିଷ୍ଟ ଉଦ୍ଧାରକାରୀ ଟିମ୍‌କୁ ପଠାଯାଇଥିବା ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ଓ ସିଭିଲ ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଇତିମଧ୍ୟରେ ଆଗ୍ନେୟଗିରି ଉଦ୍‌ଗିରଣ ପର୍ଯ୍ୟଟକଙ୍କୁ ଦ୍ୱୀପକୁ ଆକର୍ଷିତ କରିବା ପାଇଁ ଏକ ସୁଯୋଗ ସୃଷ୍ଟି କରିଛି ବୋଲି ସ୍ପେନ୍ ପର୍ଯ୍ୟଟନ ମନ୍ତ୍ରୀ ରେୟେସ୍ ମରାଟୋ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଦୀର୍ଘଦିନରୁ ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବନ୍ଧୁ ଗହଣରେ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବନାହିଁ। ପାଖ ପଡ଼ୋଶୀଙ୍କ ସହାୟତାରେ ଆର୍ଥିକ ସମସ୍ୟାକୁ ସୁଧାରି ନେଇପାରନ୍ତି।

**ବୃଷ** – ସମୟ ଓ ପରିସ୍ଥିତିବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବ। କର୍ମ କ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯିବ। ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** – ସମସ୍ତ ସୁବିଧା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କାମ ନ ହେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଋଣ ଭାରରେ ଅତିଷ୍ଠ ହୋଇ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ସମୟ କଟାଇବେ। ହଠାତ୍ କୌଣସି ହୃଦୟବାନ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲିତ ରହିବ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**କର୍କଟ** – ଆଜି ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବା ବ୍ୟତୀତ କିଛି ଲାଭ ହେବନି। ଯାତ୍ରା ସମୟରେ ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାର ସମସ୍ୟାକୁ ଡାକି ଆଣି ପାରନ୍ତି। ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଘରର ବରାଦ ଜିନିଷ ଭୁଲ୍‌ବଶତଃ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିବ।

**ସିଂହ** – ଅନ୍ୟ ଦ୍ୱାରା ପରିଚାଳିତ ହୋଇ ସ୍ଥଗିତ କାମକୁ କରିଚାଲିବେ, ଯାହାକି ସମସ୍ୟା ସୃଷ୍ଟି କରିବ। ଆଜି ଏକ ଭିନ୍ନ ପରିସ୍ଥିତିରେ ସହକର୍ମୀଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ବନ୍ଧୁଙ୍କ ସାହାଯ୍ୟରେ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧାରିନେବେ। ଆଇନ, ଅଦାଲତ କ୍ଷେତ୍ରରେ ବାଇଦା ପଡ଼ିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କନ୍ୟା** – ଗ୍ରହସ୍ଥିତିର ଅନୁକୂଳତା କାରଣରୁ କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରିପାରିବ ନାହିଁ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** – ମନରେ ବିଭିନ୍ନ ପ୍ରକାର ଚିନ୍ତା ଉଙ୍କି ମାରିବ କିନ୍ତୁ କିଛି ବି ହୋଇପାରିବ ନାହିଁ। କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବିଛା** – କର୍ମକ୍ଷେତ୍ରସ୍ଥ ଅବହେଳିତ କାମରେ ବ୍ୟସ୍ତତା ବଢ଼ିଯାଇପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରମ ଜିନିଷ କ୍ରୟ କରିବେ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କୌଣସି ଜନିଷ ହଜି ଯାଇପାରେ।

**ଧନୁ** – ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବନ୍ଧୁଙ୍କ ନିକଟରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି। ପୂଜାପାର୍ବଣ ପରିପ୍ରେକ୍ଷୀରେ ଆଗାମୀ କାଲି ସକାଶେ କୌଣସି ଯୋଜନା ପ୍ରସ୍ତୁତ କରିପାରନ୍ତି।

**ମକର** – ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବ। ଆଜିର ଫେରିବା ବାଟରେ ବନ୍ଧୁଙ୍କ ସହ ସାଧାରଣ ବଚସା ହୋଇପାରେ।

**କୁମ୍ଭ** – ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ପରିବାରରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ** – କର୍ମକ୍ଷେତ୍ରରେ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରକୃତ ଘଟଣାକୁ ନ ବୁଝି କାମ କଲେ ଅସୁବିଧାରେ ପଡ଼ିବେ। କୌଣସି କ୍ଷେତ୍ରରେ ମଧ୍ୟ ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଅବହେଳା ନ କରି ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ।


# classifieds Everyday
0674-2580101, 2549302




**SALE**

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

Plot (30x70 sq.ft.) for sale at 2nd lane, 3rd plot, Srikrishnanagar, Lanjipolli, Berhampur,Odisha. Contact: 9078082101. No brokers please. D-21687

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

**ଭୁବନେଶ୍ୱର Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ boundary, electricity, gated societyରେ plot କିଣି immediate ଘର କରନ୍ତୁ। 9437005434.** D-70898

3/2 BHK furnished flat available near V2 Showroom Patrapada, Bhubaneswar. 9861037729, 9040337729. D-71420

**ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




**2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695.** D-71415




Newly Open Saikrupa Panchakarma Spa positively health benefits with Expert. 8984068077. D-21568

**Refreshing your mind, your body with tha best therapy at Lotus Spa. 8018891951.** D-70484

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Swarna SPA newly open positively health benefits with expert therapist. 9556978408. D-71162

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**

By virtue of an affidavit sworn before the Notary Public, Bhubaneswar on dated 22nd April 2021, I have changed my name from Monalisa Mohapatra to Monalisa Das. Henceforth, I shall be known as "Monalisa Das" for all purposes. D-21693

**LEGAL NOTICE**

ଏତଦ୍ୱାରା ସର୍ବସାଧାରଣ ଏବଂ ରାଜେଶ ଅଗ୍ରୱାଲ, ନି- କ୍ଷେତରାଜପୁର, ସମ୍ବଲପୁରଙ୍କ ଅବଗତି ନିମନ୍ତେ ମୁଁ ନମଲା ବିଜୟଲକ୍ଷ୍ମୀ, ସ୍ୱା- ଏନ୍. ଶ୍ରୀନିବାସ, ନି- କଟାପାଲି, ଥାନା- ଶାସନ, ଜିଲ୍ଲା- ସମ୍ବଲପୁର ଜଣାଇଦେଉଅଛି ଯେ ମୋର ମାଝିପାଲି ମୌଜାରେ ଥିବା ଚକ ଖାତା ନଂ.- ୮୮/୨୦୫ ଏରିଆ ୨.୪୫ଡି. ର ରେକର୍ଡଧାରୀ ପ୍ରଜା ଅଟେ। ଏହାକୁ ମୁଁ ବିକ୍ରି କରିବାକୁ ଚାହୁଁଛି। ସେଥିରେ କାହାରି କିଛି ଆପତ୍ତି ଅଭିଯୋଗ ରହିବା ଉଚିତ ନୁହେଁ। ଧ-୨୧୬୯୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଅକ୍ଟୋବର ୧୨ରୁ ବଜେଟ ପ୍ରକ୍ରିୟା ଆରମ୍ଭ

**ବଜାର ଚାହିଦା, ନିଯୁକ୍ତି, ଜିଡିପି ଫୋକସରେ ରହିପାରେ**

ନୂଆଦିଲ୍ଲୀ,୨୦।୯

ଆର୍ଥିକ ବର୍ଷ ୨୦୨୨-୨୩ ଲାଗି ସାଧାରଣ ବଜେଟ ପ୍ରକ୍ରିୟା ଆସନ୍ତା ମାସ ୧୨ରୁ ଆରମ୍ଭ ହେବ। କରୋନା ମହାମାରୀ ପାଇଁ ଦେଶର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ ସୁଧାର ଆଣିବା ଦିଗରେ ବିଭିନ୍ନ ଯୋଜନା ଉପରେ ଅର୍ଥ ମନ୍ତ୍ରଣାଳୟ ଧ୍ୟାନ କେନ୍ଦ୍ରିତ କରିବ ବୋଲି କୁହାଯାଉଛି। ଆସନ୍ତା ବର୍ଷ ଆସିବାକୁ ଥିବା ବଜେଟରେ ବଜାର ଚାହିଦା ଫେରାଇ ଆଣିବା, ନିଯୁକ୍ତି ସୃଷ୍ଟି ଏବଂ ଦେଶର ଜିଡିପିକୁ ୮% ଅଭିବୃଦ୍ଧି ସ୍ତର ବଜାୟ ରଖିବା ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି।

ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ଏହା ୪ର୍ଥ ବଜେଟ ହୋଇଥିବା ବେଳେ ଏହାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିବେ। ପ୍ରାକ୍ ବଜେଟ ଏବଂ ପରବର୍ତ୍ତୀ ଧାର୍ଯ୍ୟ ଲକ୍ଷ୍ୟ ବୈଠକ ଅକ୍ଟୋବର ୧୨ରୁ ଆରମ୍ଭ ହେବ ବୋଲି ବଜେଟ ସର୍କୁଲାରରେ ପ୍ରକାଶ ପାଇଛି। ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ ଡିଭିଜନ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ବୈଠକରେ ଉପସ୍ଥାପିତ ହେବାକୁ ଥିବା ଆବଶ୍ୟକ ଦସ୍ତାବିଜ ଆଣିବାକୁ ଆର୍ଥିକ ପରାମର୍ଶଦାତାଙ୍କୁ କୁହାଯାଇଛି। ୨୦୨୨-୨୩ ଲାଗି ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଆନୁମାନିକ ଭାବେ ବୈଠକରେ ସ୍ଥିର କରାଯିବ। ଆର୍ଥିକ ପରାମର୍ଶଦାତା ଏବଂ ବିଭାଗୀୟ ସଚିବଙ୍କ ସହ ଆଲୋଚନା ପରେ ବ୍ୟୟ ସଚିବ ଏ ନେଇ ଚୂଡ଼ାନ୍ତ ପ୍ରସ୍ତାବ ରଖିବେ।

ଏହି ବୈଠକ ନଭେମ୍ବର ଦ୍ୱିତୀୟ ସପ୍ତାହ ଯାଏ ଚାଲିବ ବୋଲି ଜଣାପଡ଼ିଛି। ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ କ୍ଷେତ୍ର ଏବଂ କେନ୍ଦ୍ର ପ୍ରାୟୋଜିତ ବିଭିନ୍ନ ଯୋଜନା ଉପରେ ମଧ୍ୟ ଆଲୋଚନା କରାଯିବା କାର୍ଯ୍ୟକ୍ରମ ରହିଛି। ସାଧାରଣ ବଜେଟ ଫେବୃୟାରୀ ପହିଲାରେ ଆସିପାରେ। ଜାନୁୟାରୀ ଶେଷ ସପ୍ତାହରେ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବା ନେଇ ସମୟ ଧାର୍ଯ୍ୟ କରାଯାଇଛି। ଚଳିତ ଆର୍ଥିକ ବର୍ଷର ବଜେଟରେ ରିୟଲ ଜିଡିପି ୧୦.୫% ଅଭିବୃଦ୍ଧି ନେଇ ଆକଳନ କରାଯାଇଛି। ବିତ୍ତୀୟ ନିଅଣ୍ଟ ମୋଟ ଜିଡିପି ୬.୮% ସ୍ତରରେ ରଖିବାକୁ ଲକ୍ଷ୍ୟ ରହିଛି। ଫେବୃୟାରୀ ଶେଷ ସପ୍ତାହରେ ଆରମ୍ଭ ହେଉଥିବା ବଜେଟ ଅଧିବେଶନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୧୭ରୁ ଫେବୃୟାରୀ ପହିଲାକୁ ଆଣିଥିଲେ। ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ପ୍ରଥମ ଥର ଲାଗି ଫେବୃୟାରୀ ପହିଲାରେ ବଜେଟ ଉପସ୍ଥାପନ କରିଥିଲେ। ବଜେଟର ଆଗୁଆ ହେବା ଯୋଗୁ ଏପ୍ରିଲରୁ ଆରମ୍ଭ ହେଉଥିବା ଆର୍ଥିକ ବର୍ଷ ଲାଗି ମନ୍ତ୍ରଣାଳୟଗୁଡ଼ିକୁ ବ୍ୟୟବରାଦ ଅର୍ଥ ରାଶି ମିଳିସାରିଥାଏ। କମ୍ପାନୀଗୁଡ଼ିକ ମଧ୍ୟ ନୂଆ ବିଜ୍‌ନେସ ଏବଂ ଟିକସ ଯୋଜନା ମଧ୍ୟ କରିପାରନ୍ତି। ପୂର୍ବରୁ ବଜେଟ ଫେବୃୟାରୀ ଶେଷ ସପ୍ତାହରେ ଆରମ୍ଭ ହୋଇ ୩ଟି ପର୍ଯ୍ୟାୟ ଶେଷ ହେବା ବେଳକୁ ଏହା ମେ ମାସ ମଧ୍ୟଭାଗ ହୋଇଯାଉଥିଲା। ସରକାରୀ ବିଭାଗଗୁଡ଼ିକ ବିଭିନ୍ନ ପ୍ରକଳ୍ପରେ ଖର୍ଚ୍ଚ କରିବା ବେଳକୁ ଅଗଷ୍ଟ ଶେଷ କିମ୍ବା ସେପ୍ଟେମ୍ବର ମାସ ଲାଗୁଥିଲା।

# ଡିଜିଟାଲ ମିଡିଆ ନୂଆ ପିଢ଼ି ପାଇଁ ଟ୍ରେଣ୍ଡ

**ପେସାରେ ସେ ଇଞ୍ଜିନିୟର। କିନ୍ତୁ ନିଶା ତାଙ୍କର ଗୀତ ଗାଇବା। ୨୦୧୫ରେ ଏକ ସିଙ୍ଗିଙ୍ଗ ରିଅଲିଟି ଶୋ'ରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପରେ ୨୦୧୬ରେ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିଲେ। ସେଥିରୁ ମଧ୍ୟ ସେ ଶ୍ରୋତାଙ୍କ ଅଜସ୍ର ଭଲପାଇବା ପାଇଥିଲେ। ସେ ହେଉଛନ୍ତି ସିଙ୍ଗିଙ୍ଗ ଷ୍ଟାର ସ୍ୱୟମ ପ୍ରଭାସ ପାଢ଼ୀ। ୨୦୧୮ରେ ତାଙ୍କୁ 'ସୁନ୍ଦରଗଡ଼ର ସଲମାନ ଖାନ୍' ଫିଲ୍ମରେ ବ୍ରେକ୍ ମିଳିଥିଲା। ପ୍ରଥମ ବ୍ରେକ୍‌ରୁ ହିଁ ସେ ସଫଳତା ପାଇଗଲେ। ତୁ ନୂଆ ସାଏରି, ତୁ ଚଞ୍ଚଳ ନଈ, ମୋ ପ୍ରେମର ନାୟିକା, ପ୍ରେମ ମୋ ଯାଏ ସରି, ପଲ୍ ପଲ୍ ଚାହେଁ...ଭଳି ଅନେକ ସୁପରହିଟ୍ ଗୀତ ଗାଇ ଶ୍ରୋତାଙ୍କ ହୃଦୟ ଜିତିପାରିଛନ୍ତି। ୧୯୯୧ ମେ ୨୩ରେ ଜୟପୁରରେ ଜନ୍ମିତ ସ୍ୱୟମ୍‌ଙ୍କ ପ୍ରକୃତ ଘର ବ୍ରହ୍ମପୁରରେ। ସେ ଏବେ ଭୁବନେଶ୍ୱରରେ ରହୁଛନ୍ତି। ଏଯାବତ୍ ଶତାଧିକ ଗୀତ ଗାଇ ସାରିଥିବା ସ୍ୱୟମ୍‌ଙ୍କ ସହିତ 'ଧରିତ୍ରୀ'ର ଅସମାପିକା ସାହୁଙ୍କ ଆଳାପ।**



ସ୍ୱୟମ ପ୍ରଭାସ ପାଢ଼ୀ

## ଧରିତ୍ରୀ ଆଳାପ

**ପ୍ରଶ୍ନ- ଗୀତ ପ୍ରତି କିପରି ରୁଚି ଆସିଥିଲା?**
ଉତ୍ତର- ମୋ ଅଜା ଓଡ଼ିଶୀ, ଛାନ୍ଦ, ଚମ୍ପୂ ଗାଉଥିଲେ। ଅଜାଙ୍କଠାରୁ ଗୀତ ଶିଖିବାର ପ୍ରେରଣା ପାଇଛି। ମୋ ମା ଭାରତୀ ପାଢ଼ୀଙ୍କର ଗୀତ ଗାଇବା ପାଇଁ ଛୋଟ ବେଳୁ ସ୍ୱପ୍ନ ଥିଲା। କିନ୍ତୁ ସେ ଗାଇ ପାରି ନ ଥିଲେ। ତେଣୁ ମା' ବି ମୋତେ ଗୀତ ଶିଖିବା ପାଇଁ ପ୍ରେରଣା ଦେଇଛନ୍ତି। ପ୍ରଥମ ଶ୍ରେଣୀରେ ପଢ଼ିବା ବେଳେ ଗୀତ ଶିଖିବା ଆରମ୍ଭ କରିଦେଇଥିଲି।

**ପ୍ରଶ୍ନ-ନିଜର ୟୁଟ୍ୟୁବ୍ ଚ୍ୟାନେଲ କେତେ ସହାୟକ ହୋଇଛି?**
ଉତ୍ତର- ଲୋକଙ୍କ ପାଖରେ କିପରି ପହଞ୍ଚିବି ସେଇଟା ଭାବୁଥିଲି। ରିଅଲିଟି ଶୋ' ସରିବା ପରେ ପ୍ରାୟ ୨ବର୍ଷ କୌଣସି ଫିଲ୍ମରେ ଗୀତ ଗାଇବାର ସୁଯୋଗ ମିଳି ନ ଥିଲା। ତେଣୁ ଏକ ୟୁଟ୍ୟୁବ୍ ଚ୍ୟାନେଲ କରିଥିଲି। ସେଥିରେ ଗୀତ ଅପ୍‌ଲୋଡ୍ କରିବା ପରେ ଲୋକଙ୍କଠାରୁ ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ଆସୁଥିଲା।

**ପ୍ରଶ୍ନ- ଯେଉଁ କଣ୍ଠଶିଳ୍ପୀ ଫିଲ୍ମରେ ଗୀତ ଗାଇବାର ସୁଯୋଗ ପାଉନାହାନ୍ତି, ସେମାନଙ୍କ ପାଇଁ ଡିଜିଟାଲ ମିଡିଆ ଏକ ମାଧ୍ୟମ ବୋଲି ଭାବୁଛନ୍ତି କି?**
ଉତ୍ତର- ନିଶ୍ଚିତ। ଯେତେବେଳେ ଯାହା ଟ୍ରେଣ୍ଡ ଚାଲିଛି, ସେଥିରେ ନିଜକୁ ପ୍ରମୋଟ କରିବା ପାଇଁ ଆଗେଇ ଆସିବା ଉଚିତ। ଅଯଥା କେଉଁ ଜାଗାକୁ ଯାଇ ସମୟ ନଷ୍ଟ କରିବା ଅପେକ୍ଷା ଡିଜିଟାଲ ମିଡିଆକୁ ଯଦି ଠିକ୍ ଭାବେ ବ୍ୟବହାର କରିପାରିଲେ, ତେବେ ବହୁତ କିଛି ପାଇପାରିବା।

**ପ୍ରଶ୍ନ- ସିଙ୍ଗିଙ୍ଗ୍ କ୍ୟାରିୟରର ଟର୍ନିଂ ପଏଣ୍ଟ କେଉଁଟା ଥିଲା?**
ଉତ୍ତର- ତୁ ନୂଆ ସାଏରୀ...। ଫିଲ୍ମରେ ମୋର ଏହା ପ୍ରଥମ ବ୍ରେକ୍ ଥିବାରୁ ତାହା ଏକ ଟର୍ନିଂ ପଏଣ୍ଟ ଥିଲା। ତେବେ ରିଅଲିଟି ଶୋ'ରେ ଭାଗ ନେଇ ନ ଥିଲେ ମୁଁ ଲୋକଙ୍କ ପାଖରେ ପହଞ୍ଚି ପାରି ନ ଥାନ୍ତି। ଲୋକଙ୍କ ପାଖରେ ପହଞ୍ଚି ପାରି ନ ଥିଲେ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ପାରି ନ ଥାନ୍ତି। ୟୁଟ୍ୟୁବ୍‌ରେ ମୋର ପ୍ରତି ଗୀତ ମୋ ପାଇଁ ସଫଳ ଯାତ୍ରା ଥିଲା। ଏସବୁ ନ ଥିଲେ ମୋତେ ଫିଲ୍ମରେ ଗୀତ ଗାଇବାର ସୁଯୋଗ ମିଳି ନ ଥାନ୍ତା। ତେଣୁ ସବୁଦିନ ମୁଁ ଯାହା କରେ ସେଇଟା ମୋ ପାଇଁ ଟର୍ନିଂ ପଏଣ୍ଟ ବୋଲି ଭାବେ।

**ପ୍ରଶ୍ନ- ପ୍ରଥମ ଗୀତ ଅଫର କେମିତି ଆସିଥିଲା?**
ଉତ୍ତର- ୟୁଟ୍ୟୁବ୍ ଚ୍ୟାନେଲରେ ଯେଉଁ ବି ଗୀତ କରେ, ତା'ର ଲିଙ୍କ୍ ସବୁ ସଙ୍ଗୀତ ନିର୍ଦ୍ଦେଶକଙ୍କ ପାଖକୁ ପଠାଏ। ଏମିତି ଏକ ୟୁଟ୍ୟୁବ୍‌ରେ ମୋର ଏକ କଭର ଦେଖି କି ଅଭିଜିତ ମଜୁମଦାର ମୋତେ ଡାକିଥିଲେ ଏବଂ ଫିଲ୍ମ ପାଇଁ ସୁଯୋଗ ଦେଇଥିଲେ।

**ପ୍ରଶ୍ନ- ସବୁବେଳେ ରୋମାଣ୍ଟିକ ଗୀତ ଗାଉଛନ୍ତି। ଅନ୍ୟ ଗୀତ ଗାଇବାକୁ ଇଚ୍ଛା ନାହିଁ ନା ଅଫର ମିଳିନି?**
ଉତ୍ତର- ସବୁ ପ୍ରକାର ଗୀତ ଗାଇବା ପାଇଁ ଇଚ୍ଛା ଅଛି। କିନ୍ତୁ ସେଥିପାଇଁ ଠିକ୍ ଗୀତ ମିଳିବା ଉଚିତ। ଏଥିସହତ ମୋ ସ୍ୱରକୁ ବି ଖାପ ଖାଉଥିବା ଦରକାର। ଯେବେ ଏଭଳି ସୁଯୋଗ ମିଳିବ ନିଶ୍ଚୟ ଗାଇବି।

**ପ୍ରଶ୍ନ- ମ୍ୟୁଜିକ୍ ଭିଡିଓ କରିଛନ୍ତି। ଫିଲ୍ମରେ ଅଭିନୟ ପାଇଁ ଯଦି ଅଫର ମିଳେ କରିବେ କି?**
ଉତ୍ତର- କିଛିଟା ଅଫର ଆସିଛି। କିନ୍ତୁ ମୁଁ ଏବେ ଯାଏ ସେ ବିଷୟରେ କିଛି ଭାବିନି। ଆଉ ଫିଲ୍ମରେ ଅଭିନୟ କରିବା ପାଇଁ ମୋର ଇଚ୍ଛା ବି ନାହିଁ।

**ପ୍ରଶ୍ନ- ଚାକିରି ଓ ଗୀତ ଗାଇବା ଭଳି ଦୁଇଟି କାମକୁ କିପରି ମ୍ୟାନେଜ କରନ୍ତି?**
ଉତ୍ତର- ଅଫିସ୍‌ରେ ମୋତେ ସହଯୋଗ କରନ୍ତି। ଏହି ଦୁଇଟି ଜିନିଷକୁ ଟାଇମ୍ ମ୍ୟାନେଜ କରୁଛି ବୋଲି ମୁଁ ଆଉ କିଛି କରିବାକୁ ଚାହୁଁନି।

**ପ୍ରଶ୍ନ- ପ୍ରତିଦିନ ଗୀତ ପାଇଁ ସମୟ ଦେଇପାରନ୍ତି?**
ଉତ୍ତର- ହଁ। ଦିନକୁ ଏକ ଘଣ୍ଟା ଗୀତ ଅଭ୍ୟାସ କରେ।

**ପ୍ରଶ୍ନ- ବଲିଉଡ୍‌କୁ ଯିବା ପାଇଁ ସବୁ କଣ୍ଠଶିଳ୍ପୀଙ୍କ ଇଚ୍ଛା ଥାଏ। ଆପଣଙ୍କ ସେମିତି ଇଚ୍ଛା ହୋଇନି କି?**
ଉତ୍ତର- ହଁ, ଇଚ୍ଛା ଅଛି। କିନ୍ତୁ ଏଯାବତ୍ ମୋତେ ସୁଯୋଗ ମିଳିନି। ସୁଯୋଗ ମିଳିଲେ କେବଳ ବଲିଉଡ୍ ନୁହେଁ, ଯେକୌଣସି ଭାଷାରେ ଗୀତ ଗାଇବି।

**ପ୍ରଶ୍ନ- ଫିଲ୍ମ ଭଳି ଏବେ ଗୀତ ବି କପି ହେଲାଣି। କ'ଣ କହିବେ ଏ ସମ୍ପର୍କରେ?**
ଉତ୍ତର- ବହୁତ ଭଲ ଭଲ ଗୀତ ବାହାରୁଛି। ତେଣୁ ଆମେ କପି ଆଡ଼କୁ କାହିଁକି ଦେଖିବା। ଦୁନିଆରେ ଭଲ ଓ ଖରାପ ଜିନିଷ ହେଉଛି। ଭଲ ଜିନିଷକୁ ଆମେ ଆପଣାଇବା ଉଚିତ।

**ପ୍ରଶ୍ନ- କ'ଣ ଖାଇବାକୁ ଭଲ ଲାଗେ?**
ଉତ୍ତର- ଦେଶୀ ଖାଦ୍ୟ ଖାଇବାକୁ ଭଲ ଲାଗେ। କାଞ୍ଜି ତୋରାଣି ଓ ମାଣ୍ଡିଆ ଯାଉ ବେଶି ଭଲ ଲାଗେ। ମାଣ୍ଡିଆ ଯାଉ ଆମ ଘରେ ସବୁଦିନ ସକାଳେ ହୁଏ।

# ୬୯୦% ବଢ଼ିଲା ୫ କ୍ରିପ୍ଟୋ କରେନ୍ସି

ନୂଆଦିଲ୍ଲୀ,୨୦।୯

ଗତ ୨୪ ଘଣ୍ଟାରେ ୫ କ୍ରିପ୍ଟୋ କରେନ୍ସି ୬୯୦% ବଢ଼ିଥିବା ଜଣାପଡ଼ିଛି। କଏନ ମାର୍କେଟ କ୍ୟାପ୍ ସୂଚନା ମୁତାବକ, ବିଶ୍ୱ କ୍ରିପ୍ଟୋକରେନ୍ସି ବଜାରର ପୁଞ୍ଜୀକରଣ ବର୍ତ୍ତମାନ ୧.୯୯ ଲକ୍ଷ କୋଟି ଡଲାର ରହିଛି। ରବିବାର ତୁଳନାରେ ଏଥିରେ ୭.୬୦% ହ୍ରାସ ଘଟିଛି। ଗତ ୨୪ ଘଣ୍ଟାରେ କ୍ରିପ୍ଟୋ ମାର୍କେଟର ଭଲ୍ୟୁମ ୧୦୧.୭୮ ବିଲିୟନ ଡଲାର ରହିଛି। ଏଥିରେ ୨୦.୧% ବୃଦ୍ଧି ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ଭଲ ପ୍ରଦର୍ଶନ କରିଥିବା କ୍ରିପ୍ଟୋକରେନ୍ସି ମଧ୍ୟରେ ଆକ୍ୱା ପିଗ୍ ରହିଛି। ଏଥିରେ ୬୮୯.୨୮% ବୃଦ୍ଧି ଘଟିଛି। ସେହିଭଳି ଗ୍ରାଭିଟୋକେନ ୨୬୩.୭୫%, କଣ୍ଟ୍ରାକଏନ ୨୩୭.୮୪%, ସେଫବୁଲ ୨୨୫.୭୬%, ଇନ୍‌ଫିନିଟି କେକ୍ ୧୯୨.୯୨% ବଢ଼ିଥିବା ଜଣାପଡିଛି। ଟପ୍‌ରେ ରହିଥିବା କ୍ରିପ୍ଟୋକରେନ୍ସି ମଧ୍ୟରେ ବିଟ୍‌କଏନ, ଇଥେରିୟମ, କାର୍ଡାନୋ ରହିଛି। ଗତ ୨୪ ଘଣ୍ଟାରେ ବିଟ୍‌କଏନ ୬.୫୦% ନିମ୍ନରେ ରହିବା ଯୋଗୁ ଏହା ବର୍ତ୍ତମାନ ୪୫, ୦୩.୧୧ ଡଲାର ରହିଛି। ଦ୍ୱିତୀୟ ଲୋକପ୍ରିୟ କ୍ରିପ୍ଟୋକରେନ୍ସି ଏଥର ୮.୦୮% ନିମ୍ନରେ ରହିବା ଯୋଗୁ ୩୧୬୪.୩୬ ଡଲାରରେ ଟ୍ରେଡିଂ କରୁଛି। ଗତ ୭ ଦିନ ହେବ ଏହା ୧.୫୮% ନିମ୍ନରେ ରହିଛି। କର୍ଡାନୋ, ଟେଥର, ବିନାନ୍ସ କଏନ ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ରହିଛନ୍ତି। ଗତ କିଛିଦିନ ହେବ ବିଟ୍ କଏନ ୪୫ ହଜାରରୁ ୪୮ ହଜାର ଡଲାର ମଧ୍ୟରେ ଟ୍ରେଡିଂ କରୁଛି। ବର୍ତ୍ତମାନ ଡଜକଏନ କ୍ରିପ୍ଟୋବଜାରରେ ନବମ ସ୍ଥାନରେ ରହିଛି। ସୋମବାର ଏହାର କାରବାର ୯.୬୯% ନିମ୍ନରେ ରହିବା ଯୋଗୁ ଏହା ୦.୨୧୫୯ ଡଲାର ସ୍ତରରେ ରହିଛି।



ଇନ୍ଦୁ ପୂର୍ଣ୍ଣିମା ଅବସରରେ ସୋମବାର ଶ୍ରୀମନ୍ଦିର ସମ୍ମୁଖରେ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ସମ୍ପନ୍ନ କରାଯାଉଛି।

# ୨୮ରୁ ବିରଜାଙ୍କ ଶାରଦୀୟ ପୂଜା

ଯାଜପୁର ଟାଉନ,୨୦।୯(ଡି.ଏନ.ଏ.)

ମା'ବିରଜାଙ୍କ ଶାରଦୀୟ ପୂଜା ଆସନ୍ତା ୨୮ରୁ ଆରମ୍ଭ ହେବ ବୋଲି ଉପଜିଲ୍ଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ଡ.ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତମାସ ୨୮ ମୂଳାଷ୍ଟମୀଠାରୁ ଦେବୀଙ୍କ ଘଟ ନିମର୍ଜନ ମହାସ୍ନାନ ଓ ଶାରଦୀୟ ପୂଜା ଆରମ୍ଭ ହେବ। ଦୈନନ୍ଦିନ ପୂଜା ଦିବା ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୫ରୁ ସିଂହଧ୍ୱଜ ରଥର ଅଧିବାସ ରାତ୍ର ୧୧.୨୮ ମିନିଟ୍ ପରେ ଅନୁଷ୍ଠିତ ହେବ। ଅକ୍ଟୋବର ୬ ଅପରାହ୍ଣ ୩.୫୪ ପରେସିଂହଧ୍ୱଜ ରଥ ପ୍ରତିଷ୍ଠା ଓ ରଥ ଚାଳନା କରାଯିବ ବୋଲି ଉପଜିଲାପାଳ ମହାପାତ୍ର ଓ ସହଯୋଗୀ ପୁରୋଧା ସରୋଜ କୁମାର ପତି ସୂଚନା ଦେଇଛନ୍ତି। ଅକ୍ଟୋବର ୧୦ ରାତ୍ର ୭.୪୮ ମିନିଟ୍ ପରେ ପଞ୍ଚମୀ ମହାସ୍ନାନ ଓ ରାତିରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ୧୨ ତାରିଖରେ ମହାଷ୍ଟମୀ ଓ ମହାସ୍ନାନ ରାତି ୧୨.୨୪ ପରେ ଅନୁଷ୍ଠିତ ହେବ। ୧୩ରେ ମହାନବମୀ, ବିରଜାଙ୍କ ରଥାବତରଣ ଓ ଲାଖବିନ୍ଧା ପ୍ରାନ୍ତର କୁରାତି ୧୧.୧୮ ମିନିଟ ପରେ ଯାତ୍ରାରମ୍ଭ ହେବ ବୋଲି ସ୍ଥିରହୋଇଛି। ୧୪ ତାରିଖ ବିଜୟା ଦଶମୀ ରାତ୍ର ୮.୪୦ ମିନିଟ ପରେ ଦଶମୀବିହିତ ପୂଜା ଓ ଘଟ ବିସର୍ଜନ କରାଯିବ।

# ଅନ୍‌ଲାଇନ ରିଫ୍ରେସର କୋର୍ସ କରିବେ ଅଧ୍ୟାପକ

**ଭୁବନେଶ୍ୱର,୨୦।୯(ବ୍ୟୁରୋ):** ଉଚ୍ଚ ଶିକ୍ଷା ବିଭାଗ କଲେଜ ଅଧ୍ୟାପକଙ୍କ ପାଇଁ ଅନ୍‌ଲାଇନ ରିଫ୍ରେସର କୋର୍ସ ଆୟୋଜନ କରୁଛି। ଏଥିପାଇଁ ସରକାରୀ କଲେଜର ଅଧ୍ୟାପକଙ୍କ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଗତ ୧ ତାରିଖରୁ ଆରମ୍ଭ ହୋଇଛି। ତେବେ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ରାଜ୍ୟର ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକଙ୍କୁ ବି ଏହି ରିଫ୍ରେସର କୋର୍ସ କରିବା ପାଇଁ ଅନୁମତି ଦେଇଛି। ଏଥିପାଇଁ ଆସନ୍ତା ୩୦ ତାରିଖ ସୁଦ୍ଧା ପଞ୍ଜୀକରଣ କରିବାକୁ ପଡ଼ିବ। ଏ ନେଇ ସୋମବାର ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଅଧ୍ୟକ୍ଷମାନେ ସେମାନଙ୍କ କଲେଜ ଅଧ୍ୟାପକଙ୍କୁ ଏ ନେଇ ଜଣାଇବା ସହିତ https://hrdc.unipune.ac.inରେ ପଞ୍ଜୀକରଣ କରିବା ପାଇଁ କହିଛନ୍ତି। ସୂଚନାଯୋଗ୍ୟ, ଏହି କୋର୍ସ ଉଚ୍ଚଶିକ୍ଷା ବିଭାଗ, ଏଚ୍‌ଆର୍‌ଡିସି ଓ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜନ ହେଉଛି।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurment Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

# ବାଘଛାଲ କାରବାରରେ ଇଞ୍ଜିନିୟରିଂ ଛାତ୍ର

**■ ଧରାପଡ଼ିଲେ ୨ ଅଭିଯୁକ୍ତ**
**■ ଫେସ୍‌ବୁକ୍‌ରେ ଫଟୋ ପୋଷ୍ଟ ମହଙ୍ଗା ପଡ଼ିଲା**

ବାରିପଦା ଅଫିସ,୨୦।୯

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଥିବା ଗାନ୍ଧୀ ପାର୍କ ନିକଟରୁ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଚଢ଼ାଉକରି ୨ଫୁଟର କଲରାପତରିଆ ବାଘଛାଲ ଜବତ କରିଛି। ଏହି କାରବାରରେ ଜଡ଼ିତ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ବଡ଼ସାହି ଥାନା ଅଧୀନ ଉଠାଣୀନୂଆଗାଁ ଗ୍ରାମର ବିକାଶ ବେଷ୍ଟକର(୨୭) ଓ ଖାନୁଆ ପଞ୍ଚାୟତ ପଳାଶବଣୀ ଗ୍ରାମର ବିକାଶ ବିନୟ ସିଂ(୨୬)।



ଜବତ ବାଘଛାଲ।

ସୂଚନା ଅନୁଯାୟୀ, ବିକାଶ ରଙ୍ଗ ମିସ୍ତ୍ରି ଭାବେ କାମ କରନ୍ତି। ଶିମିଳିପାଳ ଅଞ୍ଚଳକୁ ସେ କାମ କରିବାକୁ ଯାଇଥିବା ବେଳେ ବାଘ ଛାଲ କିଣିଥିଲେ। ଏହାକୁ ବିକ୍ରି କରିବା ପାଇଁ ସହଯୋଗୀ ଭାବେ ଡିଗ୍ରୀ ଇଞ୍ଜିନିୟରିଂ ପାସ୍ କରିଥିବା ବିକାଶ ବିନୟଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ ବିକାଶ ବିନୟ ଏହି ବାଘଛାଲର ଫଟୋକୁ ବିକ୍ରି କରିବା ଉଦ୍ଦେଶ୍ୟରେ ନିଜ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ। ଚେନ୍ନାଇର କ୍ରାଇମ୍ କଣ୍ଟ୍ରୋଲ ବୋର୍ଡ ଏହି ଫଟୋ ଦେଖି ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବୋର୍ଡ ଜବଲପୁରକୁ ଖବର ଦେଇଥିଲା। ଜବଲପୁରରୁ ଓଡ଼ିଶା ଏସ୍‌ଟିଏଫ୍‌କୁ ସୂଚନା ଦିଆଯାଇଥିଲା। ଏସ୍‌ଟିଏଫ୍ ପକ୍ଷରୁ ବାରିପଦା ବନ ବିଭାଗକୁ ଖବର ଦିଆଯିବା ସହ ଜଣେ କର୍ମଚାରୀ ଗ୍ରାହକ ସାଜି ବିକାଶ ବିନୟଙ୍କ ସହ ଯୋଗାଯୋଗ କରିଥିଲେ। ଯୋଜନା ଅନୁଯାୟୀ ସୋମବାର ବାଘଛାଲ ନେଇ ଆସିଥିବା ବେଳେ ଏସଟିଏଫ୍ ଓ ବନ କର୍ମଚାରୀମାନେ ବିକାଶ ବିନୟଙ୍କୁ କାବୁ କରିଥିଲେ। ତାଙ୍କଠାରୁ ବାଘଛାଲ ଓ ଦାନ୍ତ ଜବତ କରାଯାଇଛି। ବାଘଟି ଅଳ୍ପ ବୟସର ହୋଇଥିବା ବେଳେ ଏହାର ଲିଙ୍ଗ ଜଣାପଡ଼ିନାହିଁ। ବାଘଛାଲର ଡିଏନ୍‌ଏ ପରୀକ୍ଷା ପରେ ଲିଙ୍ଗ ଓ ବୟସ ଜଣାପଡ଼ିବ ବୋଲି ବିଭାଗ ସୂଚନା ଦେଇଛି। ଏହି ଚଢ଼ାଉରେ ୱାଇଲ୍ଡ ଲାଇଫ୍ କଣ୍ଟ୍ରୋଲ ବୋର୍ଡର କନଷ୍ଟେବଳ ରାଜୀବ ଦୀକ୍ଷିତ, ସହକାରୀ ବନ ସଂରକ୍ଷକ ଦିଲୀପ କୁମାର ବାରିକ, ବାରିପଦା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀଧର ବେହେରା ପ୍ରମୁଖ ସାମିଲ ଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା (ଓଆର ୭୮/୨୦୨୧-୨୨) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ଉଲ୍ଲେଖଯୋଗ୍ୟ, ୨୦୨୦ ସେପ୍ଟେମ୍ବର ୩ରେ ବିଶୋଇ ଥାନା ଅଧୀନ ଖେଜୁରୀକଟା ଗ୍ରାମ ନିକଟରେ ବନ ବିଭାଗ ଚଢ଼ାଉକରି ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ତେବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରେ ଶିକାରୀମାନେ ଅବାଧରେ ପ୍ରବେଶ କରି ବାଘ ସମେତ ଅନ୍ୟ ଜୀବଜନ୍ତୁଙ୍କୁ ଶିକାର କରୁଛନ୍ତି। ବାଘଛାଲଠାରୁ ଆରମ୍ଭ କରି ହାତୀଦାନ୍ତ, ହରିଣ, ଶମ୍ବର ଓ କୁଟୁରା ମାଂସ ବିକ୍ରି କରୁଥିବା ଅଭିଯୁକ୍ତମାନେ ଧରାପଡ଼ିବା ଘଟଣା ଜିଲାରେ ବାରମ୍ବାର ଦେଖିବାକୁ ମିଳୁଛି। ମାତ୍ର ବିଭାଗ ଠୋସ୍ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବନ୍ୟଜନ୍ତୁ ଏବେ ଗାଁ ଓ ସହର ମୁହାଁ ହେଉଛନ୍ତି। ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବାଘଙ୍କ ସଂଖ୍ୟା ଲୋପ ପାଇବ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି

**ପୁରୀ ଅଫିସ, ୨୦।୯:** ଶ୍ରୀମନ୍ଦିରରେ ସୋମବାର ଇନ୍ଦୁ ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ଏଥିସହ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ରତ୍ନସିଂହାନକୁ ବିଜେ କରାଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗିକରିଥିଲେ। ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ସିଂହଦ୍ୱାର ନିକଟ ବଡ଼ଛତା ମଠ ପାର୍ଶ୍ୱକୁ ନେଇଥିଲେ। ସେଠାରେ ପଞ୍ଚୋପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବରୁ ଐରାବତ ହସ୍ତୀ ସହ ଦେବରାଜ ଇନ୍ଦ୍ର ରହିଥିଲେ। ଶୀତଳ ଭୋଗ ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ଐରାବତ ହସ୍ତୀ ଉପରେ ଇନ୍ଦ୍ର ଓ ମାହୁନ୍ତ ବେଶରେ ଦୁଇଜଣ ବ୍ୟକ୍ତି ବସି ସିଂହଦ୍ୱାର ନିକଟକୁ ନୀତି ସମ୍ପାଦନ ପାଇଁ ଆସିଥିଲେ। ନୀତି ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ODISHA LIFT IRRIGTION CORPORATION LTD.
(A Government of Odisha Undertaking)
OFFICE OF THE EXECUTIVE ENGINEER,
LIFT IRRIGATION DIVISION, BHAWANIPATNA
E-mail ID: liftirrigation_bpt@yahoo.in

**Notice Inviting Request for Proposal for Selection of Facility Management Agency for Engagement of D.E.O. cum- O.A.**

**TCN No. 2058 Dt.18.09.2021**

No. CAD-1230: Executive Engineer, Lift Irrigation Division, Bhawanipatna invites sealed proposals from eligible bidders (Firms/Agencies) interested to provide "Facility Management Services" on outsourcing basis vide a service contract to be engaged under Lift Irrigation Division, Bhawanipatna.

Tender documents can be had from the Office of the Executive Engineer, Lift Irrigation Division, Bhawanipatna during office hours on working days from **Dt.22.09.21 to Dt.05.10.21** on application and payment of cost of tender paper **(non-refundable Rs.600/-)** in shape of **Bank Draft/Banker's Cheque** drawn on any Nationalized Bank in favour of **Executive Engineer, Lift Irrigation Division, Bhawanipatna** payable at **Bhawanipatna**.

The completed tender documents shall be received at L.I. Division, Bhawanipatna by Speed Post/Registered Post/Courier only upto **02.00 P.M. of Dt.05.10.21** which will be opened at Lift Irrigation, Bhawanipatna on the same day at **03.30 P.M.** in presence of tenderers or their authorized representative if any.

The tender must be accompanied with all required documents/EMD as per DTCN in absence of which the tender will summarily be rejected.

The undersigned reserves the right to accept or reject any or all the tenders without assigning any reason thereof.

**Sd./- Executive Engineer**
**L.I. Division, Bhawanipatna**
OIPR-32148/11/0003/2122

# ବିଶ୍ୱଶାନ୍ତି ଓ ଗାନ୍ଧିବାଦ



ଡ. ପ୍ରଫୁଲ୍ଲ କୁମାର ସାହୁ

ଯୁଦ୍ଧ ହେଉଛି ସଭ୍ୟତାର ସବୁଠାରୁ ଭୟାନକ ଓ ବିଭତ୍ସ ଇତିହାସ। ମାନବ ସଭ୍ୟତାର ଆରମ୍ଭରୁ ଏ ପର୍ଯ୍ୟନ୍ତ ଯେତେ ଯୁଦ୍ଧ ହୋଇଛି ସେଥିରେ କେବଳ ଅକାଳରେ ଝରି ପଡ଼ିଛି ଅନେକ ମୂଲ୍ୟବାନ ଜୀବନ। ଭାଙ୍ଗିପଡ଼ିଛି ସମୃଦ୍ଧିର ସୌଧ। ବିପର୍ଯ୍ୟସ୍ତ ହୋଇଛି ଅର୍ଥନୀତି। ବାସ୍ତୁହରା ହୋଇଛନ୍ତି ଅସଂଖ୍ୟ ନିରୀହ ମଣିଷ। ହେଲେ ଏ କ୍ଷୟକ୍ଷତିରୁ କ'ଣ ଶିକ୍ଷା କରେ ମଣିଷ? ଇତିହାସ କହେ କଳିଙ୍ଗ ଯୁଦ୍ଧର ରକ୍ତାକ୍ତ ସଂଘର୍ଷ ଓ ନରସଂହାର ପ୍ରଚଣ୍ଡ ପରାକ୍ରମୀ ସମ୍ରାଟ ଚଣ୍ଡାଶୋକଙ୍କୁ ଶିଖାଇଥିଲା ଶାନ୍ତି ଓ ସଦ୍‌ଭାବନାର ମନ୍ତ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ପରେ ଯୁଦ୍ଧକୁ ନେଇ ସାରା ବିଶ୍ୱରେ ସୃଷ୍ଟି ହେଲା ଏକ ଅନାସ୍ଥା ଭାବ। ଦେଶ ଦେଶ ଭିତରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଏକାଠି ହେଲେ ଅନେକ ରାଷ୍ଟ୍ରମୁଖ୍ୟ। ଆରମ୍ଭ ହେଲା ବିଚାର ବିମର୍ଶ। ତା'ର ଫଳ ସ୍ୱରୂପ ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସ ସ୍ତୂପ ମଧ୍ୟରୁ ଜନ୍ମନେଲା (୧୯୪୫ ଅକ୍ଟୋବର ୨୪) ମିଳିତ ଜାତିସଂଘ। ପୃଥିବୀ ମାନଚିତ୍ର ସହିତ ଦୁଇଟି ଅଲିଭ ବୃକ୍ଷର ଚିତ୍ରଥିବା ଜାତିସଂଘର ନୀଳ ରଙ୍ଗର ପତାକା ହେଉଛି ଶାନ୍ତି, ମୈତ୍ରୀ ଓ ଐକ୍ୟର ପ୍ରତୀକ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହିଁ ଜାତିସଂଘର ପ୍ରଧାନ ଲକ୍ଷ୍ୟ। ଜାତିସଂଘ ତା'ର ଜନ୍ମଲଗ୍ନରୁ ଏକଥା ସନନ୍ଦ ମାଧ୍ୟମରେ ଘୋଷଣା କରିଛି ଏବଂ ଦେଶ ଦେଶ ଭିତରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଠନ କରିଛି ନିରାପତ୍ତା ପରିଷଦ। ପରିଚାଳନାଗତ ସୁବିଧା ପାଇଁ ସାଧାରଣ ପରିଷଦ, ନିରାପତ୍ତା ପରିଷଦ, ଅର୍ଥନୀତିକ ଓ ସାମାଜିକ ପରିଷଦ, ଆନ୍ତର୍ଜାତିକ ବିଚାର ଅଦାଲତ ଆଦି ଜାତିସଂଘର ଯେତେ ପରିଷଦ ରହିଛି, ସେସବୁ ମଧ୍ୟରେ ବେଶି ଶକ୍ତିଶାଳୀ ହେଉଛି ନିରାପତ୍ତା ପରିଷଦ। ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଓ ଚାଇନା ଭଳି ବୃହତ୍ ଶକ୍ତିମାନଙ୍କୁ ମିଳିଛି ଏହି ପରିଷଦର ସ୍ଥାୟୀ ସଦସ୍ୟ ପଦ। ଏକକ ଭାବରେ ଏହି ପାଞ୍ଚଟି ରାଷ୍ଟ୍ର ପାଖରେ ହିଁ ରହିଛି ନିରାପତ୍ତା ପରିଷଦର ସିଦ୍ଧାନ୍ତକୁ ଅଚଳ କରିଦେବାର ଭିଟୋ କ୍ଷମତା। ଜାତିସଂଘ ଗଠନ ପରେ ଆଶ୍ୱସ୍ତ ହୋଇଥିଲା ଯୁଦ୍ଧୋତ୍ତର ପୃଥିବୀ।

ଚିନ୍ତାଶୀଳ ଲୋକେ ଭାବିଥିଲେ ଜାତିସଂଘର ହସ୍ତକ୍ଷେପ ଫଳରେ ପୃଥିବୀରେ ଆଉ ପରମାଣୁ ବୋମା ତିଆରି ହେବନି କି ରହିବନି ଯୁଦ୍ଧର ଭୟ। ଦେଶ ଦେଶ ଭିତରେ ଉତ୍ତେଜନା ହ୍ରାସ ପାଇବା ସହିତ ତିଆରି ହେବ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ମାତ୍ର ବୃହତ୍ ଶକ୍ତିମାନଙ୍କର ଅହଂ ଆଗରେ ବ୍ୟର୍ଥ ହେଲା ଶାନ୍ତିକାମୀ ବିଶ୍ୱବାସୀଙ୍କ ଆଶା ଓ ବିଶ୍ୱାସ।

ପରମାଣୁ ଅସ୍ତ୍ର ଉପରେ ଆମେରିକାର ଏକଚାଟିଆ ଅଧିକାରକୁ ନେଇ ବାଧାପ୍ରାପ୍ତ ହେଲା ନିରସ୍ତ୍ରୀକରଣ ପ୍ରକ୍ରିୟା। ଆମେରିକାର ଆଧିପତ୍ୟକୁ ଅସ୍ୱୀକାର କରି ଦ୍ୱିତୀୟ ଅଣୁଶକ୍ତି ଭାବରେ ଉଭା ହେଲା (୧୯୪୯) ସୋଭିଏଟ୍ ରୁଷ। ଠିକ୍ ତା'ର ତିନି ବର୍ଷ ପରେ(୧୯୫୨)ସଫଳତାର ସହ ଆଣବିକ ପରୀକ୍ଷା କଲା ବ୍ରିଟେନ। ପରବର୍ତ୍ତୀ ସମୟରେ ଆତ୍ମରକ୍ଷାର ଦ୍ୱାହିଦେଇ ଅଣୁଅସ୍ତ୍ରର ଅଧିକାରୀ ହେଲେ ଚାଇନା, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଓ ଇସ୍ରାଏଲ ଆଦି ଅନେକ ରାଷ୍ଟ୍ର।

ଗୋଟିଏ ପଟେ ଶାନ୍ତିପ୍ରତିଷ୍ଠା ପାଇଁ ଆହ୍ୱାନ, ଅନ୍ୟ ପଟରେ ପରସ୍ପର ରକ୍ତରେ ସ୍ନାନ କରିବା ପାଇଁ ବୃହତ୍ ଶକ୍ତିମାନଙ୍କର ପରୋକ୍ଷ ରଣ ହୁଙ୍କାର। ଛୋଟ ଛୋଟ ଦେଶକୁ ମୋହରା ବନେଇ ସେମାନେ ବିଶ୍ୱ ପାଇଁ ତିଆରି କରୁଛନ୍ତି ନୂଆ ନୂଆ ବିବାଦ। ଫଳରେ ଦେଶ ଦେଶ ଭିତରେ ବଢୁଛି ଉତ୍ତେଜନା। ପୃଥିବୀରେ ବୃଦ୍ଧିପାଉଛି ଯୁଦ୍ଧାସ୍ତ୍ରର ପରିମାଣ। କୁହାଯାଉଛି ୧୯୪୫ ପରେ ବିଶ୍ୱର ଜନସଂଖ୍ୟା ଯେତେ ଗୁଣ ବଢ଼ିଛି, ପ୍ରାୟତଃ ତା'ର ଲକ୍ଷେ ଗୁଣ ବଢ଼ିଛି ପରମାଣୁ ଶକ୍ତି। ଅର୍ଥାତ୍ ଏବେ ଏକ ଅଣୁଗଦା ଉପରେ ଠିଆ ହୋଇଛି ଆଧୁନିକ ବିଶ୍ୱ। ଏଭଳି ସ୍ଥିତିରେ ଜାତିସଂଘ ଖୋଜି ପାଉନି ଶାନ୍ତି ପ୍ରତିଷ୍ଠାର ବାଟ। ଗୋଟିଏ ପଟରେ ଦେଶ ଦେଶ ଭିତରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନର ଆହ୍ୱାନ ଦେଇ ଆଜି (ସେପ୍ଟେମ୍ବର-୨୧) ପାଳନ କରୁଛି ଆନ୍ତର୍ଜାତିକ ଶାନ୍ତି ଦିବସ। ଅଥଚ ଆଫଗାନିସ୍ତାନରେ ତାଲିବାନ ଚଳେଇ ଥିବା ବର୍ବରତାକୁ ବିରୋଧ କରିପାରୁନି ଅନ୍ଧ ଧୃତରାଷ୍ଟ୍ରଙ୍କ ପରି। କାରଣ ସାମ୍ରାଜ୍ୟବାଦର ଔଦ୍ଧତ୍ୟ ଆଗରେ ଜାତିସଂଘ ପାଲଟି ଯାଇଛି ତର୍କ ଓ ପ୍ରସ୍ତାବର କେବଳ ଏକ ଅସହାୟ ମଞ୍ଚ। ବିଶ୍ୱ ରାଜନୀତିରେ ଦଖଲ ରଖିଥିବା ବିଶେଷଜ୍ଞଙ୍କ ମତରେ ଜାତିସଂଘ ଯଦି ଆରମ୍ଭରୁ ନିରପେକ୍ଷ ରହି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ନିଷ୍ଠାପର ଉଦ୍ୟମ କରିଥାନ୍ତା, ତେବେ ନିଶ୍ଚୟ ରୋକାଯାଇ ପାରିଥାନ୍ତା ଭାରତ-ଚାଇନା, ଭାରତ-ପାକିସ୍ତାନ, ଆମେରିକା-ଭିଏତ୍‌ନାମ ଓ ଇରାକ-ଇରାନ ତଥା ଆହୁରି ଅନେକ ଯୁଦ୍ଧ। ଆତଙ୍କବାଦୀ ବର୍ବରତାରେ ବିଶ୍ୱ ଆଜି ଜର୍ଜରିତ ହେଉ ନ ଥାନ୍ତା କି ଆଫଗାନିସ୍ତାନକୁ ବନ୍ଧୁକ ମୁନରେ ଶାସନ କରିବାକୁ ସାହସ କରି ନ ଥାନ୍ତା ତାଲିବାନ। ଉତ୍କଳ ଗୌରବ ମଧୁସୂଦନ ଲେଖିଥିଲେ-'ଜାତିର ଉନ୍ନତି ସେ କାହୁଁ କରିବ ସ୍ୱାର୍ଥେ ଯାର ବ୍ୟସ୍ତ ମନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ!' ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ମାରଣାସ୍ତ୍ର ନିର୍ମାଣରେ ଯେଉଁମାନଙ୍କର ବିଳାସ, ଜାତିସଂଘ ଯଦି ସେହିମାନଙ୍କ ହାତର କ୍ରୀଡ଼ନକ ହୋଇଯାଏ ତେବେ କେମିତି ଆଗକୁ ବଢ଼ିବ ନିରସ୍ତ୍ରୀକରଣ ପ୍ରକ୍ରିୟା?

କଥାରେ ଅଛି ଲୁହାରେ ଯଦି କେବଳ ଖଣ୍ଡା ବର୍ଚ୍ଛା ତିଆରି ହୁଏ, ତେବେ ବୃଦ୍ଧିପାଏ ରକ୍ତପାତ। ମାତ୍ର ସେହି ଲୁହାରେ ଯଦି ଲଙ୍ଗଳର ଫାଳ ତିଆରି ହୁଏ, ତେବେ ବୃଦ୍ଧି ପାଏ କୃଷି ଉତ୍ପାଦନ। ଅର୍ଥାତ୍ ଯେଉଁ ଦେଶ ସମୃଦ୍ଧିଠାରୁ ସଂହାରକୁ ଅଧିକ ଗୁରୁତ୍ୱ ଦିଏ, ସେ ଦେଶରେ ବେସାମରିକ ଖର୍ଚ୍ଚକୁ ଟପିଯାଏ ସାମରିକ ଖର୍ଚ୍ଚ।

ବୃହତ୍ ଶକ୍ତିମାନଙ୍କ ସ୍ୱାର୍ଥ ଆଗରେ ଉପରୋକ୍ତ ବିଚାର ଆଜି ଅର୍ଥହୀନ। ତେଣୁ ସାମରିକ ଖର୍ଚ୍ଚର ଶିଖର ଆରୋହଣ କରିବା ପାଇଁ ସେମାନଙ୍କ ଭିତରେ ଅହରହ ପ୍ରତିଯୋଗିତା ଚାଲିଛି ଏବଂ ସେହି କାରଣରୁ ପୃଥିବୀରେ ଏବେ ଆଶାତୀତ ଭାବେ ବଢ଼ି ଚାଲିଛି ଅସ୍ତ୍ରଶସ୍ତ୍ର କାରବାର। ପ୍ରତିବର୍ଷ ଏଥିପାଇଁ ବିନିଯୋଗ ହେଉଛି ହଜାର ହଜାର କୋଟି ଡଲାର। ଅନ୍ୟପକ୍ଷରେ ପୃଥିବୀରେ ଏବେ ପ୍ରତିଦିନ ଭୋକ ବିକଳରେ ପ୍ରାଣ ହରାଉଛନ୍ତି ହଜାର ହଜାର ଶିଶୁ। ଦୁଇ ତୃତୀୟାଂଶ ଲୋକ ଶଢୁଛନ୍ତି ଦାରିଦ୍ର୍ୟରେ। ସେମାନଙ୍କ ପାଇଁ ପାନୀୟ ଜଳ ନାହିଁ, ପେଟକୁ ଦାନା ନାହିଁ, ଦେହକୁ ବସ୍ତ୍ର ନାହିଁ, ମୁଣ୍ଡ ଉପରେ ଛାତ ନାହିଁ, ଅଥଚ ବିପୁଳ ଅର୍ଥ ବ୍ୟୟରେ ଯୁଦ୍ଧାସ୍ତ୍ର ମହଜୁଦ କରିବା ନିମନ୍ତେ ପଶ୍ଚାତ୍‌ପଦ ହେଉନି କୌଣସି ଦେଶ। ତଥ୍ୟ କହେ ପୃଥିବୀର ୫୨ ପ୍ରତିଶତ ବୈଜ୍ଞାନିକ ଏବେ ନିୟୋଜିତ ଅଛନ୍ତି ମାରଣାସ୍ତ୍ର ନିର୍ମାଣ କାର୍ଯ୍ୟରେ। ଅର୍ଥାତ୍ ଆଧୁନିକ ମଣିଷ ତା'ର ଶ୍ରେଷ୍ଠତମ ମେଧା ଉପଯୋଗ କରୁଛି ଅଧିକରୁ ଅଧିକ ଧ୍ୱଂସକାରୀ ମାରଣାସ୍ତ୍ର ନିର୍ମାଣ କରିବାରେ। ସେଥିପାଇଁ ବିଖ୍ୟାତ ଦାର୍ଶନିକ ବରଣ୍ଡାଣ୍ଡ ରସେଲ କହିଥିଲେ-ଆଧୁନିକ ବିଶ୍ୱରେ ଶାନ୍ତି ଏକ ବ୍ୟୋମଯାନ ପରି ଆକାଶରେ ଘୂରି ବୁଲୁଛି, ଯିଏ ଧରାବତରଣ ପାଇଁ ଖୋଜି ପାଉନି ପ୍ରକୃଷ୍ଟ ସ୍ଥାନ।

## ଅନ୍ତର୍ଜାତୀୟ ଶାନ୍ତି ଦିବସ ଉପଲକ୍ଷେ

ସମଗ୍ର ବିଶ୍ୱ ଗୋଟିଏ ଗୃହ। ସାରା ମଣିଷ ଜାତି ଗୋଟିଏ ପରିବାର। ସମସ୍ତ ସୃଷ୍ଟି ଗୋଟିଏ ସମଷ୍ଟି। ସେହି ସମଗ୍ରତା ମଧ୍ୟରୁ ମୁକ୍ତ ନୁହନ୍ତି କେହି। ମଣିଷର ଏହି ଉପଲବ୍ଧି ହିଁ ଶାନ୍ତି ପ୍ରକ୍ରିୟାର ମୂଳ କଥା। ମାତ୍ର ସେହି ମୂଳ ଉପରେ ବାରମ୍ବାର ଭାରି ପଡୁଛି ରାଜନୈତିକ ବିବାଦ, ଭୌଗୋଳିକ ସୀମା, କ୍ଷମତାଲିପ୍ସୁ ଅଭିଳାଷ, ମୌଳବାଦୀ ଆତଙ୍କ ଆଦି ନାନା ନକାରାତ୍ମକ ଶକ୍ତି। ମାତ୍ର ଏ ସବୁରି ଊର୍ଦ୍ଧ୍ୱରେ ମଣିଷପଣିଆ, ଯାହା ଅନେକ ସମୟରେ ବଦଳାଇ ଦିଏ ଇତିହାସର ମୋଡ଼। ବୋମା ପକାଇଥିବା ସାମରିକ ବିମାନର ପାଇଲଟ ଚାଲ୍ସ ଡୋନାଲ୍ଡ କହିଥିଲେ-'ପୃଥିବୀ ଶାନ୍ତି ଚାହେଁ, ମାନବ ସଭ୍ୟତା ବଞ୍ଚି ରହିବା ପାଇଁ ବୋମା ନୁହେଁ, ବିଶ୍ୱ ଭ୍ରାତୃତ୍ୱ ଲୋଡ଼ା।'

ବିକାଶ ଓ ଶାନ୍ତି ପରସ୍ପର ପରିପୂରକ। ତେଣୁ ବିକାଶର ଧାରା ବଜାୟ ରଖିବାକୁ ହେଲେ ଯୁଦ୍ଧ ନୁହେଁ, ଶାନ୍ତିର ଧାରା ବଜାୟ ରଖିବା ଜରୁରୀ। ଶାନ୍ତିର ଅସଲ ମାର୍ଗ ହେଉଛି ବିଶ୍ୱ ଭ୍ରାତୃତ୍ୱ ଭାବନା, ଯାହା ଭାରତୀୟ ସଂସ୍କୃତିର ଆତ୍ମିକ ସନନ୍ଦ। ସେଥିପାଇଁ ମହାଯୋଗୀ ଶ୍ରୀଅରବିନ୍ଦ କହିଥିଲେ, ଭାରତ ହେଉଛି ପୃଥିବୀର ଆତ୍ମା। ଭାରତ ଦ୍ୱାରା ସମ୍ଭବ ହେବ ପୃଥିବୀରେ ଶାନ୍ତି ପ୍ରତିଷ୍ଠା। ଭାରତ ହେଉଛି ସତ୍ୟ ଓ ଅହିଂସାର ପୂଜାରୀ ଗାନ୍ଧିଜୀଙ୍କ ଦେଶ। ଏ ଦେଶ ଦିନେ ବିଶ୍ୱରେ ପ୍ରଚାର କରିଥିଲା ଗୌତମ ବୁଦ୍ଧଙ୍କ ଶାନ୍ତି ଓ ପ୍ରେମର ବାଣୀ। ଗୌତମ ବୁଦ୍ଧଙ୍କ ପରି ଗାନ୍ଧୀ ଦର୍ଶନର ମୂଳମନ୍ତ୍ର ଥିଲା ସତ୍ୟ, ଶାନ୍ତି ଓ ଅହିଂସା। ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଦିଗରେ ଭାରତୀୟଙ୍କ ଉପରେ ଗାନ୍ଧିଜୀଙ୍କର ଥିଲା ଅଖଣ୍ଡ ପ୍ରଭାବ। ଦେଶରେ ଶାନ୍ତିଭଙ୍ଗ ହେଲେ ସେ ଅନଶନ କରୁଥିଲେ, ଯା'କୁ ନେଇ ପ୍ରମାଦ ଗଣୁଥିଲେ ଉଭୟ ପକ୍ଷ। ଦୃଷ୍ଟାନ୍ତ ସ୍ୱରୂପ ସ୍ୱାଧୀନତାର ପ୍ରଥମ ସକାଳରେ ଦେଶରେ ଉତ୍କଟ ରୂପ ନେଇଥିବା ସାଂପ୍ରଦାୟିକ ଦଙ୍ଗାକୁ ରୋକିବା ପାଇଁ ଗାନ୍ଧିଜୀ କଲିକତାରେ ଆରମ୍ଭ କଲେ ଅନଶନ। ଯେଉଁମାନେ ପରସ୍ପର ରକ୍ତରେ ସ୍ନାନ କରିବାକୁ ବାହାରି ଥିଲେ,ସେମାନେ ଗାନ୍ଧିଜୀଙ୍କ ନିକଟରେ ତରବାରି ସମର୍ପଣ କରି ବାଣ୍ଟିଲେ ସଦ୍‌ଭାବନା ବାର୍ତ୍ତା। ହିନ୍ଦୁ ମୁସଲମାନ କାନ୍ଧରେ କାନ୍ଧ ମିଳାଇ ବାହାର କଲେ ଶାନ୍ତି ଶୋଭାଯାତ୍ରା। କେଉଁଠି 'ବନ୍ଦେ ମାତରମ୍' ତ କେଉଁଠି 'ସା ରେ ଜହାଁସେ ଅଚ୍ଛା' ସଂଗୀତ ଧ୍ୱନିରେ ମୁଖରିତ ହେଲା କଲିକତାର ଗଗନପବନ। ମୋହନ ଦାସଙ୍କ ମୋହିନୀ ଶକ୍ତି ବଳରେ ସେଠାରେ ଶାନ୍ତି ପୁନଃ ପ୍ରତିଷ୍ଠା ପରେ ସେ ଦିଲ୍ଲୀ ଫେରି ଆସିଲେ ଏବଂ ସମଗ୍ର ଦେଶରେ ଶାନ୍ତି ଫେରାଇ ଆଣିବା ପାଇଁ ଜୀବନକୁ ଲଗାଇ ଦେଲେ ବାଜି। ଗାନ୍ଧିଜୀଙ୍କ ପାଇଁ ଅହିଂସା କେବେ ଏକ ଉପଦେଶ ନ ଥିଲା, ତାହା ଥିଲା ତାଙ୍କ ଜୀବନର କ୍ରିୟାତ୍ମକ ସିଦ୍ଧାନ୍ତ। ବିଶ୍ୱ ଶାନ୍ତି ପାଇଁ ଏକ ବ୍ରହ୍ମାସ୍ତ୍ର। ତେଣୁ ଅହିଂସାର ମନ୍ତ୍ର ପଢ଼ି ସେ କେବଳ ଭାରତକୁ ସ୍ୱାଧୀନ କରି ନ ଥିଲେ, ଏଥିସହିତ ଦୁନିଆକୁ ଦେଖାଇ ଦେଇଥିଲେ ବିନା ଅସ୍ତ୍ରରେ କେମିତି ଜିଣିହୁଏ କୋଟି କୋଟି ମଣିଷଙ୍କ ହୃଦୟ। ଗାନ୍ଧିଜୀଙ୍କର ଏହି ଆଦର୍ଶରେ ଉଦ୍‌ବୋଧିତ ହୋଇଛି ସମଗ୍ର ବିଶ୍ୱ। ସେଥିପାଇଁ ତାଙ୍କ ଜନ୍ମ ଦିବସକୁ ଅହିଂସା ଦିବସ ଭାବେ ପାଳନ କରୁଛି ମିଳିତ ଜାତିସଂଘ। ମାତ୍ର କାର୍ଯ୍ୟରେ ଗାନ୍ଧିବାଦକୁ ଅଣଦେଖା କରିବା ଫଳରେ ସମଗ୍ର ବିଶ୍ୱ ଆଜି ଅଶାନ୍ତ। ପୃଥିବୀର ବିଭିନ୍ନ କୋଣରୁ ଶୁଭୁଛି ଯୁଦ୍ଧର ହୁଙ୍କାର। ମୌଳବାଦୀ ଚିନ୍ତାଧାରାକୁ ନେଇ ଭୟଙ୍କର ରୂପ ନେଉଛି ସନ୍ତ୍ରାସବାଦ। ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଭାଷାରେ '-ଆଜିର ବିଶ୍ୱଶାନ୍ତି ଓ ଯୁଦ୍ଧ- ଦୁଇଟି ଦ୍ୱନ୍ଦ୍ୱାତ୍ମକ ମେରୁ ମଧ୍ୟରେ ଝୁଲୁଛି। ଗୋଟିଏ ପଟରେ ଶାନ୍ତି ପାଇଁ ବ୍ୟାକୁଳତା, ଅନ୍ୟ ପଟରେ ଯୁଦ୍ଧର କଳା ବାଦଲ।' ଏହି ପରିପ୍ରେକ୍ଷୀରେ ଦିନକୁ ଦିନ ଅଧିକ ପ୍ରାସଙ୍ଗିକ ହୋଇପଡୁଛି ଗାନ୍ଧିଜୀଙ୍କ ଅହିଂସା ନୀତି। ତେଣୁ ଗାନ୍ଧୀ ବିଚାରକୁ ଛାଡ଼ି ଜାତିସଂଘର ହଜାରେ ପ୍ରୟାସ ସତ୍ତ୍ୱେ ପୃଥିବୀରୁ ଗୋଳା ବାରୁଦ ଗନ୍ଧ ହଟିବନି କି ବିଶ୍ୱ ବଗିଚାରେ ଫୁଟିବନି ଶାନ୍ତିର ପାରିଜାତ। ବରଂ ବିସ୍ତାରବାଦୀଙ୍କ ଭିଟୋ ମାଡ଼ରେ ପକ୍ଷାଘାତ ପୀଡିତ ହୋଇ ପଡ଼ିବ ମିଳିତ ଜାତିସଂଘ।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ**
**ମୋ: ୬୩୭୧୬୪୨୪୬୪**

# କେମିତି ଅଛନ୍ତି କୃଷକ



ବିପ୍ଳବ

ସମଗ୍ର ବିଶ୍ୱରେ ବାସକରୁଥିବା କୋଟି କୋଟି ଲୋକ କୌଣସି ନା କୌଣସି ଖାଦ୍ୟ ଗ୍ରହଣ କରି ଜୀବନ ନିର୍ବାହ କରନ୍ତି। ସେ ହୋଇପାରନ୍ତି ରାସ୍ତାକଡ଼ର ଭିକାରୀ ଅଥବା ସୁଉଚ୍ଚ ଅଟ୍ଟାଳିକାରେ ବାସ କରୁଥିବା ସମ୍ଭ୍ରାନ୍ତ ବ୍ୟକ୍ତି। ମାତ୍ର ଖାଦ୍ୟର କଞ୍ଚାମାଲଟି ଉତ୍ପାଦିତ କରୁଥିବା ଲୋକଟି ଜଣେ କୃଷକ ବା ଚାଷୀ। ଆଉ ସେ ତାକୁ କ୍ଷେତରେ ଅମଳ କରିଥାଏ। ବିନା ଖାଦ୍ୟରେ ଜୀବନ ନିର୍ବାହ କରିବା ସମ୍ଭବ ନୁହେଁ। ସେଥି ପାଇଁ ସୀମାନ୍ତରେ ସୈନିକର ଯେତିକି ଆବଶ୍ୟକତା ଦେଶ ଭିତରେ କୃଷକର ସେତିକି ଆବଶ୍ୟକତା ରହିଛି। ଏ କଥାକୁ ହୃଦୟଙ୍ଗମ କରି ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଘୋଷଣା କରିଥିଲେ 'ଜୟ ଯବାନ ଜୟ କିଷାନ'।

କିଛି ବର୍ଷ ପୂର୍ବରୁ କୃଷକର ସାଥୀ ଥିଲେ ବଳଦ, ଲଙ୍ଗଳ, ଜୁଆଳି, ଶଗଡ଼, ଓଦର, ପାଞ୍ଚଣ ଇତ୍ୟାଦି। ଖରା, ବର୍ଷା, ଶୀତ ହେଉ ପୃଥିବୀରେ ତେଣିକି ଯେଉଁ ଋତୁ ଭୋଗ ହେଉପଛେ କୃଷକ ପାଇଁ କିଛି ଫରକ ପଡ଼ି ନ ଥାଏ। ପାହାନ୍ତା ପହରୁ ଉଠି ପଖାଳଖାଇ ହଳ ଲଙ୍ଗଳ ଧରି ବିଲକୁ ଚାଲିଯାଏ। ଚାଷବେଳେ ଚାଷ, ବୁଣାବେଳେ ବୁଣା, ବଛାବଛିବେଳେ ବଛାବଛି ଆଉ ଅମଳ ଋତୁରେ ଅମଳ। ନା ମାଟିମାକୁ ସେ ଫୁରୁସତ ଦିଏ ନା ନିଜକୁ। ମାଟିର ଛାତି ଚିରି ସେ ସବୁଜ ଫସଲର ହାଟ ବସାଏ। ରକ୍ତକୁ ପାଣି କରି ଦେହରୁ ଝାଳ ନିଗାଡ଼ି ସେ ଫସଲ ଅମଳ କରେ। ନିଜ ପାଇଁ ଅଳ୍ପ କିଛି ସାଇତି ବାକି ତକ ଦୁନିଆ ଲୋକଙ୍କ ପାଇଁ ଉତ୍ସର୍ଗ କରିଦିଏ। ଏବେ ଦେଶର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତାହା ସହିତ ଖାଦ୍ୟର ଆବଶ୍ୟକତା ବି ବୃଦ୍ଧ ପାଇଛି। ମାତ୍ର କୃଷକ ଚାଷ କରୁଥିବା ଜମି ଓ ଗୋ ସଂପଦ ଯଥେଷ୍ଟ ହ୍ରାସ ପାଇଛି। କ୍ଷେତ ହଳଠୁ ଅମଳଯାଏ ସେ ନିର୍ଭର କରୁଥିବା ଶଗଡ଼, ବଳଦ, ଜୁଆଳି ଇତ୍ୟାଦି ସାତ ସପନ ହେବାକୁ ବସିଛି। ସେ ପାରମ୍ପରିକ ବିହନ ଛାଡ଼ି ସରକାରଙ୍କ କୃଷି ବିଭାଗର ବିହନ ଉପରେ ଅଧିକ ନିର୍ଭରଶୀଳ ହୋଇଛି। ବଳଦ ଜାଗାରେ କଳଲଙ୍ଗଳ ବ୍ୟବହାର କରିଛି। ବିହନ ପୋତିବାଠୁ ଅମଳ ଯାଏ ବିଭିନ୍ନ ମେଶିନ ଉପରେ ତାକୁ ନିର୍ଭର କରିବାକୁ ପଡୁଛି।

କେବେ ସରକାରୀ ନକଲ ବିହନର ଶିକାର ହୋଇ ହତାସ ହୋଇଛି। ଗୋବର ଖତ ବଦଳରେ ରାସାୟନିକ ସାର ଉପରେ ନିର୍ଭରଶୀଳ ହୋଇ ତା'ଅଭାବ ଜନିତ ପରିସ୍ଥିତିକୁ ବିରୋଧ କରି କେବେ ପୋଲିସଠୁ ଲାଠିମାଡ଼ ଖାଇଛି। ପ୍ରକୃତି କୋପରେ କେବେ ଅମଳ ହେବାକୁ ଥିବା ଫସଲ ହରେଇ ଲକ୍ଷ ଲକ୍ଷ କରଜ କରିଛି। ହତାସ ହୋଇ ବିଲରେ ବିଷ ପିଇ ଆତ୍ମହତ୍ୟା କରିଛି। କେବେ ଫସଲର ଉପଯୁକ୍ତ ମୂଲ୍ୟ ନ ପାଇ ତାହାକୁ ରାଜରାସ୍ତାରେ ଢାଳି ପ୍ରତିବାଦ କରିଛି। ଦେଶ ସ୍ୱାଧୀନ ହେବାର ଦୀର୍ଘ ସାତଦଶନ୍ଧି ପରେ ବି କେତେ ସରକାର ଆସିଛନ୍ତି ଆଉ ଯାଇଛନ୍ତି। କେହି କ'ଣ ଏଇ ମାଟି ମଣିଷର କଥା କେବେ ଚିନ୍ତା କରିଛନ୍ତି! ଭାରତ ଭଳି ଗୋଟିଏ କୃଷିପ୍ରଧାନ ଦେଶରେ ସିଂହଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ମାତ୍ର ଏଇ ନିକଟରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଏନ୍.ଏସ୍.ଏସ୍. ରିପୋର୍ଟରେ କୁହାଯାଇଛି ଯେ ସମଗ୍ର ଦେଶରେ ଚାଷୀମାନଙ୍କର ହାରାହାରି ବାର୍ଷିକ ଆୟ ୧୦,୨୧୮ଟଙ୍କା ଆଉ ପ୍ରତ୍ୟେକ ଚାଷୀ ପରିବାର ଉପରେ ହାରାହାରି ଋଣ ବୋଝର ପରିମାଣ ୭୪,୧୨୧ଟଙ୍କା। ଆଉ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କୃଷକଙ୍କ କଲ୍ୟାଣ ପାଇଁ ଶହଶହ ଯୋଜନା କରି କୋଟି କୋଟି ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଛାଡୁଥିବାର ଖବର ବିଜ୍ଞାପିତ ହେଉଛି। ସତ ଏଇଆ ଯେ ନିର୍ବାଚନ ସମୟ ପାଖେଇ ଆସିଲେ ଚତୁର ନେତାଏ ବିଭିନ୍ନ ଯୋଜନା ତାଙ୍କ ପାଇଁ କରନ୍ତି। ଆଉ ତା'ର ଫାଇଦା ପାଆନ୍ତି କ୍ଷମତାସୀନ ଦଳର କର୍ମୀମାନେ। ସେଥିପାଇଁ ଶହ ଶହ ଯୋଜନା ପରେ ବି ବଦଳେନି କୃଷକର ଭାଗ୍ୟ।

କୃଷକ ବିହୀନ ପୃଥିବୀଟିଏ ପରିକଳ୍ପନା ଅସମ୍ଭବ। କୋଟି କୋଟି ଟଙ୍କା ରୋଜଗାର କରୁଥିବା ଲୋକଟିଏ ହୀରା, ନୀଳା ପରିଦୁର୍ଲଭ ଦ୍ରବ୍ୟ ଖାଏ ନାହିଁ, ଖାଏ ସେହି ଝାଳୁଆ ହାତ ଛୁଆଁରେ ଅମଳ ହୋଇଥିବା ଫସଲ। କୃଷକଟିକୁ ତା'ର ଉପଯୁକ୍ତ ମୂଲ୍ୟ ମିଳିଲେ ସେ ବି ସଜେଇପାରିବ ପୃଥିବୀକୁ ଆହୁରି ସବୁଜିମାରେ। କେବଳ ସରକାର ନୁହଁ, ଖାଦ୍ୟ ଗ୍ରହଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି କୃଷକଙ୍କ ପ୍ରତି ସମ୍ବେଦନଶୀଳ ହେବା ଉଚିତ।

**ମକୁନ୍ଦପୁର,ବାଙ୍କୀ**
**ମୋ-୯୪୩୭୪୬୮୦୧୬**

## ଏଇ ଭାରତରେ

ଲକ୍‌ଡାଉନ ସମୟରେ ଅନେକେ ଜିନିଷ ପ୍ରସ୍ତୁତ କରିବାରେ ଲାଗି ଯାଇଥିବା ବେଳେ କେରଳର ଅଜି ଆନନ୍ଦ କିନ୍ତୁ ବିୟର ବୋତଲ ଓ ମାଟିରେ ଘର ତିଆରି କରିବାରେ ବ୍ୟସ୍ତ ଥିଲେ। ଏବେ ସେହି ଘର ଶେଷ ହୋଇଛି। କେରଳର କୁନ୍ନୁର ନିବାସୀ ଅଜି ୧୦୦୦ ବର୍ଗଫୁଟ୍ ଜାଗାରେ କୌଣସି ଆର୍କିଟେକ୍ଟ କିମ୍ବା ମିସ୍ତ୍ରିଙ୍କ ସାହାଯ୍ୟ ନ ନେଇ ଏକାକୀ ଶ୍ରମ ଓ ସମୟ ଦେଇ ଏହି ଘର ଠିଆ କରିଛନ୍ତି। ଘରଟି ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଏହା ନିର୍ମାଣ କରିବାକୁ ତାଙ୍କୁ ୫ ମାସ ଲାଗିଛି ଓ ଏଥିରେ ଖର୍ଚ୍ଚ କରିଛନ୍ତି ୬ ଲକ୍ଷ ଟଙ୍କା। ଉକ୍ତ ଘରେ ୨୫୦୦ ବିୟର ବୋତଲ ଓ ବହୁ ଜିନିଷ ରିସାଇକ୍ଲିଂ କରି ଉପଯୋଗ କରାଯାଇଛି। ବିୟର ବୋତଲ ସବୁ ତାଙ୍କ ସାଙ୍ଗ ଓ କବାଡିବାଲାଙ୍କ ଠାରୁ ସଂଗ୍ରହ କରିଛନ୍ତି। ବିୟର ବୋତଲ ସହ ବାଉଁଶ ଏବଂ ନଡ଼ିଆକତା ମଧ୍ୟ ବ୍ୟବହାର ହୋଇଛି। ପ୍ଲାଷ୍ଟିକ୍ ଅଖାରେ ମାଟି ଭର୍ତ୍ତି କରି ତାହାକୁ ଇଟା ଆକାର ଦେଇ କାନ୍ଥ ଗଢ଼ାହୋଇଛି। ମାଟି ଓ ଅଳ୍ପ ସିମେଣ୍ଟରେ ଏଗୁଡ଼ିକ ଯୋଡେଇ ହୋଇଛି। ଘର ଛାତରେ ବ୍ୟବହୃତ ଟେରାକୋଟା ଟାଇଲ୍ ସଂଗ୍ରହ କରି ଲଗାଯାଇଛି। ଏହି ଘରେ ଦୁଇ ବେଡରୁମ୍, ରୋଷେଇ ଘର, ବାଥ୍‌ରୁମ୍ ଓ ଡ୍ରଇଂ ରୁମ୍ ରହିଛି। ଅଜିଙ୍କ ବୟସ ୩୬। ତାଙ୍କର କପଡ଼ା ଦୋକାନ ଅଛି ଓ ତାଙ୍କ ସ୍ତ୍ରୀ ଏକ ଘରୋଇ କଲେଜର ଭାଇସ ପ୍ରିନ୍ସିପାଲ। ଅଜି ଏକ ନିଆରା ଘର ନିର୍ମାଣ କରିବାକୁ ସ୍ୱପ୍ନ ଦେଖିଥିଲେ ଓ ଲକ୍‌ଡାଉନ ସମୟରେ ଏହା ସେ ପୂରଣ କରିବାରେ ସକ୍ଷମ ହୋଇପାରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | |
| | | | | | 5 | 4 | 1 | |
| 5 | | | 6 | 7 | | 9 | | |
| 3 | | 8 | | | | | | 4 |
| | 9 | | 1 | 4 | | | | 6 |
| | | | | | 7 | 3 | | |
| | 6 | | 3 | | | 5 | | |
| | | | | | 1 | | 3 | |
| 2 | | | | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 3 | 5 | 2 | 8 | 4 | 9 | 7 |
| 9 | 5 | 4 | 1 | 7 | 3 | 6 | 2 | 8 |
| 2 | 8 | 7 | 9 | 4 | 6 | 3 | 1 | 5 |
| 3 | 4 | 2 | 8 | 6 | 7 | 9 | 5 | 1 |
| 5 | 7 | 6 | 3 | 1 | 9 | 2 | 8 | 4 |
| 8 | 9 | 1 | 2 | 5 | 4 | 7 | 3 | 6 |
| 7 | 2 | 8 | 4 | 9 | 1 | 5 | 6 | 3 |
| 6 | 1 | 5 | 7 | 3 | 2 | 8 | 4 | 9 |
| 4 | 3 | 9 | 6 | 8 | 5 | 1 | 7 | 2 |

ଗତକାଲିର ଉତ୍ତର

# ବିଷୟ ଚୟନ ଓ ଭବିଷ୍ୟତ ନିର୍ମାଣ



ଡ. ମନୋରଞ୍ଜନ ପ୍ରଧାନ

ମାତାପିତାଙ୍କ ପାଇଁ ବଡ଼ ଚିନ୍ତାର କାରଣ ହେଉଛି ସେମାନଙ୍କ ପୁଅ ଝିଅମାନଙ୍କ ଲାଗି କେଉଁ ଷ୍ଟ୍ରିମ୍ ବା କେଉଁ ପାଠ୍ୟକ୍ରମ ବାଛିବେ? ଯଦି ଷ୍ଟ୍ରିମ୍ ବଛା ସରିଲା, ତେବେ କେଉଁ ବିଷୟଗୁଡ଼ିକ ଉଭୟ ଜୀବନ ଓ ଜୀବିକା ପାଇଁ ଫଳପ୍ରଦ ହୋଇପାରିବ? ବିଶେଷକରି ଦଶମ ଅଥବା ଯୁକ୍ତ୨ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଅଭିଭାବକ ମହଲରେ ଛନକା ପଶିଯାଏ। ବହୁ ସମୟରେ ସେମାନେ କିଛି ଲାଭଖୋର ଅସାଧୁ ଶିକ୍ଷା ବେପାରୀଙ୍କ ମିଥ୍ୟା ପ୍ରରୋଚନାର ବଶବର୍ତ୍ତୀ ହୋଇ ନିଜ ପିଲାମାନଙ୍କ ଭବିଷ୍ୟତ ସହ ଖେଳନ୍ତି। ଆଉ କେତେବେଳେ ମାତାପିତାମାନେ ଅତ୍ୟନ୍ତ ଭାବପ୍ରବଣ ହୋଇ ନିଜ ଜୀବନର ଅସଫଳତାକୁ ପିଲାଙ୍କ ଦାରା ସାଫଲ୍ୟ ମଣ୍ଡିତ କରିବା ଆଶାରେ ପିଲାମାନଙ୍କ ସାମର୍ଥ୍ୟ ଓ ଫଳପ୍ରଦ ଇଚ୍ଛା ବିରୋଧରେ ଯାଇ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଏବଂ ପାଠ୍ୟ ବିଷୟ ଚୟନ କରିବାକୁ ବାଧ୍ୟ କରନ୍ତି। ଫଳରେ ପିଲାମାନେ କୋଉ କୂଳର ନ ହୋଇ ନିଜ ଭାଗ୍ୟକୁ ନିନ୍ଦି ବଞ୍ଚିବାକୁ ବାଧ୍ୟ ହୁଅନ୍ତି। ଅପରପକ୍ଷରେ ପିଲାମାନେ ନିଜର ଦକ୍ଷତା ଓ ସାମର୍ଥ୍ୟକୁ ଅଣଦେଖା କରି ସାଙ୍ଗସାଥୀମାନଙ୍କ ପ୍ରରୋଚନାରେ ତ୍ରୁଟିପୂର୍ଣ୍ଣ ପାଠ୍ୟକ୍ରମ ବାଛି ନିଅନ୍ତି। ତ୍ରୁଟିପୂର୍ଣ୍ଣ ପାଠ୍ୟକ୍ରମ କହିଲେ, ଯେଉଁ ପାଠ୍ୟକ୍ରମ ନିଜର ରୁଚି, ସାମର୍ଥ୍ୟ ଓ ଭବିଷ୍ୟତ ନିର୍ମାଣ କରିବା ପାଇଁ ବିଶେଷ ଉପଯୋଗୀ ନୁହେଁ। ସେହିପରି ମାତାପିତା ଓ ଛାତ୍ରୀଛାତ୍ରଙ୍କ ଅଜ୍ଞାନତା ମଧ୍ୟ ଠିକ୍ ପାଠ୍ୟ ବିଷୟ ଚୟନରେ ଅନ୍ତରାୟ ସୃଷ୍ଟି କରେ। ଗୋଟିଏ ବାସ୍ତବ ଉଦାହରଣ ଦେଲେ ଭଲ ହେବ।

କିଛିଦିନ ପୂର୍ବେ ଜଣେ ମେଧାବୀ ବିଦ୍ୟାର୍ଥୀ ମୋଠାରୁ ବୃତ୍ତିଗତ ପରାମର୍ଶ ନେବାକୁ ଆସିଲେ ଏବଂ କହିଲେ, ପିଲାଟି ଦିନରୁ ହାଇସ୍କୁଲ ଶିକ୍ଷକ ହେବାର ସ୍ୱପ୍ନ ଦେଖିଛି। କେଉଁ ପ୍ରଶିକ୍ଷଣ ଅନୁଷ୍ଠାନରେ ସ୍ନାତକ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ନେଲେ ଭଲ ହେବ ଓ ସେଥିପାଇଁ କିଭଳି ପ୍ରସ୍ତୁତ ହେବାକୁ ହେବ। ପିଲାଟିର ଆଗ୍ରହ ଦେଖି କଲା ସ୍ନାତକରେ କେଉଁ ସବୁ ବିଷୟ ଥିଲା ବୋଲି ପଚାରିଲି। ସେ କହିଲେ ଶିକ୍ଷା ସମ୍ମାନ, ସମାଜ ବିଜ୍ଞାନ ଓ ଦର୍ଶନ ଶାସ୍ତ୍ର ଇଲେକ୍ଟିଭ। ପିଲାର ପାଠ୍ୟ-ବିଷୟଗୁଡ଼ିକ ଶୁଣି ମୁଁ ହତାଶ ହେଲି। କାରଣ ବିଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଜଣେ ଆଶାୟୀ ଅନ୍ୟୂନ ଦୁଇଟି ସ୍କୁଲ ବିଷୟରେ ଅନ୍ତତଃ ଦୁଇ ଶହ ମାର୍କର ପାଠ ସ୍ନାତକ ସ୍ତରରେ ପଢ଼ିଥିବା ଦରକାର। କିନ୍ତୁ ପିଲାଟିର ସମସ୍ତ ବିଷୟ ଅଣ-ସ୍କୁଲ ବିଷୟ ଅନ୍ତର୍ଗତ। ଜଣେ ମେଧାବୀ ଛାତ୍ରର ଶିକ୍ଷକତା ପ୍ରତି ପ୍ରବଳ ଇଚ୍ଛା ସତ୍ତ୍ୱେ ପ୍ରଶିକ୍ଷଣ ନେବାରୁ ବଞ୍ଚିତ ହେବ କି ନାହିଁ! କହିବାର ତାତ୍ପର୍ଯ୍ୟ ହେଲା ଭବିଷ୍ୟତର ବାଞ୍ଛିତ ଲକ୍ଷ୍ୟ ଅନୁସାରେ ବିଷୟବସ୍ତୁ ଚୟନ କରାଯିବା ଉଚିତ। ନଚେତ ପରେ ପଶ୍ଚାତ୍ତାପ କରିବାକୁ ପଡ଼ିବ। ଡାକ୍ତରୀ ପଢ଼ିବାକୁ ଇଚ୍ଛୁକ ପ୍ରାର୍ଥୀ କଳା ପାଠ୍ୟକ୍ରମ ଚୟନ କରି ନିଟ୍ ପ୍ରବେଶିକା ପରୀକ୍ଷା ଦେଇପାରିବ କି? ତେଣୁ ପାଠ୍ୟକ୍ରମ ଓ ପାଠ୍ୟ ବିଷୟବସ୍ତୁ ଚୟନ ଜୀବନ ଓ ଜୀବିକାର କଳାକୌଶଳ ନିର୍ଦ୍ଧାରଣରେ ବଡ଼ ଭୂମିକା ନିର୍ବାହ କରିଥାଏ।

ତେବେ ବିଷୟ ଚୟନରେ ଆଉ ଏକ ଅପାରଗତାର ପ୍ରାମାଣିକ ଓ ବାସ୍ତବ କାରଣଟି ଉଲ୍ଲେଖଯୋଗ୍ୟ ମନେକରୁଛି। ବର୍ତ୍ତମାନ ସାରା ରାଜ୍ୟରେ ଯୁକ୍ତ୨ ଓ ଡିଗ୍ରୀ କଲେଜଗୁଡ଼ିକରେ ନାମଲେଖା ଚାଲିଛି। ପିଲାମାନେ ଉଭୟ କଲେଜ ଓ ବିଷୟ ଚୟନରେ ଅନେକ ତ୍ରୁଟି କରି ତାହା ବଦଳେଇବା ପାଇଁ ଅନୁରୋଧ କରୁଛନ୍ତି, ଯାହାକି ଆମ ସ୍ତରରେ ସମ୍ଭବପର ନୁହେଁ। ସମସ୍ୟାଟି ହେଉଛି ଅନ୍‌ଲାଇନରେ ଦରଖାସ୍ତ ଦାଖଲ କରିବାକୁ ପଡୁଥିବାରୁ ବିଶେଷକରି ଗ୍ରାମାଞ୍ଚଳ ଓ ବନବାସୀ ଅଧୁଷିତ ଅଞ୍ଚଳର ପିଲାମାନେ ସାଇବର କାଫେ ବା ଇଣ୍ଟରନେଟ ସେବା କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଫଳରେ କୌଣସି କାରଣରୁ ଫର୍ମ ପୂରଣ ବେଳେ ନିଜ ପସନ୍ଦର କଲେଜ ଓ ବିଷୟ ଚୟନରେ ଅନେକ ପିଲା ବିଫଳ ହେଉଛନ୍ତି। ନାମଲେଖା ବେଳେ ସେମାନେ ଯେତେବେଳେ ତାଙ୍କ ଅସନ୍ତୋଷ ବ୍ୟକ୍ତ କରି କଲେଜ ଓ ଅନର୍ସ ବିଷୟ ବଦଳେଇବାକୁ ଆଗ୍ରହ ପ୍ରକାଶ କରନ୍ତି,ତାହା କଲେଜ ସ୍ତରରେ ସମ୍ଭବପର ହୋଇପାରୁନାହିଁ। ସେତେବେଳେ କାହିଁକି ପସନ୍ଦର କଲେଜ ଓ ବିଷୟ ଚୟନ କଲ ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ସେମାନେ କହନ୍ତି କମ୍ପ୍ୟୁଟର ଭାଇନା ଭୁଲ କରିଦେଲେ, ଇତ୍ୟାଦି। ତେବେ ଏ କଥା ଜାଣି ରଖିବା ଉଚିତ କି ବିଷୟ ଚୟନ ଜଣେ ବିଦ୍ୟାର୍ଥୀର ଭାଗ୍ୟ ଓ ଭବିଷ୍ୟତ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ତେବେ ପାଠ୍ୟକ୍ରମ ଚୟନ କିପରି ହେବା ଆବଶ୍ୟକ? ପ୍ରଥମତଃ, ଚୟନ ବେଳେ ମାତାପିତା ଅତ୍ୟନ୍ତ ଭାବପ୍ରବଣ କିମ୍ବା ଓଭର କନ୍‌ଫିଡେନ୍ସ ନ ହୋଇ ପିଲାମାନଙ୍କର ଦକ୍ଷତା, ଆଗ୍ରହ ଓ ସେମାନଙ୍କର ବାଞ୍ଛିତ ଲକ୍ଷ୍ୟ ସମ୍ପର୍କରେ ଗଭୀର ଅନୁଶୀଳନ କରିବା ଉଚିତ। ଦ୍ୱିତୀୟତଃ, ପାଠ୍ୟକ୍ରମ ଚୟନ ବେଳେ ନିଜ ପୁଅ ଝିଅମାନଙ୍କ ସହ ଆଲୋଚନା କରି ନିର୍ଦ୍ଧାରଣ କରିବା ଦରକାର। ଏହା ସହ ପାରିବାରିକ ଆର୍ଥିକ ପରିସ୍ଥିତିକୁ ଅତି ସମ୍ବେଦନଶୀଳ ଭାବେ ଆଲୋଚନାର ପ୍ରସଙ୍ଗ ହେବା ଉଚିତ। ତୃତୀୟରେ ଦରଖାସ୍ତ ଦାଖଲ ସମୟରେ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଫର୍ମଟିକୁ ଭଲ ଭାବରେ ପଢ଼ି ଓ ବୁଝି ଦାଖଲ କରିବାର ଆବଶ୍ୟକତା ରହିଛି। ଚତୁର୍ଥରେ, ଯଦି ବିଷୟ ଚୟନରେ ସମସ୍ୟା ଓ ଦ୍ୱନ୍ଦ୍ୱ ରହୁଛି ପେସାଦାର ପରାମର୍ଶଦାତା କିମ୍ବା ଠିକ୍ ମାର୍ଗଦର୍ଶନ ଦେଇ ପାରୁଥିବା ଅଧ୍ୟାପକ ଅଧ୍ୟାପିକାମାନଙ୍କର ସହାୟତା ନେଇପାରନ୍ତି। ପଞ୍ଚମରେ, ବିଷୟ ଚୟନ ବେଳେ ଭବିଷ୍ୟତରେ ସେଗୁଡ଼ିକ କର୍ମନିଯୁକ୍ତି କ୍ଷେତ୍ରରେ କେତେ ଉପଯୋଗୀ ହୋଇପାରିବ ସେ ବିଷୟରେ ଗଭୀର ଚିନ୍ତନ ଆବଶ୍ୟକ। ଶେଷରେ, ପାଠ୍ୟକ୍ରମ ମନୋନୟନ ଓ ବିଷୟ ନିର୍ବାଚନ ପଢ଼ିବାକୁ ଥିବା ବିଦ୍ୟାର୍ଥୀର ମାନସିକ ପ୍ରସ୍ତୁତି,ବୌଦ୍ଧିକ କ୍ଷମତା, ଅଭିରୁଚି, ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି, ଶୈକ୍ଷିକ ବ୍ୟବସ୍ଥା, ଶିକ୍ଷଣ ପରିବେଶ ଆଦି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ପ୍ରତି ଧ୍ୟାନଦେବା ଜରୁରୀ ମନେହୁଏ।

ଆଶା ଶ୍ରଦ୍ଧେୟ ବିଦ୍ୟାର୍ଥୀ ପାଠ୍ୟକ୍ରମ ମନୋନୟନ କଲାବେଳେ ସତର୍କତା ଅବଲମ୍ବନ କରି ସଫଳ ଭବିଷ୍ୟତର କୁସୁମିତ ମାର୍ଗ ଚୟନରେ ସଫଳ ହେବେ।

**ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, କୋରାପୁଟ,**
**ମୋ:୯୪୩୭୯୧୪୮୧୮**

## ୨୫ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୯୬

- ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଗେଗଙ୍ଗ ଅପାଙ୍ଗ ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଇ 'ଅରୁଣାଚଳ ପ୍ରଦେଶ କଂଗ୍ରେସ' ନାମରେ ଏକ ନୂଆ ଆଞ୍ଚଳିକ ଦଳ ଗଠନ କରିଛନ୍ତି।
- ଆନ୍ତର୍ଜାତିକ ଅଲିମ୍ପିକ କମିଟି (ଆଇଓସି) ଏକ ନୂତନ ନିୟମ ବଳରେ ବିଶ୍ୱ ବିଲିୟାର୍ଡ୍ସ ମହାସଂଘକୁ ସ୍ୱୀକୃତି ପ୍ରଦାନ କରିଛି।
- ମିଳିତ ପ୍ରାର୍ଥୀ ତାଲିକାକୁ ନେଇ ସହମତି ହୋଇ ନ ପାରିବା କାରଣରୁ ବିହାରରେ ସମତା ପାର୍ଟି ଓ ବିଜେପି ମଧ୍ୟରେ ଗଠିତ ହୋଇଥିବା ମେଣ୍ଟ ଭାଙ୍ଗିଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନରେ ସ୍ଥାନ ସଂରକ୍ଷଣ

ମହାଶୟ,

କାମାକ୍ଷାନଗର ବ୍ଲକ କୋଟଗରା ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ପାଇଁ ୨୦୨୨ରେ ନିର୍ବାଚନ ହେବାର ଅଛି। ୨୦୧୭ ନିର୍ବାଚନରେ ସରପଞ୍ଚ ଓ ସମିତି ମେମ୍ବର ପଦବୀ ଅନୁସୂଚିତ ଜାତି ପାଇଁ ହେବାର ଥିଲା। କିନ୍ତୁ ସେତେବେଳେ କିଛି ଅସାଧୁ ଓ ପ୍ରଭାବଶାଳୀ ଲୋକ ଜିଲା ଅଫିସକୁ ପ୍ରଭାବିତ କରି ସେହି ପଦବୀଗୁଡ଼ିକ ଅନ୍ୟ ବର୍ଗ ପାଇଁ ସଂରକ୍ଷିତ ରଖିବାରେ ସଫଳ ହେଲେ। ବର୍ତ୍ତମାନ ସେହି ଗୋଷ୍ଠୀ ପ୍ରଭାବ ବିସ୍ତାର କରି ସରପଞ୍ଚ ଓ ସମିତି ମେମ୍ବର ପଦବୀକୁ ୨୦୨୨ ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତିର ନ କରେଇ ଦେବା ପାଇଁ ଚେଷ୍ଟା କରୁଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଏଣୁ ନିୟମ ଅନୁସାରେ ଓ ଗ୍ରାମପଞ୍ଚାୟତର ଅନୁସୂଚିତ ଜାତି ଜନସଂଖ୍ୟାକୁ ବିଚାରକୁ ନେଇ ଉଭୟ ପଦବୀକୁ ସେମାନଙ୍କ ପାଇଁ ସଂରକ୍ଷିତ କରିବା ପାଇଁ ଅନୁରୋଧ। ନଚେତ୍ ଆମେ ଅଦାଲତର ଦ୍ୱାରସ୍ଥ ହେବୁ।

**-ପ୍ରଣବ ନାଏକ ଏବଂ ଗ୍ରାମବାସୀ, ପଣ୍ଡୁଆ, କାମାକ୍ଷାନଗର**

## ଚିରନ୍ତନୀ

ନୟନ-ଶିଶିର ତାର
ଲାଗେ ତିନି ଭୁବନେ
ଲାଗିଅଛି ରିକ୍ତ ମୋ ଜୀବନେ!
ଲାଗିଅଛି ଫୁଲେ ଫୁଲେ
ଆକାଶ ଧରଣୀ ତୁଲେ
ତରୁ-ଲତା-ଗିରି-ନୀଳ ବସନେ
ଲାଗିଅଛି ରିକ୍ତ ମୋ ଜୀବନେ! -(ଶିଶିର-ହାସ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପିଏଚ୍‌ସି କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ**

ଗଞ୍ଜାମ,(ଡି.ଏନ.ଏ.): ଗଞ୍ଜାମ ଥାନା ଦାମୋଦରପୁର ଗ୍ରାମରେ ରବିବାର କାର୍ଯ୍ୟରତ ପିଏଚ୍‌ସି କର୍ମଚାରୀଙ୍କୁ ଜଣେ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପିଏଚ୍‌ସି କର୍ମଚାରୀଙ୍କ ଏତେଲା କ୍ରମେ ସୋମବାର ଗଞ୍ଜାମ ପୋଲିସ ନଂ. ୧୬୩/୨୧ରେ ମାମଲା ରୁଜୁକରିଛି। ଘଟଣା ପରେ ଆକ୍ରମଣକାରୀ ଫେରାର ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଆକ୍ରମଣକାରୀ ଯୁବକ ଜଣକ କାର୍ଯ୍ୟରତ ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କିଛି ଅର୍ଥ ଦାବି କରିବା ସହ ଏଠି ତମକୁ କିଏ କାମ କରିବାକୁ କହିଲା କହି ହଠାତ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଗ୍ରାମର ୧୧ ଓ ୧୨ ଉଭୟ ୱାର୍ଡରେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶିଷ କୁମାର ବରାଳଙ୍କୁ ପଚାରିବାରୁ ତାଙ୍କ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ସ୍ୱୀକାର କରିଛନ୍ତି।

## ସଂକ୍ଷେପରେ



### ଯୁକ୍ତ୨ ମୂଲ୍ୟାୟନରେ ଅସନ୍ତୁଷ୍ଟ ଛାତ୍ରୀ ପାପୁଲି କାଟିଲେ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଯୁକ୍ତ୨ ଡ୍ରପ୍‌ଆଉଟ୍ ଓ ଏକ୍ସରେଗୁଲାର ପିଲାଙ୍କ ପ୍ରତି ମୂଲ୍ୟାୟନରେ ପକ୍ଷପାତିତା ଅଭିଯୋଗ ଆଣି ଅସନ୍ତୁଷ୍ଟ ଛାତ୍ରୀଛାତ୍ର ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ତ ଡ୍ରପ୍‌ଆଉଟ୍ ଓ ଏକ୍ସରେଗୁଲାର ପିଲାଙ୍କୁ ଦଶମ ମାର୍କ ଆଧାରରେ ମୂଲ୍ୟାୟନ କରାଯାଉ ଓ ଅଫ୍‌ଲାଇନ ପରୀକ୍ଷା ବାତିଲ କରିବା ସହିତ ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଆନ୍ଦୋଳନ ଚାଲିଥିବାବେଳେ ଜଣେ ଏକ୍ସରେଗୁଲାର ଛାତ୍ରୀ ନିଜ ଡାହାଣ ହାତର ପାପୁଲିକୁ କାଟି ଦେଇଥିଲେ। ଏପରିକି ବେକ କାଟିଦେବେ ବୋଲି ଧମକ ଦେଇଥିଲେ। ହାତରେ ବ୍ଲେଡ୍ ଦେଖିବା ପରେ ଉପସ୍ଥିତ ପୋଲିସ ଓ ଅନ୍ୟ ଛାତ୍ରୀଛାତ୍ରମାନେ ତାଙ୍କୁ ସେଥିରୁ ନିବୃତ୍ତ ରହିବାକୁ ବୁଝାଇଥିଲେ। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଘର ଗଞ୍ଜାମ ଜିଲାରେ ବୋଲି ଜଣାପଡ଼ିଛି। ତେବେ ଏନେଇ ପରିଷଦ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ଆରମ୍ଭ ହେଲା ଜହ୍ନି ଓଷା

ବ୍ରହ୍ମପୁର ଅଫିସ,୨୦।୯: ଗଞ୍ଜାମ ଲୋକ ସଂସ୍କୃତିର ଏକ ଭିନ୍ନ ଓ ନିଆରା ଅଂଶ ବିଶେଷ ଜହ୍ନି ଓଷା। ରେଶମ ସହରରେ ଏହି ଓଷା ସୋମବାରରୁ ଆରମ୍ଭ ହୋଇଛି। ଭାଦ୍ରବ ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧ ମାସ ଏହି ଓଷା ପାଳନ କରାଯାଏ। କୁମାର ପୂର୍ଣ୍ଣିମା ଦିନ ଏହା ଉଦ୍‌ଯାପିତ ହୋଇଥାଏ। ମୁଖ୍ୟତଃ କୁଆଁରୀ ଝିଅମାନେ ଭଲ ବର ପାଇବା ଆଶାରେ ଏହି ଓଷା କରିଥାନ୍ତି। ଏହି ଓଷାରେ ମା' ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରାଯାଏ। ଏଥି ନିମନ୍ତେ କୁଆଁରୀମାନେ କିଛିଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରନ୍ତି। ଓଷା ପାଳନ ନିମନ୍ତେ ସ୍ଥାନ ନିରୂପଣ କରିବା ପରେ ବିଭିନ୍ନ ସ୍ଥାନରୁ ବାଉଁଶ ନଡ଼ା ଆଦି ସଂଗ୍ରହ କରି ସେଠାରେ ଛାମୁଡିଆ କରି ବୃନ୍ଦାବତୀଙ୍କ ପ୍ରତୀକ ସ୍ୱରୂପ ତୁଳସୀ ଚଉରା ପ୍ରସ୍ତୁତ କରନ୍ତି। ଓଷା ସମୟରେ କୁଆଁରୀମାନେ ଆମିଷ ଓ ଜହ୍ନି ଭକ୍ଷଣ କିମ୍ବା ସ୍ପର୍ଶ କରନ୍ତିନି। ସେହିପରି ବୃନ୍ଦାବତୀଙ୍କ ନିକଟରେ ପ୍ରତିଦିନ ଜହ୍ନି ଫୁଲ ଅର୍ପଣ କରାଯାଏ।

### ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଜାମିନ

ବ୍ରହ୍ମପୁର ଅଫିସ,୨୦।୯: ଗୋଳନ୍ଥରା ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ମାମଲାରେ ହାଇକୋର୍ଟରୁ ଜଣେ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ଅଭିଯୁକ୍ତ ଜଣକ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଗିରିସୋଲାର ବି.ତିରୁପତି। ୨୦୨୧ ମାର୍ଚ୍ଚ ୧୮ରେ ଗିରିସୋଲାର ଡି.ରାବଣାମ୍ମା ତାଙ୍କ ମା' ଘରକୁ ଯାଇଥିଲେ। ସେଠାରେ ତାଙ୍କର ଦୁଇ ଭାଇ ବି.ନାଗେଶ୍ୱର ଓ ତିରୁପତି ତାଙ୍କୁ ଗାଳିଗୁଲଜ କରିଥିଲେ। ରାବଣାମ୍ମା ଘରକୁ ଆସି ଘଟଣା ସମ୍ପର୍କରେ ସ୍ୱାମୀ ଡି. ଧର୍ମା ରାଓ ଏବଂ ଦିଅର ଡି.କ୍ରିଷ୍ଣାଙ୍କୁ ଜଣାଇଥିଲେ। ଏହାପରେ ଧର୍ମା ଓ କ୍ରିଷ୍ଣା ସେଠାକୁ ଯାଇଥିଲେ। ସେଠାରେ ନାଗେଶ୍ୱର ଓ ତିରୁପତି ଉଭୟଙ୍କୁ ଖଣ୍ଡା, କାତିରେ ଆକ୍ରମଣ କରିଥିଲେ। ଏଥିରେ ଧର୍ମା ଓ କ୍ରିଷ୍ଣା ଗୁରୁତର ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଧର୍ମାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ହତ୍ୟା ମାମଲା ରୁଜୁ କରି ଦୁଇଭାଇ ନାଗେଶ୍ୱର ଓ ତିରୁପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲା ଦୌରାଜଜ୍ ଅଭିଯୁକ୍ତ ତିରୁପତିଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ମୁଦାଲାଙ୍କ ତରଫରୁ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ରୋକିହେଉନି ଗଞ୍ଜେଇ ବ୍ୟବସାୟ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

- ଟ୍ରକ, କାର୍‌ରୁ ୧,୨୫୦ କେଜି ଜବତ, ୭ ଗିରଫ
- ରାୟଗଡ଼ାରୁ ଇଚ୍ଛାପୁର ଦେଇ ଖୋର୍ଦ୍ଧା ଚାଲାଣ

ବ୍ରହ୍ମପୁର ଅଫିସ,୨୦।୯

ଜାତୀୟ ରାଜପଥରେ ଏବେ ଗଞ୍ଜେଇ ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅବକାରୀ ମୋବାଇଲ ଟିମ୍ ସୋମବାର ଭୋରରେ ଜାତୀୟ ରାଜପଥ-୧୬ କନିଷ୍ଠି ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଭର୍ତ୍ତି ଏକ ଟ୍ରକ୍ ଓ କାର୍ ଜବତ କରିଛନ୍ତି। ଏଥିସହ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ରେ ଥିବା ଗଞ୍ଜେଇ ଚାଲାଣକାରୀ ହେଲେ ରାୟଗଡା ମେଦିରି ସାହିର ଏ.ସମୀର ରାଜା, ଗଞ୍ଜାମ ଥାନା ପୁର୍ଣ୍ଣଚୋଲା ଗ୍ରାମର ପଙ୍କଜ କୁମାର ରାଉଳ ଓ ଅନିଲ ମହାରଣା। ସେହିପରି କାର୍‌ରେ ଥିବା ଚାଲାଣକାରୀ ହେଲେ ରାୟଗଡା ପାଇକସାହିର ପ୍ରଣବ କୁମାର ବେଗରାଇ, ଖୋର୍ଦ୍ଧା ଜିଲା ଗଙ୍ଗରାପଡା ଜାମୁସାହିର ବାସୁଦେବ ପରିଡା, କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କାସିନୀପଦର ଗ୍ରାମର ଅଶ୍ୱିନୀ କୁମାର ସାହୁ ଓ ଗୋଛାପଡା ଥାନା ଅନ୍ତର୍ଗତ କାଶିରିପଦର ଗ୍ରାମର ମାନସ ରଞ୍ଜନ କାର୍ଜି। ରାୟଗଡାରୁ ଏହି ଗଞ୍ଜେଇ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ଦେଇ ଜାତୀୟ ରାଜପଥରେ ଖୋର୍ଦ୍ଧା ଚାଲାଣ ହେଉଥିଲା ବୋଲି ଜେରାରୁ ଜଣାପଡ଼ିଛି। ଟ୍ରକ୍‌ରୁ ୧,୧୪୦ କେଜି ଓ କାର୍‌ରୁ ୧୧୦ କେଜି ଗଞ୍ଜେଇ ଜବତ ହୋଇଛି। ଦୁଇଟି ମାମଲାରେ ଗିରଫ ୭ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ କନିଷ୍ଠି ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର ଖୁନ୍ତୁର, ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଇନ୍ସପେକ୍ଟର ମିହିର କୁମାର ସେଠୀ, ଅର୍ଜ୍ଜୁନ କୁମାର ମାଲିକ, ଏସ୍‌ଆଇ ଅଭିରାମ ସାହୁ, ପ୍ରଦୀପ ସାହୁଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## କୋରିୟରରେ ଚାଲାଣ କରୁଥିବା ଏଜେଣ୍ଟ ଗିରଫ

ବ୍ରହ୍ମପୁର ଅଫିସ,୨୦।୯

ଅବକାରୀ ଗୋଇନ୍ଦା ବିଭାଗ ସୋମବାର ପୁକୁଡ଼ିବନ୍ଧ ଛକରୁ ୩୦ କେଜି ଗଞ୍ଜେଇ ଜବତ କରିଛି। ଏକ କୋରିୟର ସଂସ୍ଥା ଜରିଆରେ ଏହି ଗଞ୍ଜେଇ ଚାଲାଣ ହେଉଥିଲା ବୋଲି ଅବକାରୀ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି। ରାୟଗଡ଼ାରୁ ପୁକୁଡିବନ୍ଧ ଛକ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରେ ବସିଥିବା ଏକ କୋରିୟର ସଂସ୍ଥା ଏଜେଣ୍ଟଙ୍କ ବ୍ୟାଗ ଯାଞ୍ଚ ହୋଇଥିଲା। ବ୍ୟାଗ ଭିତରେ ଦି ପ୍ରଫେଶନାଲ କୋରିୟର ସଂସ୍ଥା ସିଲ୍ ଲାଗିଥିବା ଏକ ପ୍ୟାକେଟ୍‌କୁ ଖୋଲି ଦେଖିବା ବେଳେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିଲା। ଯାଞ୍ଚ ବେଳେ ଉକ୍ତ ପ୍ୟାକେଟ୍‌ରେ ୩୦କେଜି ଗଞ୍ଜେଇ ରହିଥିଲା।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ଅବକାରୀ ବିଭାଗ ଉକ୍ତ କୋରିୟର ସଂସ୍ଥା ଏଜେଣ୍ଟ କଟକ ବିଡ଼ାନସୀ ଥାନା ଅନ୍ତର୍ଗତ କୁମ୍ଭାରସାହିର ଦେବାଶିଷ ପଣ୍ଡାଙ୍କୁ ଗିରଫ କରିଛି। ଏଜେଣ୍ଟ ଜଣଙ୍କ ରାୟଗଡାରୁ ଗଞ୍ଜେଇ ନେଇ ଭୁବନେଶ୍ୱର ଯାଇଥାନ୍ତେ ଓ ସେଠାରୁ ଉକ୍ତ ଗଞ୍ଜେଇ ଫ୍ଲାଇଟ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ ହୋଇଥାନ୍ତା ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଛି। ଅଭିଯୁକ୍ତ ଦେବାଶିଷଙ୍କୁ ମାମଲା ନମ୍ବର ୨୫୧/୨୧-୨୨ରେ ସୋମବାର କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ବେଳେ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏସ୍‌ଆଇ ବିଶ୍ୱଜିତ ଦାସ, ସୁଦର୍ଶନ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ।

## ଲିଫ୍ଟ ଛିଣ୍ଡି ଶ୍ରମିକ ମୃତ, ୩ ଗୁରୁତର

ପାରଳାଖେମୁଣ୍ଡି,୨୦।୯(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଣୀପେଣ୍ଠ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗଡ୍‌ରେଜ ଓ ଅନ୍ୟ ଆସବାବପତ୍ର ବିକ୍ରି ହେଉଥିବା ରାଜା ଷ୍ଟିଲ୍ ଇଣ୍ଡଷ୍ଟ୍ରିର ଲିଫ୍ଟ ଛିଣ୍ଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଶେଖ ଅସିଫ (୨୩)। ଆହତ ଶ୍ରମିକ ଜି.ଗଣେଶ, ଏମ୍‌ଡି ଚାନ୍ଦ ଓ ଏମ୍‌ଡି ଗୁଲାଓଙ୍କ ଅବସ୍ଥା ଗୁରୁତର ଥିବାରୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ଏକ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ମୃତାହତମାନେ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ପ୍ରକାଶ ଯେ ଷ୍ଟିଲ୍ ଇଣ୍ଡଷ୍ଟ୍ରିର ୫ ଶ୍ରମିକ ପ୍ଲାଏବୋର୍ଡ ନେଇ ଲିଫ୍ଟରେ ତୃତୀୟ ମହଲାକୁ ଯାଉଥିଲେ। କୌଣସି କାରଣରୁ ତାର ଛିଣ୍ଡି ଲିଫ୍ଟ ତଳକୁ ଖସି ପଡିଥିଲା। ପ୍ଲାଏ ବୋର୍ଡଗୁଡିକ ଶ୍ରମିକମାନଙ୍କ ଉପରେ ପଡ଼ିବାରୁ ୪ ଜଣ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ଶେଖ ଅସିଫଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାରଳାଖେମୁଣ୍ଡି ଥାନାରେ ନଂ.୧୮୬/୨୧ରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ବିନାୟକ ମନ୍ତ୍ରୀ କହିଛନ୍ତି।

# ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

ବ୍ରହ୍ମପୁର ଅଫିସ,୨୦।୯

ବ୍ରହ୍ମପୁର ବଡ଼ ଡାକ୍ତରଖାନା (ଏମ୍‌କେସିଜି)ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ବିରୋଧରେ ସୋମବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଏମ୍‌କେସିଜି ଫାଟକ ସମ୍ମୁଖରେ ୧୧୫ତମ ଘଣ୍ଟଯାତ୍ରା ମାଧ୍ୟମରେ ଗଣ ଆନ୍ଦୋଳନ କରାଯାଇଛି। ଏଥିସହ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଧୀକ୍ଷକ ଡା. ସନ୍ତୋଷ କୁମାର ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏମ୍‌କେସିଜିରେ ଦିନକୁ ଦିନ ସ୍ୱାସ୍ଥ୍ୟସେବାରେ ଅବନତି ହେଉଥିବାରୁ ସମଗ୍ର ଜିଲାରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ସେବା ନାମରେ ଅନେକ ଯୋଜନା ରାଜ୍ୟ ସରକାର ଘୋଷଣା କରିଥିଲେ ସୁଦ୍ଧା ନିରାମୟ, ନିଦାନ ଭଳି କୌଣସି ଯୋଜନା ଜନଗଣଙ୍କ ପାଇଁ ଲାଭପ୍ରଦ ହେଉନାହିଁ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଅସହାୟ ରୋଗୀମାନଙ୍କୁ ଝାଡ଼ାବାନ୍ତି ୱାର୍ଡ ବାରଣ୍ଡାରେ କୌଣସି ଚିକିତ୍ସା ଓ ଯତ୍ନ ନ କରିବା ଓ ରୋଗୀଙ୍କ ଯତ୍ନ ନେବା ପାଇଁ ଆଟେଣ୍ଡାଣ୍ଟ ନିଯୁକ୍ତି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ




ଆନ୍ଦୋଳନରେ ସାମିଲ ସଂଘର କର୍ମକର୍ତ୍ତା।

**ଏମ୍‌କେସିଜିରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଅଭିଯୋଗ**

ତତ୍‌କ୍ଷଣାତ ଚିକିତ୍ସା ସେବା ଆରମ୍ଭ ହୋଇପାରୁନାହିଁ ଓ ରୋଗୀ ଅଧିକ ଜଟିଳ ଅବସ୍ଥାରେ ସାଧାରଣତଃ ମୃତ୍ୟୁ ମୁଖରେ ପଡୁଛି ବୋଲି ସଂଘ ଅଭିଯୋଗ କରିଛି। କର୍କଟ ରୋଗ ବିଭାଗରେ ଜେନେରେଟର ବ୍ୟବସ୍ଥା ନାହିଁ। ସରକାରୀ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନେ ଘରୋଇ ଆମ୍ବୁଲାନ୍ସ ମାଲିକମାନଙ୍କ ସହ ସଲାସୁତରା କରି କମିଶନ କାରବାର କରି ଅଧିକାଂଶ ସମୟରେ ରୋଗୀଙ୍କୁ ସରକାରୀ ଆମ୍ବୁଲାନ୍ସ ସୁବିଧା ଦିଆଯାଉନାହିଁ। ଏଥିସହ ୨୪ ଘଣ୍ଟା ରେଡିଓଲୋଜି ବିଭାଗ ଓ ଆଞ୍ଚଳିକ ନିଦାନ କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ପାଇଁ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି। ଏହି ଗଣ ବିକ୍ଷୋଭରେ ଋଷିକୁଲ୍ୟା ରୟତ ମହାସଭା, ଅବସରପ୍ରାପ୍ତ ଶିକ୍ଷକ ସଂଗଠନ, ଗଞ୍ଜାମ ଜିଲା ବିକାଶ ମଞ୍ଚ ଓ ଆମ୍ ଆଦ୍‌ମୀ ପାର୍ଟି ଭଳି ବିଭିନ୍ନ ଗଣ ସଂଗଠନ ଓ ରାଜନୈତିକ ଦଳ ସାମିଲ ହୋଇଥିଲେ। ଏଥିରେ ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟାଙ୍କ ସମେତ ଗଗନ ଚନ୍ଦ୍ର ମଲ୍ଲିକ, ମନୋଜ କୁମାର ତରାଇ, ସଲ୍ଲା କେଶବ ଲିଙ୍ଗମ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ପ୍ରଶାନ୍ତ କୁମାର ପଣ୍ଡା ଓ ଆଦିତ୍ୟ ରଥ ପ୍ରମୁଖ ସାମିଲ ହୋଇଥିଲେ।

## ବିଭିନ୍ନ ସମସ୍ୟା ନେଇ ସିପିଆଇ ପକ୍ଷରୁ ଘେରାଉ

ପୋଲସରା,୨୦।୯(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପୋଲସରା ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ପୋଲସରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାର୍ଟିର ଶହ ଶହ କର୍ମୀ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଆସିଥିଲେ। ସେଠାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାର୍ଟିର ପୋଲସରା ଆଞ୍ଚଳିକ ସମ୍ପାଦକ ଦଣ୍ଡପାଣି ସାମଲ, ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଏବଂ ଅଖିଳ ଭାରତ ଯୁବକ ସଂଘର ରାଜ୍ୟ ସଭାପତି ପ୍ରଦୀପ ସେଠୀ ପ୍ରମୁଖ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଅଚଳ କରିବେ ବୋଲି ଚେତାବନୀ ଦେଇଥିଲେ। ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ ପହଞ୍ଚି ଯେଉଁ ସବୁ କାର୍ଯ୍ୟ ସମ୍ଭବ ଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନାକାରୀ ବିକ୍ଷୋଭରୁ ଓହରିଥିଲେ।



ଗର୍ଭବତୀଙ୍କୁ ଆମ୍ବୁଲାନ୍ସକୁ ନିଆଯାଉଛି।

## ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

**ପାହାଡିଆ ରାସ୍ତାରେ ଗଲାନି ଆମ୍ବୁଲାନ୍ସ**

ଆର.ଉଦୟଗିରି,୨୦।୯(ଡି.ଏନ.ଏ.)

ମୋହନା ବ୍ଲକର ଶିଙ୍ଗୁଳି ପଦର ଓଲୋଣ୍ଡା ଗ୍ରାମରେ ଜଣେ ଗର୍ଭବତୀଙ୍କୁ ୭ କିମି ଷ୍ଟ୍ରେଚରରେ ବୋହି ନେଇଛନ୍ତି ଆମ୍ବୁଲାନ୍ସ କର୍ମଚାରୀ। ଗର୍ଭବତୀ ମହିଳା ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। ଆମ୍ବୁଲାନ୍ସ ପହଞ୍ଚିଲା ବେଳେ ଗାଁ ପାହାଡ଼ିଆ ରାସ୍ତା ଖରାପ ଥିବାରୁ ଗାଡି ଯିବା ସମ୍ଭବ ହୋଇନଥିଲା। ଆମ୍ବୁଲାନ୍ସର ଫାର୍ମାସିଷ୍ଟ ବିଦ୍ୟାଧର ସାହୁ, କର୍ମଚାରୀ, ଡ୍ରାଇଭର ଓ ପରିବାର ଲୋକ ମିଶି ଷ୍ଟ୍ରେଚରରେ ବୋହି ମହିଳାଙ୍କୁ ଆମ୍ବୁଲାନ୍ସରେ ବସାଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରଗିରି ମେଡିକାଲରେ ନିଆ ଯାଇଥିଲା।

# ଗଞ୍ଜାମକୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ

**ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା**




ପୁରସ୍କୃତ ପ୍ରତିଯୋଗୀ।

ବ୍ରହ୍ମପୁର ଅଫିସ,୨୦।୯

ରାଜ୍ୟ କରାଟେ ସଂଘ ପକ୍ଷରୁ ସେପ୍ଟେମ୍ବର ୧୮ରୁ ୧୯ ପର୍ଯ୍ୟନ୍ତ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ ୩୩ ତମ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମକୁ ଗୋଟିଏ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ମିଳିଛି। ସୂଚନା ଯୋଗ୍ୟ, ଏହି ପ୍ରତିଯୋଗିତାରେ ଜିଲା କରାଟେ ସଂଘ ପକ୍ଷରୁ ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବରିଷ୍ଠ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଆର୍ଯ୍ୟନ ରାଉତ କାଟା ଓ ଫାଇଟ୍ ଉଭୟରେ ୭୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆର୍ଯ୍ୟନ ଫାଇଟ୍‌ରେ ସ୍ୱର୍ଣ୍ଣ ଏବଂ କାଟାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ମହେଶ କୁମାର ସାହୁ ୮୪ କେଜି ବର୍ଗରେ ଏବଂ ଆଶୁତୋଷ ପଟ୍ଟନାୟକ ୫୫ କେଜି ବର୍ଗ ଫାଇଟ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀଙ୍କ ସଫଳତାରେ କୋଚ୍ ଦେବବ୍ରତ ସମାଦ୍ଧାର ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରାଜ୍ୟ ସଭା ସଦସ୍ୟଙ୍କ ଆଇଟିଆଇ ପରିଦର୍ଶନ

ବ୍ରହ୍ମପୁର ଅଫିସ୍,୨୦।୯: ବହ୍ମପୁର ଆଇଟିଆଇକୁ ସୋମବାର କଳାହାଣ୍ଡି ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଆଇଟିଆଇ ପାର୍କ ପରିସରରେ ସ୍କ୍ରାପ୍‌ରେ ନିର୍ମିତ ୫ ମୟୁର ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିଲେ। ଏହାକୁ ଅନୁଷ୍ଠାନର ଫିଟର, ପେଣ୍ଟର ଓ ୱେଲଡିଂ ବିଭାଗ ଛାତ୍ରୀଛାତ୍ର ନିର୍ମାଣ କରିଥିବା ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆଇଟିଆଇର ଏଭଳି ଦକ୍ଷତାକୁ ନେଇ ସୁଜିତ୍ କୁମାର ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଅନୁଷ୍ଠାନର ବିଭିନ୍ନ ଦକ୍ଷତା ଭିତ୍ତିକ କାର୍ଯ୍ୟରେ ସଂପୂର୍ଣ୍ଣ ସହଯୋଗ କରାଯିବ ବୋଲି ସେ କହିଥିଲେ।




ସୁଜିତ୍ କୁମାର ଆଇଟିଆଇ ପରିଦର୍ଶନ କରୁଛନ୍ତି।


**GOVERNMENT POLYTECHNIC, SAMBALPUR (RENGALI)**
At/P.O.- Rengali - 768212, Dist.- Sambalpur, Phone: 0663-2560070
E-mail: gpsambalpurprincipal@gmail.com, Website: www.gpsambalpur.com
**ENGAGEMENT OF PART TIME GUEST FACULTIES & PART TIME LAB ASSISTANTS DURING 2021-22 SESSION**
No. KK-91: Principal, Govt. Polytechnic, Sambalpur (Rengali) invites Curriculum Vitae with relevant information, Mobile No., e-mail and essential documents from eligible candidates having requisite qualification for empanelment as Part Time Guest Faculties & Part Time Guest Lab., Assistants for the Academic Session 2021-22 in different disciplines on or before 30.09.2021 (5.30 P.M.) by email only **gpsambalpurprincipal@gmail.com**. Applications received after scheduled date & time will not be accepted. Our institution website **(www.gpsambalpur.com - GENERAL ANNOUNCEMENT / NOTICE)** may please be referred for further details. Regular updates on the matter will be available in our institute website.
MISC No. 1818 Dt.18.09.2021 / GPS Adv. No. 01/21-22.
OIPR-14044/11/0001/2122 Sd./- Principal

**OFFICE OF THE EXECUTIVE ENGINEER RURAL WORKS DIVISION, BARGARH**
**1st Corrigendum to Tender Call Notice No. Online-Bgh-04 of 2021-22**
No. O-727: The following changes has been made to Tender Call Notice No. Online - 04 of 2021-22
1. The bidding period of tender for Online: **27.09.2021 at 11.00 A.M. to 05.10.2021 upto 5.00 P.M. instead of 21.09.2021 at 11.00 A.M. to 28.09.2021 upto 5.00 P.M.**
2. The last date of seeking tender clarification : **05.10.2021 upto 4.00 P.M. instead of 27.09.2021 upto 5.00 P.M.**
3. The date & time of opening of tender: **07.10.2021 at 11.00 A.M. instead of 30.09.2021 at 11.00 A.M.**
All other terms & conditions as laid down in the above tender call notice will remain unchanged.
Sd./- Executive Engineer
Rural Works Division, Bargarh
OIPR-25062/11/0008/2122

No. B-403:-
**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. - (0674)- 2391523, Fax:- (0674) 2395245
**INVITATIONS FOR BIDS (IFB)**
File No-B-IV-H-(H&D)-32/2019 Lr. No.- 35329/ Bhubaneswar, the 16th Sept. 2021
**Invitation for Bids**
**Bid Identification No. CE (B) – 16 / 2021-22**

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | :- | Building Works |
| 3. | No. of work | :- | 01 No. |
| 4. | Bid Cost | :- | ₹ 10,000/- (each) |
| 5. | Class of Contractor | :- | Super |
| 6. | Availability of Bid Documents in the website | :- | From dt. 21.09.2021 to 17.00 Hours of dt.05.10.2021. |
| 7. | Date of opening of Bid | :- | Dt. 07.10.2021 at 11:30 AM. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer (Buildings), Odisha, Bhubaneswar
OIPR-34117/11/0046/2122

**ସୂଚନା**
ଏତଦ୍ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ମେସର୍ସ ଏମ.ଜି.ଏମ. ମିନେରାଲସ ଲିମିଟେଡ୍ (ଇସ୍ପାତ ବିଭାଗ) (ପଞ୍ଜୀକୃତ କାର୍ଯ୍ୟାଳୟ-୫ଏ, ଫରେଷ୍ଟ ପାର୍କ, ଭୁବନେଶ୍ୱର), ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, ମୋଟଗାଁ ଥାନା, ଓଡ଼ପଡ଼ା ତହସିଲ ଅନ୍ତର୍ଭୁକ୍ତ ନିମିଧା, ହଳଦିଆବାହାଲ ଓ ଉପରପାଳ ଗ୍ରାମଗୁଡିକରେ ଅବସ୍ଥିତ ସେମାନଙ୍କର ସ୍ପଞ୍ଜ ଆଇରନ ପ୍ଲାଣ୍ଟର ଉତ୍ପାଦନ କ୍ଷମତାର ସମ୍ପ୍ରସାରଣ ବାର୍ଷିକ ୧,୦୫,୦୦୦ ଟନରୁ ୨,୫୦,୦୦୦ ଟନ, ଡବ୍ଲୁ.ଏଚ.ଆର.ବି ମାଧ୍ୟମରେ ୮ ମେଗାୱାଟ ରୁ ୧୬ ମେଗାୱାଟ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ଉତ୍ପାଦନ, ଏସ.ଏମ.ଏସ. ସହିତ ଇଣ୍ଡକ୍ସନ ଚୁଲ୍ଲୀ ସ୍ଥାପନ, ପ୍ରତିବର୍ଷ ୨,୫୦,୦୦୦ ଟନ ଏମ.ଏସ ବିଲେଟ ଉତ୍ପାଦନ ପାଇଁ ଏଲ.ଆର.ଏଫ ଏବଂ ସି.ସି.ଏମ. ସ୍ଥାପନ, ୨,୫୦,୦୦୦ ଟନ ୱାୟାର ରଡ଼ / ଟି.ଏମ.ଟି ବାର ଉତ୍ପାଦନ ପାଇଁ ରୋଲିଙ୍ଗ ମିଲ୍, ପ୍ରତିବର୍ଷ ୦.୬ ନିୟୁତ ଟନ ଉତ୍ପାଦନ ପାଇଁ ପେଲେଟ ପ୍ଲାଣ୍ଟ ଏବଂ ୨x୧୬ ମେଗାୱାଟ ର ସି.ଏଫ.ବି.ସି ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ୧୪ ସେପ୍ଟେମ୍ବର ୨୦୦୬ର ପରିବେଶ ପ୍ରଭାବ ନିର୍ଦ୍ଧାରଣ ଅନୁସୂଚୀ ଏବଂ ପରବର୍ତ୍ତୀ ସଂଶୋଧନ ଅନୁସାରେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ଠାରୁ ୧୬.୦୯.୨୦୨୧ ତାରିଖରେ ପ୍ରେରିତ ଚିଠି ସଂଖ୍ୟା J-୧୧୦୧୧/୪୩୮/୨୦୦୭. IA II(I), ରେ ପରିବେଶୀୟ ଅନୁମତି ପାଇଛନ୍ତି।
ଉକ୍ତ ଅନୁମତି ପତ୍ର ଭୁବନେଶ୍ୱରର ନୀଳକଣ୍ଠ ନଗରସ୍ଥିତ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କାର୍ଯ୍ୟାଳୟରେ ଓ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ୱେବସାଇଟ **http://envfor.nic.in** ଏବଂ ମେସର୍ସ ଏମ.ଜି.ଏମ ମିନେରାଲସ ଲିମିଟେଡ୍ ୱେବସାଇଟ **www.mgmmin.in** ରେ ଉପଲବ୍ଧ ଅଟେ।

**CORRIGENDUM**
**Letter No. 3208** **Date: 18.09.2021**
No. i-168: In response to this office Letter No. 3154 dated 15.09.2021 a typical error in Tender Call Notice No. 01/Puintala/2021-22, the heading may be read as **Panchayat Samiti, Puintala** instead of Panchayat Samiti, Balangir.
**Sd./- Block Development Officer, Puintala**
**OIPR-19095/11/0002/2122**

**ତହସିଲଦାର ସିନାପାଲିଙ୍କ କାର୍ଯ୍ୟାଳୟ, ଜିଲ୍ଲା ନୂଆପଡ଼ା**
ସଂଖ୍ୟା 2281 ତାରିଖ 08.09.21
**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**
No.F-143:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସିନାପାଲି ତହସିଲ, ଜିଲ୍ଲା ନୂଆପଡ଼ା ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବା ଦିନଠାରୁ ଦୀର୍ଘ ମିଆଦୀଲିଜ୍ ପାଇଁ ତହସିଲଦାର ସିନାପାଲିଙ୍କ ଦ୍ୱାରା ତା13.09.2021ରିଖଠାରୁ ତା29.09.2021ରିଖ 5.30 ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟ ଦିବସ ଓ ସମୟରେ ଉପଲବ୍ଧ ହେବ। ସୈରାତ ଉପର ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.nuapada.nic.inରେ ଉପଲବ୍ଧ ହେବ। ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି। ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡିକୁ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା30.09.2021 ଅପରାହ୍ନ 5.30 ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ। ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡିକ ଗ୍ରହଣଯୋଗ୍ୟ ହେବ ନାହିଁ। ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପାଗୁଡିକ ତା01.10.2021 ପୂର୍ବାହ୍ନ 11 ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡିକ ତନଖି କରାଯିବ।
ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ, ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।
**ସ୍ୱା./- ତହସିଲଦାର, ସିନାପାଲି**
OIPR-24214/11/0001/2122

# ପ୍ରମୋଦ, ଦୂତୀଙ୍କ ନାମରେ ହେବ ଷ୍ଟାଡିୟମ

ଭୁବନେଶ୍ୱର, ୨୦।୯

ଟୋକିଓରେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଜିତି ଦେଶ ପାଇଁ ଗୌରବ ଆଣିଥିବା ପ୍ରମୋଦ ଭଗତଙ୍କୁ ସୋମବାର କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅନୁଷ୍ଠାନର ବରିଷ୍ଠ ଅଧିକାରୀଙ୍କ ଗହଣରେ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ବାବଦରେ ପ୍ରମୋଦଙ୍କୁ ୫ ଲକ୍ଷ ଟଙ୍କା, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ପାରାଲିମ୍ପିକ୍ସକୁ ଯିବା ପୂର୍ବରୁ ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ କିଟ୍‌ର ଇନ୍‌ଡୋର ଷ୍ଟାଡିୟମରେ ଦୀର୍ଘଦିନ ଅଭ୍ୟାସ କରିଥିଲେ। ସେହି ଷ୍ଟାଡିୟମକୁ ପ୍ରମୋଦ ଭଗତ ଇନ୍‌ଡୋର ଷ୍ଟାଡିୟମ' ନାମରେ ନାମିତ କରାଯିବ। ଏଥି ସହ ଓଡ଼ିଶାର ଗୌରବ ପ୍ରମୋଦଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତାବର୍ଷ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯିବ ବୋଲି ଅଚ୍ୟୁତ ଘୋଷଣା କରିଛନ୍ତି।




ପ୍ରମୋଦ ଭଗତ ଓ ରାଖାଲ ସେଠୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ଅବସରରେ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଆଥଲେଟ୍ ଦୂତୀ ଚାନ୍ଦ।

ଭାରତର ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦଙ୍କୁ ୨୦୧୩ରୁ କିଟ୍ ଓ କିସ୍ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ସହ ଅନ୍ୟାନ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଇ ଆସୁଛି। ଦୂତୀ ୨ ଦୁଇ ଥର ଅଲିମ୍ପିକ୍ ଟ୍ରାକ୍‌ରେ ଦୌଡ଼ିବାର ଗୌରବ ଅର୍ଜନ କରିଥିବା ବେଳେ ଏସିଆଡ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆଦି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରି ଦେଶ ଏବଂ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ତେଣୁ ତାଙ୍କ ନାମରେ ମଧ୍ୟ କିଟ୍‌ର ସିନ୍ଥେଟିକ୍ ଆଥଲେଟିକ୍ ଷ୍ଟାଡିୟମକୁ 'ଦୂତୀ ଚାନ୍ଦ ଷ୍ଟାଡିୟମ୍' ନାମରେ ନାମିତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଏହା ସହିତ ଦୂତୀଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବ। ଏହା ଦ୍ୱାରା କେବଳ ପ୍ରମୋଦ ଓ ଦୂତୀ ଉତ୍ସାହିତ ହେବେ ନାହିଁ ଅନ୍ୟ ଖେଳାଳିମାନେ ପ୍ରେରଣା ପାଇବେ ବୋଲି ଅଚ୍ୟୁତ କହିଛନ୍ତି। ଏହି ଅବସରରେ ହୁଇଲ୍

**କିଟ୍ ଓ କିସ୍ ପକ୍ଷରୁ ଅଲିମ୍ପିଆନ୍‌ଙ୍କୁ ସମ୍ବର୍ଦ୍ଧନା**

ଚେୟାର ଅସି ଚାଳକ ରାଖାଲ ସେଠୀଙ୍କୁ ୨.୭ଲକ୍ଷ ଟଙ୍କା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଏହି ଅର୍ଥରେ ସେ ଏକ ହୁଇଲ୍ ଚେୟାର କିଣି ଆସନ୍ତା ନଭେମ୍ବରରେ ଇଟାଲୀର ପିସାଠାରେ ହେବାକୁ ଥିବା ଦି ଲିନିଂ ଟାୱାର ବିଶ୍ୱକପରେ ଅଂଶଗ୍ରହଣ କରିପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



କଟକର ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍‌ରେ ସୋମବାର ଦିଲ୍ଲୀ ଓ ହରିୟାଣା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଘରୋଇ ଖେଳାଳିଙ୍କ ପାଇଁ ବିସିସିଆଇର କ୍ଷତିପୂରଣ ଘୋଷଣା

ନୂଆଦିଲ୍ଲୀ, ୨୦।୯ (ପି.ଟି.)

କୋଭିଡ୍ ଯୋଗୁ ୨୦୨୦-୨୧ ସିଜନକୁ କାଣ୍ଟଛାଣ୍ଟ କରାଯାଇଥିବାରୁ ଘରୋଇ କ୍ରିକେଟରମାନେ ପ୍ରଭାବିତ ହୋଇଥିଲେ। କ୍ଷତିପୂରଣ ବାବଦରେ ସେମାନଙ୍କୁ ଅତିରିକ୍ତ ୫୦ ପ୍ରତିଶତ ପ୍ରଦାନ କରାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୋମବାର ଘୋଷଣା କରାଯାଇଛି। ଏହାଛଡ଼ା ଆସନ୍ତା ସିଜନ ପାଇ ସେମାନଙ୍କ ପାଉଣା ବୃଦ୍ଧି ମଧ୍ୟ କରାଯାଇଛି। ଗତବର୍ଷ ରଣଜୀ ଟ୍ରଫି ଅନୁଷ୍ଠିତ ନ ହେବାରୁ ବହୁ ଭାରତୀୟ କ୍ରିକେଟରଙ୍କୁ ଆର୍ଥିକ ସଂକଟ ଦେଇ ଗତିକରିବାକୁ ପଡ଼ିଥିଲା। କୋଭିଡ୍ ପାଇଁ ରଣ୍‌ଜୀ ଟ୍ରଫି ଇତିହାସରେ ପ୍ରଥମଥର ଟୁର୍ଣ୍ଣାମେଣ୍ଟକୁ ବନ୍ଦ ରଖିବାକୁ ପଡ଼ିଥିଲା। କ୍ଷତିଗ୍ରସ୍ତ ଖେଳାଳିମାନେ ବହୁଦିନ ହେଲା କ୍ଷତିପୂରଣ ପ୍ୟାକେଜକୁ ଅପେକ୍ଷା କରି ରହିଥିଲେ। ୨୦୧୯-୨୦ ସିଜନରେ ଭାଗ ନେଇଥିବା କ୍ରିକେଟରମାନେ କୋଭିଡ୍ ପରିସ୍ଥିତି ଯୋଗୁ ବନ୍ଦ ରହିଥିବା ୨୦୨୦-୨୧ ସିଜନ ପାଇଁ ୫୦ ପ୍ରତିଶତ ଅତିରିକ୍ତ ମ୍ୟାଚ ଫି' ପାଇବେ ବୋଲି ବିସିସିଆଇ ସାଧାରଣ ସମ୍ପାଦକ ଜୟ ଶାହା ଟୁଇଟ କରି କହିଛନ୍ତି। ସୋମବାର ବିସିସିଆଇର ଆପେକ୍ସ କାଉନ୍‌ସିଲ ବୈଠକରେ କ୍ଷତିପୂରଣ ଓ ମ୍ୟାଚ୍ ଫି' ବୃଦ୍ଧି ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ୪୦ରୁ ଅଧିକ ମ୍ୟାଚ ଖେଳିଥିବା ରଣଜୀ କ୍ରିକେଟରଙ୍କ ଦୈନିକ ପାଉଣା ପ୍ରାୟ ଦୁଇଗୁଣା କରାଯାଇଛି। ଅର୍ଥାତ୍ ସେମାନେ ଏଣିକି ୬୦,୦୦୦ ଟଙ୍କା ଲେଖାଏ ପାଇବେ। ଏହି ଶ୍ରେଣୀର ଖେଳାଳି ପ୍ରଥମ ଶ୍ରେଣୀ ମ୍ୟାଚ ପିଛା ୨.୪୦ ଲକ୍ଷ ଲେଖାଏ ପାଇବେ। ସେହିପରି ଯେଉଁମାନେ ୨୧ରୁ ୪୦ ପର୍ଯ୍ୟନ୍ତ ମ୍ୟାଚ ଖେଳିଛନ୍ତି ସେମାନେ ୫୦,୦୦୦ ଟଙ୍କା ଲେଖାଏ ପାଇବେ। ସ୍ୱଳ୍ପ ଅଭିଜ୍ଞତାସମ୍ପନ୍ନ ଖେଳାଳି ଦିନପିଛା ୪୦,୦୦୦ ଟଙ୍କା ଲେଖାଏ ପାଇବେ। ଆପେକ୍ସ କାଉନ୍‌ସିଲର ଏହି ନିଷ୍ପତ୍ତି ଯୋଗୁ ୧୬ ବର୍ଷରୁ କମ୍‌ରୁ ସିନିୟର ସ୍ତର ପର୍ଯ୍ୟନ୍ତ ୨,୦୦୦ ପୁରୁଷ କ୍ରିକେଟର ଉପକୃତ ହେବେ। ଘୋଷଣା ଅନୁସାରେ ୨୩ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ କାଟେଗୋରି ଅନ୍ତର୍ଗତ ଖେଳାଳିମାନେ ୨୫,୦୦୦ ଟଙ୍କା ଓ ୨୦,୦୦୦ ଟଙ୍କା ଲେଖାଏ ପାଇବେ। ସୋମବାର ନିଷ୍ପତ୍ତି ପୂର୍ବରୁ ଏକ ରଣଜୀ ଟ୍ରଫି ଗେମ୍ ପାଇଁ ପ୍ରଥମ ଏକାଦଶ ଖେଳାଳି ଦୈନିକ ୩୫,୦୦୦ ଟଙ୍କା, ସୟେଦ ମୁସ୍ତାକ ଅଲି ଟ୍ରଫି ପାଇଁ ବିସିସିଆଇ ମ୍ୟାଚ ପିଛା ୧୭,୫୦୦ ଟଙ୍କା ଲେଖାଏ ଦେଉଥିଲା। ବିସିସିଆଇ ଆହୁରି ମଧ୍ୟ ମହିଳା କ୍ରିକେଟରମାନଙ୍କ ଲାଗି ପାଉଣା ଘୋଷଣା କରିଛି। ସିନିୟର ଖେଳାଳିମାନେ ଏଣିକ ୧୨,୫୦୦ ଟଙ୍କା ପରିବର୍ତ୍ତେ ୨୦,୦୦୦ ଟଙ୍କା ପାଇବେ।

# ଓଡ଼ିଶା ରାଜ୍ୟ କରାଟେ ସଂଘର ନିର୍ବାଚନ

ଭୁବନେଶ୍ୱର, ୨୦।୯ (ସ୍ପୋର୍ଟସ୍ ବ୍ୟୁରୋ)- ଓଡ଼ିଶା ରାଜ୍ୟ କରାଟେ ସଂଘର ବାର୍ଷିକ ଅଧିବେଶନ ଓ ସାଧାରଣ ନିର୍ବାଚନ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ଆସନ୍ତା ୩ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀ ପାଇଁ କେହି ଆବେଦନ କରି ନ ଥିବାରୁ କାର୍ଯ୍ୟକାରୀ ପରିଷଦରୁ ଜଣଙ୍କୁ ସଭାପତି ଭାବେ ବାଛିବା ଲାଗି ସଂଘର ସାଧାରଣ ପରିଷଦ ଅଧିକାର ପ୍ରଦାନ କରିଛି। ସନତ ନାୟକ, ସଞ୍ଜୟ କୁମାର ଦାସ ଓ ଏସ୍.ଆର୍. ଶାସମଲ ଉପସଭାପତି ଓ ଗୌରୀ ମହାନ୍ତି ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଜୟଦେବ ପଟ୍ଟନାୟକ ଯୁଗ୍ମ ସମ୍ପାଦକ, ଖାରବେଳ ମଲ୍ଲିକ କୋଷାଧ୍ୟକ୍ଷ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ରୂପେ ରାଜୀବ କୁମାର ସିଂ, ଦୀପକ ସାମନ୍ତରା, ସନ୍ଦୀପ ମହାନ୍ତି, ମହେଶ ବରାଳ, ସୌମ୍ୟରଞ୍ଜନ ଦାସ, ଅରବିନ୍ଦ ପଟ୍ଟନାୟକ ଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ମନୋନୀତ ହୋଇଛନ୍ତି। ରାଜ୍ୟ ସଂଘ ଉପଦେଷ୍ଟା ମଣ୍ଡଳ ପାଇଁ ପ୍ରକାଶ କୁମାର ପଟ୍ଟନାୟକ, କାଳି ପ୍ରସାଦ ନନ୍ଦ, ରବି ନାରାୟଣ ଖୁଣ୍ଟିଆ, ପ୍ରଦୀପ ସରକାର, ସନକ କୁମାର ଦେଓ, ପ୍ରଶାନ୍ତ ଧଳ, ଦୁର୍ଗା ପ୍ରସାଦ ରଥ, ହିମାଂଶୁ ଶେଖର ଦାସ, ମୀର ଅଜମଲ ଅଲି ଓ ଆଦିତ୍ୟ ଚାନ୍ଦ ପ୍ରମୁଖ ମନୋନୀତ ହୋଇଛନ୍ତି।




ଓଡ଼ିଶା ରାଜ୍ୟ କରାଟେ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

# ପାରାଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଶରଦ ହସ୍ପିଟାଲରେ

**ନୂଆଦିଲ୍ଲୀ, ୨୦।୯ (ପି.ଟି.):** ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପାରାଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ହାଇଜମ୍ପର ଶରଦ କୁମାର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍‌ସ)ରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ସେ ବର୍ତ୍ତମାନ ସୁସ୍ଥ ଅନୁଭବ କରୁଛନ୍ତି। ଅଗଷ୍ଟ ୩୧ରେ ଟୋକିଓ ପାରାଲିମ୍ପିକ୍ସ ଟି-୪୨ ହାଇଜମ୍ପ ଇଭେଣ୍ଟରେ କୁମାର ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ୪ ଦିନ ପୂର୍ବେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଟେଷ୍ଟ ରିପୋର୍ଟକୁ ଅପେକ୍ଷା କରାଯାଇଛି। ତାଙ୍କର ପ୍ରତ୍ୟେକ ଦିନ ଟେଷ୍ଟ ହେଉଛି। ଆଗକୁ କ'ଣ କରିବାକୁ ହେବ ତାହା ଦିନେ ଅବା ଦୁଇ ଦିନ ମଧ୍ୟରେ ଜଣାପଡ଼ିବ।

**୧୯ ବର୍ଷରୁ କମ୍ ଏକଦିବସୀୟ ଲିଗ୍**

# ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ

ଭୁବନେଶ୍ୱର, ୨୦।୯(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁକୂଲ୍ୟରେ ରାଜସ୍ଥାନର ଜୟପୁରଠାରେ ୧୯ ବର୍ଷରୁ କମ୍ ଦିନିକିଆ ଲିଗ୍ (ଏଲିଟ-ଇ) ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ସୋମବାର ରାଜସ୍ଥାନ ଯାତ୍ରା କରିଛନ୍ତି। ମଙ୍ଗଳବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଦଳର ସଦସ୍ୟମାନେ କ୍ୱାରାଣ୍ଟାଇନ୍‌ରେ ରହିବାପରେ ୨୬ ଓ ୨୭ରେ ଅଭ୍ୟାସ କରିବେ। ଦଳ ସହିତ ମ୍ୟାନେଜର ସୁଜିତ କୁମାର ପ୍ରଧାନ, ମୁଖ୍ୟ କୋଚ୍ କାଦମ୍ବିନୀ ମହାକୁଡ଼, ସହକାରୀ କୋଚ୍ ଗଙ୍ଗୋତ୍ରୀ ବେହେରା ପ୍ରମୁଖ ଜୟପୁର ଯାଇଛନ୍ତି। ଓଡ଼ିଶା ସେଠାରେ କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ତ୍ରିପୁରା ଓ ପଞ୍ଜାବ ବିପକ୍ଷରେ ଖେଳିବ। **ଓଡ଼ିଶା ଦଳ:** ଶୁଭ୍ରା ନିର୍ଝରିଣୀ ସ୍ୱାଇଁ (ଅଧିନାୟିକା), ତନ୍ମୟୀ ବେହେରା, ଜି.ଏମ. ଅଳକାନନ୍ଦା, ଜୋୟସ ନାୟକ, ଦୀପ୍ତି ଭେଙ୍ଗ୍ରା, ରୋଶନି ବାଗତ୍ରି, ଭବାନୀ ଧଡ଼ା, ପୂଜାରାଣୀ ଦାସ, ଜ୍ୟୋତି କୁମାରୀ ପ୍ରସାଦ, ଅଲିସ୍ମା ବିଶ୍ୱାଳ, ଅଙ୍କିତା ଗିରି, ଏସ.ବି. ଲରେନ୍ସ, ରାନୀ କୁମାରୀ ପ୍ରସାଦ, ସୂର୍ଯ୍ୟଶାନ୍ତା ସ୍ୱାଇଁ, ପୂଜା କୁମାରୀ ଯାଦବ, ସ୍ମୃତିରେଖା ମହନ୍ତ, ସୁଚିସ୍ମିତା ପଣ୍ଡା, ସୋନୀ ପ୍ରସାଦ, ମାଳତୀ ମୁର୍ମୁ, ମେଘନା ପାଢ଼ୀ, କାଲାନ୍ଦି ଧିତ୍ୟା, ତନ୍ୱି ରଞ୍ଜନା।

## ରାଜ୍ୟ ଖବର

# ବ୍ରାଉନସୁଗାର ଜବତ, ୩ ଛାତ୍ର ଗିରଫ

**ଜୟପୁର,୨୦।୯ (ନି.ପ୍ର.):** କୋରାପୁଟ ଜିଲା ଗେଟଗୁଡ଼ା ନିକଟସ୍ଥ ଆମ୍ବତୋଟାରେ ଚଢ଼ାଉକରି ଜୟପୁର ଟାଉନ ଥାନା ପୋଲିସ ସୋମବାର ବ୍ରାଉନସୁଗାର ଜବତ କରିଛି। ଏହାକୁ କାଗଜରେ ପ୍ୟାକିଂ କରୁଥିବା ବେଳେ ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ଜବତ ବ୍ରାଉନସୁଗାରର ପରିମାଣ ୨.୭୧ ଗ୍ରାମ। ଏହି ମାମଲାରେ ୩ ଛାତ୍ରଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜୟପୁର ସହରର ପାରାବେଡ଼ାର ଶିଶିର କୁମାର ବେହେରା (୨୩), କୁମ୍ଭାରସାହିର ଶୁଭମ ପଣ୍ଡା(୨୭), ପାରାବେଡ଼ା ଏଲ୍‌ଆଇସି କଲୋନୀର ଶ୍ରୀହରି ବିଷୋୟୀ (୨୧)। ଶିଶିର ଆଇଟିଆଇରେ ପଢୁଥିବା ବେଳେ ଶ୍ରୀହରି ଯୁକ୍ତ୩ , ଶୁଭମ ପଣ୍ଡା ବିଟେକ୍‌ର ଛାତ୍ର। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୧ ହଜାର ଟଙ୍କା ହେବ। ଏଥିସହ ଅଭିଯୁକ୍ତଙ୍କଠାରୁ ୧୪ ଶହ ଟଙ୍କା, ୩ ମୋବାଇଲ, ୨ଟି ବାଇକ ଜବତ ହୋଇଛି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।

# ଛାତ୍ର ହଷ୍ଟେଲ ଛାଡ଼ିବା ଘଟଣା, ପ୍ରଧାନ ଶିକ୍ଷକ ନିଲମ୍ବିତ

**ପାରଳାଖେମୁଣ୍ଡି,୨୦।୯(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ବ୍ଲକ କଟାମାରେ ଥିବା ସରକାରୀ ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ଖାଇବାକୁ ନ ମିଳିବାରୁ ୧୪ ଜଣ ଛାତ୍ର ହଷ୍ଟେଲ ଛାଡ଼ିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୋମବାର ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଆଲ ସିଂଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ ତାଙ୍କୁ ନିଲମ୍ବିତ କରିଛନ୍ତି। ଖାଦ୍ୟ ନ ମିଳିବାରୁ ୧୪ଜଣ ଛାତ୍ର ଶନିବାର ହଷ୍ଟେଲ ଛାଡ଼ି ଚାଲିଯାଇଥିଲେ। ଏହି ବିଷୟରେ ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ପ୍ରଧାନ ଶିକ୍ଷକ ସୂଚନା ଦେଇନଥିଲେ । ରବିବାର ହଷ୍ଟେଲକୁ ୧୧ ଛାତ୍ର ଫେରିଥିଲେ। ଏହି ଖବର ପ୍ରକାଶ ପରେ ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମୋହନା ବ୍ଲକରୁ ୨ ଜଣ ଅଧିକାରୀ କୁନା ପାତ୍ର, ନାରଣ୍ଣ କହଁର ଓ ବ୍ଲକ ମଙ୍ଗଳ ଅଧିକାରୀ ରଞ୍ଜନ ଜେନା ଯାଇ ସମସ୍ତ ବିଷୟରେ ତଦନ୍ତ କରି ରିପୋର୍ଟ ପଠାଇଥିଲେ। ରିପୋର୍ଟ ଆଧାରରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି।

# ଆନ୍ଦୋଳନକୁ ଓହ୍ଲାଇଲେ ସୀମାନ୍ତ ପଞ୍ଚାୟତବାସୀ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ମୌଳିକ ସୁବିଧା ଯୋଗାଇବାକୁ ଦାବି

ପାରଳାଖେମୁଣ୍ଡି,୨୦।୯(ଡି.ଏନ୍.ଏ.)

ଗଜପତି ଜିଲାର ସୀମାନ୍ତରେ ଥିବା ଗଙ୍ଗାବାଡ଼ ଓ କେରାଣ୍ଡି ପଞ୍ଚାୟତର ଆଦିବାସୀମାନେ ୮ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଧ୍ରର ଦାଦାଗିରିରେ ଅତିଷ୍ଠ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଜିଲାପାଳଙ୍କୁ ଦେଖା କରିବାକୁ ଜିଦ୍ ଧରିଥିଲେ। ତେବେ ଜିଲାପାଳଙ୍କ ବଦଳରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଆସି ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଦିବାସୀଙ୍କ ସ୍ମାରକପତ୍ର ଗ୍ରହଣ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆଦିବାସୀଙ୍କୁ ପାରଳାଖେମୁଣ୍ଡିର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ମଧ୍ୟ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସୀମାନ୍ତ ଗ୍ରାମଗୁଡିକରେ ରାସ୍ତାଘାଟ ମୁଖ୍ୟ ସମସ୍ୟା। ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସମସ୍ୟା ନ କହିବା ଭଲ। ତେଣୁ ଆନ୍ଧ୍ର ସରକାର ଏହାର ଫାଇଦା ଉଠାଉଛନ୍ତି। ଆଦିବାସୀମାନେ ନିଜର ନିତିଦିନିଆ ଜୀବିକା ପାଇଁ ଆନ୍ଧ୍ର ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଗତ ୯ ତାରିଖରେ ଆନ୍ଧ୍ରର ମନ୍ତ୍ରୀ ମାଣିକପାଟଣାରେ ପଶି ଅଶୋଭନୀୟ ଆଚରଣ ଦେଖାଇଲେ। ଏହା ପରେ ବି ଗଜପତି ଜିଲା ପ୍ରଶାସନ କି ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ଏହାର ସୁଯୋଗ ନେଇ ଆନ୍ଧ୍ର ପୋଲିସ ଓ ପ୍ରଶାସନିକ ଅଧିକାରୀ ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକରେ ଲୋକଙ୍କୁ ଧମକଚମକ ଦେବା ସହ ଓଡ଼ିଶା ସରକାରଙ୍କ କୌଣସି ଯୋଜନାରେ ସାମିଲ ନ ହେବାକୁ ବାଧ କରୁଛନ୍ତି ବୋଲି ଅଖିଳ ଭାରତ କିଷାନ ମଜଦୁର ସଭାର ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଗଙ୍ଗାବାଡ଼ ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଜି ପ୍ରମୁଖ ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାର ତୁରନ୍ତ ଆନ୍ଧ୍ର ସହ ଆଲୋଚନା କରି ଉଭୟ ରାଜ୍ୟର ସ୍ଥାୟୀ ସୀମାରେଖା ନିର୍ଦ୍ଧାରଣ କରିବା, କଇପୁରୁଠାରୁ ଗଙ୍ଗାବାଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଗଙ୍ଗାବାଡ଼ ଆବାସିକ ହାଇସ୍କୁଲ ଛାତ୍ରାବାସରେ ୧୦୦ ପିଲାଙ୍କୁ ରଖିବା ବ୍ୟବସ୍ଥା କରିବା, ଗଙ୍ଗାବାଡ଼ ଏବଂ କେରାଣ୍ଡି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାଶୀଘ୍ର ଡାକ୍ତର, ଫାର୍ମାସିଷ୍ଟ, ନର୍ସ ନିୟୋଜିତ କରିବା, ଦୁଇ ପଞ୍ଚାୟତ ପାଇଁ ଏକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପନ କରିବା, ମୋବାଇଲ ଟାୱାର ସ୍ଥାପନ, କୃଷିଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ ସୁବିଧା କରିବା, ଓଡ଼ିଶା ଗ୍ରାମଗୁଡିକରେ ଆନ୍ଧ୍ର ପୋଲିସର ବାରମ୍ବାର ଅନୁପ୍ରବେଶ ବନ୍ଦ ସହ ଓଡ଼ିଶା ନେତାମାନଙ୍କ ବିରୋଧରେ ରୁଜୁ ମିଥ୍ୟା ମାମଲା ସମ୍ପର୍କରେ ତୁରନ୍ତ ଆନ୍ଧ୍ର ସରକାର ସହ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।



ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସିଥିବା ସୀମାନ୍ତ ଗ୍ରାମବାସୀ।

# ପ୍ରଶାନ୍ତି ବିଶେଷ ସମେତ ଆଉ ୩ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ

ଭୁବନେଶ୍ୱର,୨୦।୯

ଦକ୍ଷିଣ କେନ୍ଦ୍ରୀୟ ରେଳପଥ ପରିସୀମା ମଧ୍ୟରେ ଗୁଣ୍ଟୁର-ଗୁଣ୍ଟକଲ୍ ରେଲୱେ ସେକ୍ସନର ଦୋହରୀକରଣ କାର୍ଯ୍ୟ ସମ୍ପାଦନ ସହ ଷ୍ଟେଶନର ନିରାପତ୍ତାକୁ ଆଖିଆଗରେ ରଖି ରେଳପଥ ପକ୍ଷରୁ ସେପ୍ଟେମ୍ବର ୨୬ ଓ ୨୭ରେ ଉଭୟ ପାର୍ଶ୍ୱରୁ ଛାଡ଼ିବାକୁ ଥିବା ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ବିଶେଷ ଟ୍ରେନ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ ବୋଲି କୁହାଯାଇଛି।

ସେହିଭଳି ସମ୍ବଲପୁର ରେଳମଣ୍ଡଳ ମଧ୍ୟରେ ୩ଟି ଟ୍ରେନ ପରିବର୍ତ୍ତିତ ସମୟରେ ଚଳାଚଳ କରିବ। ପୁରୀ-ସୁରଟ ବିଶେଷ ଟ୍ରେନ ପୁରୀରୁ ୨୬ ସେପ୍ଟେମ୍ବରଠାରୁ ସମ୍ବଲପୁର ରେଳମଣ୍ଡଳ ମଧ୍ୟରେ ୪ଟି ଷ୍ଟେଶନରେ ସଂଶୋଧିତ ସମୟରେ ଚଳାଚଳ କରିବ। ଏହି ଟ୍ରେନ୍ ବରଗଡ଼ ରୋଡ୍‌ରେ ଏହାର ନିର୍ଦ୍ଧାରିତ ଆଗମନ ସମୟ ରାତ୍ରି ୨ଘ.୫୦ମି. ଓ ପ୍ରସ୍ଥାନ ରାତ୍ରି ୨ଘ.୫୨ମି. ପରିବର୍ତ୍ତେ ରାତ୍ରି ୦୨ଘ.୩୯ମି.ରେ ପହଞ୍ଚି ରାତ୍ରି ୨ଘ.୪୧ମି.ରେ ଛାଡିବ। ସେହିପରି ଏହି ଟ୍ରେନ୍ କଣ୍ଟାବାଞ୍ଜି ଷ୍ଟେଶନରେ ଏହାର ନିର୍ଦ୍ଧାରିତ ପ୍ରସ୍ଥାନ ସମୟ ଭୋର ୫ଘ.୪୫ମି. ପରିବର୍ତ୍ତେ ଭୋର ୫ଘ.୫୦ମି.ରେ ପହଞ୍ଚି ଭୋର ୬ଘଟିକାରେ ଛାଡ଼ିବ। ଏହି ଟ୍ରେନର ସମୟ ସାରଣୀ ବଲାଙ୍ଗୀର ଏବଂ ଟିଟିଲାଗଡ଼ରେ ମଧ୍ୟ ସଂଶୋଧିତ ହୋଇଛି। ସେହିପରି ଭୁବନେଶ୍ୱର-ଏଲ୍‌ଟିଟି ବିଶେଷ ଟ୍ରେନ ଭୁବନେଶ୍ୱରରୁ ସେପ୍ଟେମ୍ବର ୨୭ରୁ ଏବଂ ପୁରୀ-ଏଲ୍‌ଟିଟି ବିଶେଷ ଟ୍ରେନ ପୁରୀରୁ ୨୮ସେପ୍ଟେମ୍ବରଠାରୁ ଝାରସୁଗୁଡ଼ା ରୋଡ୍‌ରେ ଏହାର ପୂର୍ବ ନିର୍ଦ୍ଧାରିତ ଆଗମନ ସମୟ ଅପରାହ୍ନ ୧ଘ.୩୫ମି. ଓ ପ୍ରସ୍ଥାନ ଅପରାହ୍ନ ୧ଘ.୪୪ମି.ପରିବର୍ତ୍ତେ ଅପରାହ୍ନ ୧ଘ.୩୦ମି.ରେ ପହଞ୍ଚି ଅପରାହ୍ନ ୧ଘ.୩୫ମି.ରେ ଛାଡିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ସେପ୍ଟେମ୍ବର ୨୩ଠାରୁ ପରବର୍ତ୍ତୀ ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଉଚ୍ଚଶିକ୍ଷାନୁଷ୍ଠାନରେ ୧ରୁ ବାୟୋମେଟ୍ରିକ୍ ଉପସ୍ଥାନ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଟିଚିଂ ଓ ନନ୍ ଟିଚିଂ କର୍ମଚାରୀଙ୍କ ପାଇଁ ପୁଣି ଲାଗୁ ହେବ ବାୟୋମେଟ୍ରିକ ଆଟେଣ୍ଡାନ୍ସ (ଉପସ୍ଥାନ)। କରୋନା ପାଇଁ ଗତବର୍ଷ ମାର୍ଚ୍ଚ ୧୩ରେ ଉଚ୍ଚ ଶିକ୍ଷା ବିଭାଗ ଏହି ବ୍ୟବସ୍ଥାକୁ ବନ୍ଦ କରିଦେଇଥିଲା। ଆସନ୍ତା ୧ ତାରିଖରୁ ଏହା ପୁଣି ଲାଗୁ ହେବ ବୋଲି ସୋମବାର ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି।

# କୋଟିଆରେ ନିର୍ବାଚନ ନେଇ ପ୍ରସ୍ତୁତି ଆରମ୍ଭ: ଡିଆଇପିଆରଓ

କୋରାପୁଟ,୨୦।୯(ସ୍ୱ.ପ୍ର.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତ ତଲଗଞ୍ଜେଇପଦର ଓ ଫଗୁଣ ସିନେରି ଗ୍ରାମରେ ଆନ୍ଧ୍ର ଜିଲା ପରିଷଦ ଏବଂ ସମିତି ସଭ୍ୟ ନିର୍ବାଚନ ଫଳ ଘୋଷଣା କରିବାର ୨୪ଘଣ୍ଟା ଭିତରେ କୋରାପୁଟ ଜିଲା ପ୍ରଶାସନ ନିଜ ପ୍ରତିକ୍ରିୟା ରଖିଛି। ଏକ ପ୍ରେସ୍ ବିଜ୍ଞପ୍ତିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ (ଡିଆଇପିଆରଓ) ସୋମବାର କହିଛନ୍ତି, ତାହା ଆନ୍ଧ୍ରର ନିର୍ବାଚନ ଆନ୍ଧ୍ର କଲା, ଆମର ସେଥିରେ କିଛି କହିବାର ନାହିଁ। ମାତ୍ର ଆଗାମୀ ଦିନରେ ଓଡ଼ିଶା ପକ୍ଷରୁ କୋଟିଆରେ ପଞ୍ଚାୟତ ନିର୍ବାଚନ ହେବ। ଏଥିରେ ସବୁଠି ଓଡ଼ିଶା ପ୍ରାର୍ଥୀ ଦେବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରାୟଗୁରୁ ପ୍ରକାଶ କରିଛନ୍ତି।

କୋଟିଆ ପଞ୍ଚାୟତକୁ ନେଇ ଓଡ଼ିଶା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଏହାର ଶୁଣାଣି କରି ଓଡ଼ିଶା-ଆନ୍ଧ୍ର ଉଭୟ ରାଜ୍ୟର ରାଜନୈତିକ ଦଳ ମଧ୍ୟରେ ଆଲୋଚନା କରି କୋଟିଆ ସମସ୍ୟାର ସମାଧାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇ ଏଥିପାଇଁ ୬ସପ୍ତାହ ସମୟ ଦେଇଛନ୍ତି। ଓଡିଶାର କୋଟିଆ ପଞ୍ଚାୟତରେ ଆନ୍ଧ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରିଚାଲିଛି। ଏହାକୁ ଗୁରୁତର ସହ ନେଇ ପଦକ୍ଷେପ ନେବା ବଦଳରେ ଆନ୍ଧ୍ର କୋଟିଆର ତଲଗଞ୍ଜେଇପଦର ଓ ଫଗୁଣ ସିନେରି ଗ୍ରାମରେ ପୂର୍ବରୁ କରିଥିବା ନିର୍ବାଚନ ଫଳ ରବିବାର ଘୋଷଣା କରିଛି।

# ରମାଦେବୀ ବିଶ୍ୱବିଦ୍ୟାଳୟ ୟୁଜି, ପିଜି ପରୀକ୍ଷାଫଳ ପ୍ରକାଶ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

**ଶ୍ୱେତପଦ୍ମା ତ୍ରିପାଠୀ ବେଷ୍ଟ ଗ୍ରାଜୁଏଟ୍**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୟୁଜି ଓ ପିଜି ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ୟୁଜି କଳା ବିଭାଗ ଅନର୍ସରେ ମୋଟ ୫୩୯୪ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪୯୯୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ୯୧.୮୬% ରହିଛି। ସେହିପରି କଳା ପାସ୍‌ରେ ୧୯୭ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୪୮ଜଣ ପାସ୍ ହୋଇଛନ୍ତି। ବାଣିଜ୍ୟରେ ୩୮୩ଜଣ ପରୀକ୍ଷା ଦେଇଥିବାବେଳେ ୩୦୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୧,୦୫୦ଜଣ ଅନର୍ସ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୯୬୭ଜଣ ପାସ୍ ହୋଇଛନ୍ତି ଓ ପାସ୍ ହାର ୯୨.୧% ରହିଛି। ସେହିପରି ବିଜ୍ଞାନ ପାସ୍‌ରେ ୧୭ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କେମିଷ୍ଟ୍ରି ଛାତ୍ରୀ ଶ୍ୱେତପଦ୍ମା ତ୍ରିପାଠୀ ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି।

ସେହିଭଳି ପିଜି ବାୟୋ-ଟେକ୍ନୋଲୋଜିରେ କ୍ରିଷ୍ଣା ପ୍ରିୟଦର୍ଶିନୀ ୮୨.୨୯% ରଖି ଟପ୍ପର ହୋଇଛନ୍ତି। ପିଜି ବାଣିଜ୍ୟରେ ଅମିଷା ମହାନ୍ତି ୭୭.୮୨%, କମ୍ପ୍ୟୁଟର ସାଇନ୍ସରେ ଗାୟତ୍ରୀ ସାହୁ ୮୫.୫୯%, ଅର୍ଥନୀତିରେ ସ୍ମୃତିରେଖା ସାହୁ ୮୨.୪୧%, ଶିକ୍ଷାରେ ପୂଜାରାଣୀ ପାତ୍ର ୮୩.୧୨%, ଇଂଲିଶରେ ପୁନମ କୌର ଗଲ୍ଲେ ୭୫.୩୫%, ଜେଣ୍ଡର ଷ୍ଟଡିଜ୍‌ରେ ସମୀରା ସିଂହ ୭୪.୪୧%, ହିନ୍ଦୀରେ ରୋଜାଲିନ ପ୍ରଧାନ ୭୮%, ହୋମ୍ ସାଇନ୍ସରେ ପଲ୍ଲବୀ ଗରଡିଆ ୮୧.୫୩%, ଇଣ୍ଡଷ୍ଟ୍ରିଆଲ ମାଇକ୍ରୋବାୟୋଲୋଜିରେ ସୁଜାତା ମିଶ୍ର ୮୬.୫୯%, ଲାଇଫ୍ ସାଇନ୍ସରେ ପୂଜାରାଣୀ ସାହୁ ୮୪.୭୬%, ଓଡ଼ିଆରେ ସୁଶ୍ରୀ ପଲ୍ଲବିତା ସାହୁ ୮୨.୮୨%, ରାଜନୀତି ବିଜ୍ଞାନରେ ରଶ୍ମିତା ମହାରଣା ୭୪.୪୧% ଓ ସୋସିଓଲୋଜିରେ ପୁନମ କୌର ୭୧.୧୮% ରଖି ଟପ୍ପର ହୋଇଛନ୍ତି। ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ପରୀକ୍ଷା ନିୟନ୍ତ୍ରକ ଡ. ସରିତା ସୁପକାର, ପିଜି କାଉନ୍‌ସିଲ୍ ଚେୟାରମ୍ୟାନ୍ ପ୍ରଫେସର ସସ୍ମିତା ମହାନ୍ତି, ଡେପୁଟି କଣ୍ଟ୍ରୋଲର ପ୍ରଫେସର ସୁଜାତା ମହାପାତ୍ର ଓ ପିଆରଓ ଡ. ମାନସ ବେହେରାଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଫଳ ଉନ୍ମୋଚିତ ହୋଇଥିଲା।

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ନିର୍ଯାତିତ ସ୍ୱାମୀ

**ଫୁଲବାଣୀ ଅଫିସ:** ଦାରିଙ୍ଗିବାଡି ଥାନା ଅଞ୍ଚଳର ଏକ ଦମ୍ପତିଙ୍କର ବିବାହ ବିଚ୍ଛେଦ ହୋଇସାରଥିଲେ ମଧ ସ୍ତ୍ରୀ ଜଣକ ଶାଶୁଘରେ ରହି ସ୍ୱାମୀଙ୍କୁ ମାଡମାରି ଘରୁ ବାହାର କରି ଦେଉଛନ୍ତି। ଏ ନେଇ ସ୍ୱାମୀ ଦାରିଙ୍ଗିବାଡି ଥାନାରେ ଅଭିଯୋଗ କରି ଆସୁଥିଲେ ମଧ ପୋଲିସ କିଛି ପଦକ୍ଷେପ ନେଉନାହାଁନ୍ତି। ତେଣୁ ସେ ବାଧ ହୋଇ ସୋମବାର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପି ଭାନିତ ଅଗ୍ରୱାଲ ଦାରିଙ୍ଗିବାଡି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କର ୨୦୦୭ ମସିହାରେ ବିବାହ ହୋଇଥିଲା। ଦମ୍ପତିଙ୍କ ମଧରେ ମତଭେଦ ହେବାରୁ ଫୁଲବାଣୀ ଫାମିଲି କୋର୍ଟରେ ସେମାନଙ୍କର ଛାଡପତ୍ର ହୋଇଥିଲା । ହେଲେ ସେ ଘର ଛାଡୁନାହାନ୍ତି। ପୁଅ ଓ ନିଜ ପ୍ରତି ଆଗକୁ ବିପଦ ଥିବା ସ୍ୱାମୀ ଜଣକ ଏସ୍‌ପିଙ୍କୁ ଜଣାଇଛନ୍ତି।

# ସଂକ୍ଷେପରେ

## ନିଖୋଜ ଯୁବକଙ୍କ କଙ୍କାଳ ଜବତ

ପୋଲସରା,୨୦।୯(ଡି.ଏନ.ଏ.): ପୋଲସରା ଥାନା ମନ୍ଦାର-କେନ୍ଦୁବାଡ଼ି ରାସ୍ତା ନିକଟ ରତନେଇ ପାହାଡ଼ରୁ ପୋଲିସ ସୋମବାର ଜଣେ ନିଖୋଜ ଯୁବକଙ୍କ କଙ୍କାଳ ଜବତ କରିଛି। ମନ୍ଦାର ଗ୍ରାମର କୋକଲି ମଲିକଙ୍କ ପୁଅ କାହ୍ନା (୨୫) ଗତ ୨୬ ତାରିଖରୁ ନିଖୋଜ ହୋଇଯାଇଥିବା ନେଇ ପୋଲସରା ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ସନ୍ଧ୍ୟାରେ ଜଣେ ବୃଦ୍ଧ ଗାଈ ଚରାଇବାକୁ ଯାଇଥିବା ବେଳେ ପାହାଡ ତଳେ ଏକ ମଣିଷ କଙ୍କାଳ ପଡିଥିବା ଦେଖି ଗ୍ରାମରେ କହିଥିଲେ। ପରିବାର ଲୋକେ ପହଞ୍ଚି ପୋଷାକ ଦେଖି ପୁଅର ମୃତଦେହ ଚିହ୍ନଟ କରିଥିଲେ। ସୋମବାର ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଏସଆଇ ସୁମନ ବେହେରା ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖପୁରୀ ଓ କଙ୍କାଳ ଜବତ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଛି। ଘଟଣାର ତଦନ୍ତ ଜାରି ରହିଛି।

## ଭାଜପାର ବନ୍ଧୁମିଳନ, କର୍ମୀ ସମ୍ମିଳନୀ

ଆର.ଉଦୟଗିରି,୨୦।୯(ଡି.ଏନ.ଏ.):ମୋହନା ବ୍ଲକ ମୋହନା ଗ୍ରାମ ସ୍ଥିତ ସଂସ୍କୃତି ଭବନ ପରିସରରେ ଭାଜପା ମଣ୍ଡଳ ପକ୍ଷରୁ ଏକ ବନ୍ଧୁ ମିଳନ ସହ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ସତ୍ୟନାରାୟଣ ଦଣ୍ଡସେନାଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ପ୍ରତ୍ୟେକ ୱାର୍ଡରେ ତୃଣମୂଳ ସ୍ତରରେ ଭାଜପା ସଙ୍ଗଠନକୁ ସୁଦୃଢ କରିବା ପାଇଁ ସମସ୍ତ ଭାଜପା କର୍ମୀଙ୍କୁ ନିବେଦନ କରିଥିଲେ। ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ଯୋଜନା, ଜନକଲ୍ୟାଣ ଯୋଜନା, ଦଳକୁ ତୃଣମୂଳ ସ୍ତରରୁ ସୁସଙ୍ଗଠିତ କରିବା, ଆଗାମୀ ଦିନରେ ବିଜୟର ବାନା ଉଡାଇବା ପାଇଁ କଠିନ ପରିଶ୍ରମ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଶେରଗଡ଼ରେ କଂଗ୍ରେସ ସମ୍ମିଳନୀ

ଶେରଗଡ,୨୦।୯(ଡି.ଏନ.ଏ.):ଶେରଗଡ଼ ବ୍ଲକ ଜୟଚଣ୍ଡୀ ମନ୍ଦିର ପରିସରରେ ଏକ କଂଗ୍ରେସ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ ସଭାପତିତ୍ୱ କରିଥିଲେ। ସମ୍ମିଳନୀର ପ୍ରାରମ୍ଭରେ ନୂତନ ଭାବେ ନବ ନିର୍ବାଚିତ ହୋଇଥିବା ପିସିସି ରାଜ୍ୟ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀଙ୍କୁ ଫୁଲ ତୋଡା ଓ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିଲା। ଆୟୋଜିତ ସମ୍ମିଳନୀରେ ହିଞ୍ଜିଳି ନଗର କଂଗ୍ରେସ ସଭାପତି ସୁନାରାମ ସାବତ, ହିଞ୍ଜିଳି ବ୍ଲକ ସଭାପତି ଶିବରାମ ପ୍ରଧାନ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ହିଞ୍ଜିଳିରେ ଦଳକୁ ମଜଭୁତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ଲୋକଲୋଚନକୁ ଆଣିବା ନେଇ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶେରଗଡ଼ରୁ ରଜେଇ ବିଷୋୟୀ, ବାଲାଜୀ ଆଚାର୍ଯ୍ୟ, ପ୍ରଭାକର ପାଣିଗ୍ରାହୀ, କାଳୀଆ ସାହୁ, ମହେଶ୍ୱର ଡାକୁଆଙ୍କ ସମେତ ବହୁ କଂଗ୍ରେସ ନେତା ଯୋଗ ଦେଇଥିଲେ।

## ଖବରକାଗଜ ବିତରକଙ୍କ ପିତୃ ବିୟୋଗ

ଖଲ୍ଲିକୋଟ,୨୦।୯(ଡି.ଏନ.ଏ.):ଖଲ୍ଲିକୋଟ ଟାଉନର ଖବରକାଗଜ ବିତରକ ବୈଦ୍ୟନାଥ ସାହୁଙ୍କ ବାପା ଜଗନ୍ନାଥ ସାହୁ(୯୮)ଙ୍କ ଖଲିକୋଟ ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଖଲ୍ଲିକୋଟ ଜଗନ୍ନାଥ ମନ୍ଦିରର ସେବକ ମଧ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବୈଦ୍ୟନାଥଙ୍କ ସମେତ ବଡ଼ପୁଅ ନୀଳମାଧବ, ନଗେନ୍ଦ୍ର ନାଥ, ବୈକୁଣ୍ଠ ନାଥ ସାହୁ, ୪ ବୋହୁ ଓ ସ୍ତ୍ରୀ ପ୍ରମିଳା ସାହୁ ଉପସ୍ଥିତ ଥିଲେ।

## ମିନି ବସ୍ ଧକ୍କାରେ ମହିଳା ମୃତ

ପୋଲସରା,୨୦।୯(ଡି.ଏନ.ଏ.): ପୋଲସରା ମୁଖ୍ୟ ସଡ଼କରେ ସୋମବାର ଏକ ବସ୍ ଧକ୍କାରେ ସ୍ଥାନୀୟ ଥାନା ବଘାଡି ଗ୍ରାମର ସୁଶାନ୍ତି ସାହୁଙ୍କ ମୃତ୍ୟୁ ଘଟିଛି। ଆସିକାରୁ ପୋଲସରା ଅଭିମୁଖେ ଆସୁଥିବା ମିନି ଯାତ୍ରୀବାହି ବସ୍‌ଟି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସମ୍ମୁଖରେ ସଡ଼କ ପାର ହେଉଥିବା ମହିଳାଙ୍କୁ ଧକ୍କା ଦେଇଥିଲା। ବସ୍‌ର ଆଗ ଚକାତଳେ ମହିଳାଙ୍କ ଗୋଡ଼ ରହିଯିବାରୁ ଗୋଡ଼ ଉପରେ ବସଟି ଚଢ଼ିଯାଇଥିଲା। ମହିଳାଙ୍କୁ ଗୁରୁତର ଅବସ୍ଥାରେ ପୋଲସରା ମେଡ଼ିକାଲକୁ ନିଆଯାଇଥିଲା। ସେଠାରୁ ବ୍ରହ୍ମପୁର ମେଡ଼ିକାଲକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୨୦୨୪ ନୂଆ ହିତାଧିକାରୀ ପାଇବେ କଳାକାର ଭତ୍ତା

ଭଞ୍ଜନଗର,୨୦।୯(ଡି.ଏନ.ଏ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଗଞ୍ଜାମ ଜିଲାରେ ଏବେ ୧୮୩୪ ଜଣ ଭତ୍ତା ପାଉଛନ୍ତି। ଡିସେମ୍ବର ମାସ ସୁଦ୍ଧା ଜିଲାରେ ଆଉ ୨୦୨୪ ଜଣଙ୍କୁ ନୂତନ ଭାବେ ଏହି ଯୋଜନାରେ ସାମିଲ ପାଇଁ ଯୋଜନା ରହିଛି। ଯୋଗ୍ୟ ହିତାଧିକାରୀ କିଭଳି ଚୟନ ହେବେ, କଳାକାରଙ୍କୁ ବିଭିନ୍ନ ଯୋଜନାରେ କିଭଳି ଥଇଥାନ କରାଯିବ ଏବଂ ସେମାନଙ୍କ ଆର୍ଥିକସ୍ଥିତିରେ ଉନ୍ନତି ଆଣିବା ପାଇଁ ରବିବାର ଭଞ୍ଜନଗର ବ୍ଲକ ଢୁଢୁଆ ମନ୍ଦିର ପରିସରରେ ବ୍ଲକ କଳା ଏବଂ ସଂସ୍କୃତି ସଂଘ ପକ୍ଷରୁ ଏକ ବୈଠକ ହୋଇଥିଲା। ବୈଠକରେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ହିତାଧିକାରୀମାନେ ଯେଭଳି ଭତ୍ତା ପାଇବେ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କଳାକାର ଭତ୍ତା ଆବେଦନ ପାଇଁ ସର୍ବନିମ୍ନ ବୟସ ମହିଳାମାନଙ୍କ କ୍ଷେତ୍ରରେ ୪୦ ଓ ପୁରୁଷଙ୍କ କ୍ଷେତ୍ରରେ ୫୦ ରଖାଯାଇଛି। ସହରାଞ୍ଚଳରେ ବସବାସ କରୁଥିବା କଳାକାରଙ୍କ ବାର୍ଷିକ ଆୟ ୬୦ ହଜାରରୁ କମ୍ ହୋଇଥିବ। ସେହିପରି ଗ୍ରାମାଞ୍ଚଳରେ ତାହା ୫୦ ହଜାର ରଖାଯାଇଛି। ଆବେଦନକାରୀ କଳାକାର ପ୍ରମାଣପତ୍ର ସହ ବାସସ୍ଥାନ ଓ ଆୟ ପ୍ରମାଣପତ୍ର ଦେବାକୁ ପଡ଼ିବ । ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଭତ୍ତା ଦିଆଯିବ । ଏଥିସହ ବ୍ଲକ କଳା ଓ ସଂସ୍କୃତି ସଂଘରେ ନୂତନ ସଂଘମାନଙ୍କୁ ଯୋଡ଼ାଯିବ। କୋଭିଡ୍ ଯୋଗୁ କଳାକାରମାନଙ୍କୁ କର୍ମନିଯୁକ୍ତି ଦିଆଯାଇ ପାରିନାହିଁ। ସେମାନଙ୍କୁ ବିଭିନ୍ନ ଯୋଜନାରେ କାମ ଯୋଗାଇ ଦେବାପାଇଁ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ତାହା କାର୍ଯ୍ୟକାରୀ ହେବ ବୋଲି ଜିଲା ସଂସ୍କୃତି ଅଧିକାରୀ ସେଠୀ ଧରିତ୍ରୀ ପ୍ରତିନିଧିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମମିତା କୁମାରୀ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବ୍ଲକ କଳା ଓ ସଂସ୍କୃତି ସଂଘ ଉପ ସଭାପତି ଜଗଦିଶ୍ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂସ୍କୃତି ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଷଙ୍କ, ଜିଲା କଳା ଓ ସଂସ୍କୃତି ସଂଘର ଉପ ସଭାପତି ସନ୍ତୋଷ ପାଢ଼ୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ରାଉଳ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସଭ୍ୟ ଶେଷଦେବ ସେଠୀ, ଆଲୋକ ବିଷୋୟୀ, ନାରାୟଣ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଜୟ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବକଙ୍କୁ ପଥରରେ ଛେଚି ହତ୍ୟା, କାରଣ ଅସ୍ପଷ୍ଟ

ପୁରୁଷୋତ୍ତମପୁର, ୨୦।୯ (ଡି.ଏନ.ଏ.)

**ମୃତକଙ୍କ ରକ୍ତରେ ଲେଖିଲେ ନେକ୍ସଟ ଟାର୍ଗେଟ ନାଁ**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଚିଙ୍ଗୁଡିଘାଇ ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଶୋଇଥିବା ଅବସ୍ଥାରେ ଜଣେ ଯୁବକଙ୍କ ମୁଣ୍ଡକୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଚିଙ୍ଗୁଡିଘାଇ ଗ୍ରାମର ବିନାୟକ ପ୍ରଧାନ (୪୮)। ବିନାୟକଙ୍କ ରକ୍ତରେ ହତ୍ୟାକାରୀ ଲେଖିଛନ୍ତି ନେକ୍ସଟ ଟାରର୍ଗେଟର ନାଁ। ମୃତକଙ୍କ ଭାଇ ପ୍ରଶାନ୍ତଙ୍କ ଅଭିଯୋଗକୁ ଭିତ୍ତି କରି ପୁରୁଷୋତ୍ତମପୁର ପୋଲିସ ନଂ. ୪୪୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ରାତିରେ ଗ୍ରାମର ଗୋଟିଏ ସାହିରେ ଗଣେଶ ମେଢ଼ ପାଖରେ ଭୋଜି ଚାଲିଥିବା ବେଳେ ଅନ୍ୟ ଏକ ସାହିର ଭସାଣି ଚାଲିଥିଲା। ବିନାୟକ ଗଣେଶ ମେଢ଼ ଭୋଜି ଖାଇ ଗ୍ରାମ ନିକଟସ୍ଥ ଠାକୁରାଣୀ ମନ୍ଦିର ପାଖରେ ଥିବା ଏକ କୋଠ ଘରେ ଶୋଇଥିଲେ। ପ୍ରତ୍ୟେକ ଦିନ ସେଠାରେ ଗ୍ରାମର କିଛି ବ୍ୟକ୍ତି ବସାଉଠା କରୁଥିବା ବେଳେ ଭୋଜି ଓ ଭସାଣିରେ ବ୍ୟସ୍ତ ରହିଥିବାରୁ ଉକ୍ତ କୋଠ ଘରକୁ କେହି ଯାଇନଥିଲେ। ଏହାର ସୁଯୋଗ ନେଇ ହତ୍ୟାକାରୀ ବିନାୟକଙ୍କୁ ଶୋଇଥିବା ଅବସ୍ଥାରେ ପଥରରେ ଛେଚି ହତ୍ୟା କରିଥିଲେ। ରାତି ୧୨ ଟାରେ ଭୋଜିରେ ବ୍ୟବହୃତ ହଣ୍ଡା ସଫା କରିବା ପାଇଁ ଜଣେ ଲୋକ କୋଠଘର ନିକଟରେ ଥିବା ପୋଖରୀକୁ ଯାଇଥିଲେ। ସେଠାରେ ବିନାୟକଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛନ୍ତି। ସନ୍ଦେହରେ ପୋଲିସ କେତେଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ପୂର୍ବଶତ୍ରୁତା ଓ ମଦ ବ୍ୟବସାୟକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଏବଂ ମୃତବ୍ୟକ୍ତିଙ୍କ ରକ୍ତରେ ନେକ୍ସଟ ଟାର୍ଗେଟର ନାଁ ଲେଖା ହୋଇଥିବାରୁ ଏଥିରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବାର ପୋଲିସ ସନ୍ଦେହ କରୁଛି।

# ୩ ଏମ୍‌ପିଙ୍କ ବିଭିନ୍ନ ପ୍ରକଳ୍ପ, ସ୍ମାର୍ଟ ସ୍କୁଲ ପରିଦର୍ଶନ



ଏମ୍‌ପି ଓ ଅନ୍ୟମାନେ ହିଞ୍ଜିଳିକାଟୁ ନେତାଜୀ ପାର୍କ ବୁଲି ଦେଖିଛନ୍ତି।

ହିଞ୍ଜିଳିକାଟୁ,୨୦।୯(ଡି.ଏନ.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ସ୍ମାଟ ସ୍କୁଲକୁ ସୋମବାର ୩ ଜଣ ଏମ୍‌ପି ବୁଲି ଦେଖିଛନ୍ତି। ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ମୁନା ଖାଁଙ୍କ ସହ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ପୂର୍ବାହ୍ନରେ ପ୍ରଥମେ ସ୍ଥାନୀୟ ବ୍ଲକ ପୋଚିଲିମାଠାରେ ପହଞ୍ଚିଥିଲେ। ବ୍ଲକ ବିଜେଡି ପକ୍ଷରୁ ଏମ୍‌ପି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୋଚିଲିମା ଉଚ୍ଚ ବିଦ୍ୟାଳୟର ରୁପାନ୍ତରୀକରଣ, ଇ-ଲାଇବ୍ରେରୀ,ବିଜ୍ଞାନାଗାର, ସ୍ମାର୍ଟକ୍ଲାସ ରୁମ୍, ଖେଳପଡ଼ିଆ ଅତ୍ୟାଧୁନିକ ଆଦର୍ଶ ଶୌଚାଳୟ ବୁଲି ଦେଖିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀଙ୍କ ସହ ଶିକ୍ଷାଦାନ ସମ୍ପର୍କରେ ଏମ୍‌ପିମାନେ ଆଲୋଚନା କରିଥିଲେ। ସେଠାରୁ ଉକ୍ତ ପଞ୍ଚାୟତରେ ନିର୍ମିତ ଆଦର୍ଶ ଗାଈ ଗୁହାଳ, ଭେଙ୍କଟରାୟପଲ୍ଲୀ ଆଦର୍ଶ ପାଣିଟାଙ୍କି ବୁଲି ଦେଖିଥିଲେ। ପରେ ଏମ୍‌ପିମାନେ ସାରୁ, ଶାସନ ଆମ୍ବଗାଁ ପଞ୍ଚାୟତରେ ଅଙ୍ଗନୱାଡି କେନ୍ଦ୍ର, ମିଶନଶକ୍ତି ଗୃହ, ଶିଶୁ ଉଦ୍ୟାନ, ପୌରାଞ୍ଚଳର ନେତାଜୀ ପାର୍କ, ଦେଉଳବନ୍ଧ ଆଦି ବୁଲି ଦେଖିଥିଲେ। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ସୁବ୍ରତ କୁମାର ଜେନା ତହସିଲଦାର ପ୍ରଭାତ କୁମାର ପରିଡ଼ା ବ୍ଲକ ଅଧକ୍ଷ ଏନ. ରଘୁନାଥ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ନଗର ସଭାପତି ଭୀମସେନ ବେହେରା, ଜିଲା ବିଜେ ଉପସଭାପତି ବିଶ୍ୱନାଥ, ସାଧାରଣ ସମ୍ପାଦକ ପବିତ୍ର ମୋହନ ପାଣିଗ୍ରାହୀ, ସରପଞ୍ଚ ଭାଣ୍ଡି ରବୀନ୍ଦ୍ର, କେ. ଦୁର୍ଗାପ୍ରସାଦ ପ୍ରମୁଖ ବହୁ ନେତା ଓ କର୍ମୀ ଏମ୍‌ପିଙ୍କ ଗସ୍ତ ବେଳେ ଉପସ୍ଥିତ ଥିଲେ।

## ଓର୍‌ମାସ୍ ପକ୍ଷରୁ ତାଲିମ ଶିବିର

ଫୁଲବାଣୀ ଅଫିସ/ସାରଙ୍ଗଡ,୨୦।୯

କ.ନୂଆଗାଁ ବ୍ଲକ ସାରଙ୍ଗଡ ପଞ୍ଚାୟତ ଟେଟେର ଗାଁରେ ଥିବା ବନ ସୁରକ୍ଷା ସମିତି ଗୃହରେ ଓର୍‌ମାସ ପକ୍ଷରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଗ୍ରାମ ସଭାପତି ବିଶ୍ୱାମିତ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀ କିପରି ଗ୍ରୁପ ମାଧମରେ ଆଧୁନିକ ପ୍ରଣାଳୀରେ ପରିବା ଚାଷ କରି ଆତ୍ମ ନିର୍ଭରଶୀଳ ହେବେ ତାହା ଉପରେ ଆଲୋଚନା କରାଯାଇଥିଲା । ଡିଆରଡିଏ ପକ୍ଷରୁ ଆସିଥିବା ତାଲିମଦାତା ବସନ୍ତ କୁମାର ପ୍ରଧାନ, ଗାନ୍ଧୀ ସାହୁ ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ। ରବିନ୍ଦ୍ର ପାଣିଗ୍ରାହୀ ଏବଂ ପ୍ରିୟଙ୍କା ପାଢ଼ୀ ସରକାରଙ୍କ ତରଫରୁ ମିଳୁଥିବା ସହାୟତା କିପରି ମିଳିବ ତଥ୍ୟ ପ୍ରଦାନ କରିଥିଲେ । ଶିବିରରେ ଟେଟେର ଗାଁର ଆଶୁତୋଷ ପ୍ରତ୍ୟୁସର ଗ୍ରୁପ ଯୋଗ ଦେଇଥିଲେ ।

## ବ୍ୟବସାୟୀ ସଂଘ ନୂତନ କମିଟି ଗଠିତ

ଛତ୍ରପୁର,୨୦ ।୯(ଡିଏନଏ )

ଛତ୍ରପୁର ବଡବଜାର ବ୍ୟବସାୟୀ ସଂଘର ନୂତନ କମିଟି ଗଠନ ହୋଇଛି । ଏଥିନିମନ୍ତେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଲ୍ୟାଣମଣ୍ଡପ ଠାରେ ସଂଘର ସଭାପତି ପ୍ରଫୁଲ କୁମାର ସେନାପତିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବ କମିଟିକୁ ଭାଙ୍ଗି ଏକ ନୂତନ କମିଟି ଚୟନ କରାଯାଇଛି । ସଭାପତି ଭାବେ ସଞ୍ଜିତ କୁମାର ରାଉଳ, ସମ୍ପାଦକ କେ.ରମେଶ ରାଓ, ସହ ସଂପାଦକ ସୁଶାନ୍ତ କୁମାର ଗୌଡ, ଉପସଭାପତି ଭାବେ ଏସ.ମୁରଲି ରେଡି ଓ କବିରାଜ ପଲେଇ, କୋଷାଧକ୍ଷ ଭାବେ ଅଶୋକ କୁମାର ସେନାପତି ଭାବେ ଚୟନ କରାଯାଇଛି । ଉପଦେଷ୍ଟା ଭାବେ ନିରଞ୍ଜନ ପଣ୍ଡା, ପ୍ରଫୁଲ କୁମାର ସେନାପତି, ଜି.ଜନାର୍ଦ୍ଦନ ରାଓ, ସତ୍ୟ ନାରାୟଣ ପାତ୍ର, ପ୍ରଫୁଲ କୁମାର ମହାରଣା, କାର୍ଯ୍ୟକାରୀ କମିଟି ଭାବେ ନାରାୟଣ ପଣ୍ଡା , ଶୁଭେନ୍ଦୁସେନାପତି, ସଞ୍ଜୟ ପାତ୍ର, ରମେଶ ରାଓ, ରବିନ୍ଦ୍ର ସେନାପତି ଓ ଜିନ୍ନା ରାଓଙ୍କୁ ଚୟନ କରାଯାଇଛି । ଆଗାମି ଦିନରେ ସଂଘର ବିଭିନ୍ନ ପନ୍ଥା ବିଷୟରେ ବୈଠକରେ ଆଲୋଚନା କରାଯାଇଛି ।

# ଗୋପାଳପୁର ବନ୍ଦର ପକ୍ଷରୁ ଚକ୍ଷୁସେବା କେନ୍ଦ୍ର ଉଦ୍‌ଘାଟିତ



ଚକ୍ଷୁସେବା କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ଛତ୍ରପୁର,୨୦।୯(ଡି.ଏନ୍.ଏ.)

ଗୋପାଳପୁର ବନ୍ଦର ସିଏସ୍‌ଆର ଆନୁକୂଲ୍ୟରେ ସମରଝୋଳସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଢୁବୁଲି ଛକ ନିକଟରେ ଚକ୍ଷୁସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଗୋପାଳପୁର ବନ୍ଦରର (ଏଚ୍‌ଆର୍-ଆଇଆର୍)ଭାଇସ ପ୍ରେସିଡେଣ୍ଟ ଅଜୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ମହାନ୍ତି, ଗୋପାଳପୁର ବନ୍ଦରର ଏଭିବି (ରେଲ୍‌ୱେ) ସୂର୍ଯ୍ୟ ନାରାୟଣ ମିଶ୍ର, ସୁରେଶ ପୁରୋହିତ (ଅପରେଶନ)ଏଭିବି, ନିର୍ଦ୍ଦେଶକ କଲୋନେଲ ଦୀପକ ରାମପାଲ, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ବି. ଶ୍ରୀନିବାସ ଡିଜିଏମ୍ (ଅପରେଶନ) ବି.ପି. ସାମଲ, ଏଚ୍‌ଆର୍ ଅଞ୍ଚଳ ପାଣିଗ୍ରାହୀ, ଭିସିଟି ଗିରିଶ ଚନ୍ଦ୍ର ପାତ୍ର, ପାୟଲ ସାହୁ, ବି. କାମେଶ୍ୱରୀ, କଣମଣା ସରପଞ୍ଚ ଏସ.ଚକ୍ରପାଣି ରେଡ୍ଡୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର, ବିଜେଡି ନେତା ଅହିଭୂଷଣ ସାହୁ, ଗୋପାଳପୁର ପୋର୍ଟ ଡକ୍ ୱାର୍କସ ୟୁନିୟନର ଉପସଭାପତି ଜି.ଜଗନ୍ନାଥ, ପୋର୍ଟ ମଜଦୁର ୟୁନିୟନର ଯୁଗ୍ମ ସମ୍ପାଦକ ଏନ. ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚକ୍ଷୁସେବା କେନ୍ଦ୍ର ଦ୍ୱାରା ଆର୍ଯ୍ୟପଲ୍ଲି, କଣମଣା ଓ କାଳିପଲ୍ଲୀ ପଞ୍ଚାୟତବାସୀଙ୍କ ସମେତ ଏବଂ ଗୋପାଳପୁର ବନ୍ଦରର ସମସ୍ତ କର୍ମଚାରୀ ଓ ଟ୍ରକ୍ ଚାଳକମାନେ ଉପକୃତ ହେବେ ବୋଲି ସୂଚନା ମିଳିଛି ।

# ପୂର୍ବ ଶତ୍ରୁତାରୁ ଆକ୍ରମଣ ପ୍ରତିଆକ୍ରମଣ

ଗୋପାଳପୁର,୨୦।୯(ଡି.ଏନ.ଏ.)

**୨ ଗୋଷ୍ଠୀ ସଂଘର୍ଷ**

ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଛି। ଏ ନେଇ ଗୋଳନ୍ଥରା ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ହଳଦିଆପଦର ଗ୍ରାମ ହରିଜନ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୧୭ରେ କଂଗ୍ରେସ ଦାସ ନିଜ ଦୋକାନ ନିକଟରେ ଠିଆ ହୋଇଥିବା ବେଳେ ଅପର ଗୋଷ୍ଠୀର ୬ ଜଣ ବ୍ୟକ୍ତି କଂଗ୍ରେସଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଏ ନେଇ କଂଗ୍ରେସ ୧୮ରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲା। ପୋଲିସ ନଂ ୨୬୩/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ରବିବାର ରାତ୍ର ପ୍ରାୟ ୧୦ଟାରେ ଅପର ଗୋଷ୍ଠୀର ସଦାନନ୍ଦ ଦାସ ଘରେ ଥିବା ବେଳେ କଂଗ୍ରେସ ଦାସ ଓ ୬ ଜଣ ମିଶି ସଦାନନ୍ଦ, ଶିଶିର ଦାସ ଓ ସଞ୍ଜୁ ଦାସଙ୍କୁ ଗାଳିଗୁଲଜ କରି କାତି, ଖଣ୍ଡାରେ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସଦାନନ୍ଦଙ୍କ ଏତଲା କ୍ରମେ ନଂ. ୨୬୫/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଗିରଫ ଭୟରେ ଉଭୟ ଗୋଷ୍ଠୀର ଆକ୍ରମଣକାରୀ ଗ୍ରାମରୁ ଫେରାର ହୋଇଯାଇଛନ୍ତି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ଟିକା ପାଇଁ ଆଶା କର୍ମୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୦।୯(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଅଞ୍ଚଳରେ କରୋନା ଟିକା ନ ମିଳିବାରୁ ଜଣେ ଆଶା କର୍ମୀଙ୍କୁ ଆକ୍ରମଣ କରିବା ସହ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଆଶା କର୍ମୀଙ୍କ ଏତଲା ପ୍ରକାରେ କେ. ନୂଆଗାଁ ପୋଲିସ ନଂ.୧୭୭,୧୭୯/୨୧ ଅନୁଯାୟୀ ଅଭିଯୁକ୍ତ ସୀମାଞ୍ଚଳ ଗୌଡଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଗାଁରେ ପୂର୍ବରୁ ବହୁବାର କରୋନା ଟିକା ପାଇଁ ପ୍ରଚାର କରାଯିବା ପରେ ମଧ ଲୋକେ ଟିକା କେନ୍ଦ୍ରକୁ ଆସୁନଥିଲେ। ପରବର୍ତ୍ତୀ ସମୟରେ ନିୟମିତ ବ୍ୟବଧାନରେ ଲୋକଙ୍କ ପାଇଁ ମାତ୍ର ୧ ଶହ ଡୋଜ ଲେଖାଏ ଟିକା ଆସୁଥିବାରୁ ଗାଁ ଲୋକଙ୍କୁ ଟିକା କରଣ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପ୍ରକ୍ରିୟା ଚାଲୁ ରହିଛି। ବହୁ ସଂଖ୍ୟକ ମହିଳା ଓ ପୁରୁଷ ଟିକା ପାଇଁ ସକାଳୁ ଧାଡ଼ି ବାନ୍ଧି ଟିକା କେନ୍ଦ୍ରଗୁଡ଼ିକରେ ଅପେକ୍ଷା କରୁଥିଲେ ମଧ ସମସ୍ତଙ୍କୁ ଟିକା ମିଳି ପାରୁନାହିଁ। ଏ ନେଇ ସୀମାଞ୍ଚଳ ଶନିବାର ଟିକା କରଣ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଆଶା କର୍ମୀଙ୍କୁ ଗାଁ ରାସ୍ତାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଘଟଣାକୁ କେନ୍ଦ୍ରକରି ଗାଁରେ ଚାପା ଉତ୍ତେଜନା ଲାଗି ରହିଛି।

# ଏସ୍‌ଏଚ୍‌ଜି ସଭ୍ୟାଙ୍କ ସଫେଇ ଅଭିଯାନ



ମୁଖ୍ୟରାସ୍ତା ପାର୍ଶ୍ୱକୁ ସଫା କରାଯାଉଛି।

ଫୁଲବାଣୀ ଅଫିସ/ସାରଙ୍ଗଡ, ୨୦।୯

କ.ନୂଆଗାଁ ବ୍ଲକ ସାରଙ୍ଗଡ ସରପଞ୍ଚ ଅହଲ୍ୟା ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ଏବଂ ଯୁବକମାନେ ନିଜ ଅଞ୍ଚଳରେ ସଫେଇ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ, ମୁଖ୍ୟ ବଜାର, ମେଡିକାଲ, ରାଧାକୃଷ୍ଣ ମନ୍ଦିର ପରିସର, ବସ୍‌ଷ୍ଟାଣ୍ଡ, ଜଗନ୍ନାଥ ବଜାର ଆଦି ସ୍ଥାନରେ ଜମା ହୋଇଥିବା ଅଳିଆ ସଫା କରାଯାଇଛି। କାର୍ଯ୍ୟକ୍ରମରେ ଭବାନୀ ମହିଳା ଗ୍ରୁପ, ମା' ମଙ୍ଗଳା ଗ୍ରୁପ, ରାଧାକୃଷ୍ଣ ଗ୍ରୁପ, ବୃନ୍ଦାବତୀ ଗ୍ରୁପ, ସତ୍ୟସାଇ ଗ୍ରୁପ, ମହାମାୟୀ ଗ୍ରୁପ, ପାଟଖଣ୍ଡା ଗ୍ରୁପ, ମା' ଭଗବତୀ ଗ୍ରୁପ, ନେହେରୁ ଯୁବ କେନ୍ଦ୍ର, ବସୁନ୍ଧରାଗ୍ରୁପସଦସ୍ୟାମାନେସାମିଲଥିଲେ।

# ବ୍ଲକ ଅଧକ୍ଷା,ଉପାଧକ୍ଷଙ୍କ ନାଁରେ ଦୁର୍ନୀତି ଅଭିଯୋଗ

ଦାରିଙ୍ଗବାଡ଼ି,୨୦।୯(ଡି.ଏନ.ଏ)



ବ୍ଲକ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟରେ ଦୁର୍ନୀତି ଚାଲିଥିବା ଅଭିଯୋଗରେ ସୋମବାର ଶତାଧିକ ବିଜେଡି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ବିଜେଡି ପକ୍ଷରୁ କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ କଳାକୃଷ୍ଣ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦୁର୍ନୀତିରେ କଂଗ୍ରେସର ବ୍ଲକ ଅଧକ୍ଷା ଏବଂ ଉପାଧକ୍ଷ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହୋଇଛି। ବ୍ଲକରେ ସମିତିସଭ୍ୟା, ସରପଞ୍ଚମାନଙ୍କୁ ବ୍ଲକ ଅଧକ୍ଷା ଗାଳିଗୁଲଜ କରୁଥିବା ଏବଂ ପିସି କାରବାର ବୃଦ୍ଧି, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁର୍ନୀତିକୁ ସୁଯୋଗ ନଦେବାରୁ ତାଙ୍କ ବିରୋଧରେ ଚକ୍ରାନ୍ତ, ସହ ଉପାଧକ୍ଷ ଠିକାଦାର କାର୍ଯ୍ୟକରୁଥିବା ବେଳେ ସେ ଅତି ନିମ୍ନମାନର କାର୍ଯ୍ୟକରୁଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଜଣେ ଶିକ୍ଷକ ବିଦ୍ୟାଳୟକୁ ନିୟମିତ ନ ଯାଇ ବ୍ଲକ କଲୋନୀ ପରିସର ମଧ୍ୟରେ ଆଡ୍ଡା ଜମାଇ ରହୁଥିବା ଏବଂ ସେ ବ୍ଲକ ଅଧକ୍ଷାଙ୍କ ସମ୍ପର୍କୀୟ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ବିଜେଡିର ଏକ ବୈଠକ ଚାଲିଥିବା ବେଳେ ଏସବୁ ଅଭିଯୋଗ ଉଠିଥିଲା ପରେ ଦଳୀୟକର୍ମୀମାନେ ଦଳର ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନଙ୍କ ସମେତ ବିଧାୟକ ପ୍ରତିନିଧି ତଥା ଦଳର ଜିଲା ସଂଯୋଜକ ଦିପକ କୁମାର ସାହୁ, ଦଳର ଛାତ୍ର ସଙ୍ଗଠନର ବ୍ଲକ ସଭାପତି ରୁପକ କୁମାର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ବ୍ଲକ ଅଧକ୍ଷା ଏବଂ ଉପାଧକ୍ଷଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହିନ ବୋଲି କହିବା ସହ ସେମାନେ ଗୁରୁବାର ବିଭିନ୍ନ ଦାବି ନେଇ ଆମରଣ ଅନଶନ କରିଥିବାରୁ ବିଜେଡି ପକ୍ଷରୁ ପାଲଟା ମିଥ୍ୟା ଅଭିଯୋଗ କରାଯାଉଥିବା ପ୍ରକାଶ କରିଛନ୍ତି। ଉପାଧକ୍ଷ କହିଛନ୍ତି ସେ କୌଣସି ଠିକାକାର୍ଯ୍ୟରେ ଲିପ୍ତ ନାହାନ୍ତି ବୋଲି ନିଜ ପ୍ରତିକ୍ରୀୟାରେ କହିଛନ୍ତି। ବିଡିଓ ପ୍ରଧାନ କହିଛନ୍ତି ସେ ଦାବିପତ୍ର ଗ୍ରହଣ କରିଛନ୍ତି, ଏନେଇ ଜିଲାପାଳଙ୍କୁ ପ୍ରେରଣ କରିବେ ବୋଲି ଜଣାଇଛନ୍ତି।

**ଆସନ୍ତା ବର୍ଷ ବେତନ ୮.୬% ବଢ଼ିପାରେ**

୨୦୨୨ରେ ହାରାହାରି ବାର୍ଷିକ ବେତନ ଅଭିବୃଦ୍ଧି ୮.୬% ରହିପାରେ। ଏ କ୍ଷେତ୍ରରେ ଅଭିବୃଦ୍ଧି କରୋନା ପୂର୍ବ ସ୍ତରକୁ ଫେରିବ ବୋଲି ଡେଲଏଟ ପକ୍ଷରୁ ହୋଇଥିବା ଏକ ସର୍ଭେରେ କୁହାଯାଇଛି। ଗତ କିଛି ମାସ ହେବ କମ୍ପାନୀଗୁଡିକର ବାଣିଜ୍ୟିକ ଆତ୍ମ ବିଶ୍ୱାସ ବଢ଼ିଛି। ବେତନ ବୃଦ୍ଧି ୨ ଅଙ୍କ ଛୁଇଁପାରେ ବୋଲି ସର୍ଭେରେ ଭାଗ ନେଇଥିବା ପ୍ରାୟ ୨୫% କମ୍ପାନୀ କହିଛନ୍ତି।

## ସଂକ୍ଷେପରେ

### ଜିଏସ୍‌ଟିକୁ ଆସିଲେ ୩୦-୩୫ ଟଙ୍କା ଖସିବ ତେଲ ଦର

ନୂଆଦିଲ୍ଲୀ,୨୦।୯: ପେଟ୍ରୋଲ ଏବଂ ଡିଜେଲ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିସରଭୁକ୍ତ ହେଲେ ତେଲ ଦର ୩୦ରୁ ୩୫ ଟଙ୍କା ହ୍ରାସ ହେବ ବୋଲି ଭାଜପା ନେତା କେ.ଆନ୍ନାମଲାଇ ସୋମବାର କହିଛନ୍ତି। ଏପରି ହେଲେ କେନ୍ଦ୍ରକୁ ଏହା ଉପରେ ସରଚାର୍ଜ ଏବଂ ସେସ୍ ଲଗାଇବାକୁ ପଡିବନାହିଁ। ପେଟ୍ରୋଲ ଏବଂ ଡିଜେଲକୁ ୨୮% ସ୍ଲାବରେ ରଖିବା ଲାଗି କେନ୍ଦ୍ର ସରକାର ଚିନ୍ତା କରୁଛନ୍ତି। ମାତ୍ର ରାଜ୍ୟଗୁଡିକ ଏହାକୁ ବିରୋଧ କରୁଥିବା ସେ ମତ ରଖିଛନ୍ତି। ସୂଚନା ମୁତାବକ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୫ ଡଲାର ଛୁଇଁଛି। ଏହାକୁ ଦେଖିଲେ ଆଗାମୀ ଦିନଗୁଡିକରେ ତେଲ ଦର ଲିଟର ପିଛା ୩ ଟଙ୍କା ବୃଦ୍ଧି ଘଟିପାରେ। ଗତ ଗୋଟିଏ ବର୍ଷରେ ପେଟ୍ରୋଲ ଲିଟର ପିଛା ୩୦ ଟଙ୍କା ଛୁଇଁଥିବା ଜଣାପଡିଛି।

### ଦୁର୍ନୀତି ପାଇଁ ଆମାଜନ୍‌ର ଜିରୋ ଟଲରାନ୍ସ

ନୂଆଦିଲ୍ଲୀ,୨୦।୯: ଲାଞ୍ଚ କାରବାର ବିରୋଧରେ ଆମାଜନ ଇଣ୍ଡିଆ ଜିରୋ ଟଲରାନ୍ସ ନୀତି ଗ୍ରହଣ କରିବ। ଦୁର୍ନୀତି ନେଇ ଆସିଥିବା ସମସ୍ତ ଅଭିଯୋଗ ଉପରେ କମ୍ପାନୀ ତଦନ୍ତ କରିବ ବୋଲି ସୋମବାର କହିଛି। କମ୍ପାନୀ ଇ-ମେଲ୍‌ରେ କହିଛି, ଦୁର୍ନୀତି ଲାଗି ଜିରୋ ଟଲରାନ୍ସ ନୀତି ଗ୍ରହଣ କରାଯାଇଛି। ବେଆଇନ କାର୍ଯ୍ୟକଳାପକୁ ଗୁରୁତର ଭାବେ ନେବା ସହ ଏହାର ସମ୍ପୂର୍ଣ୍ଣ ଭାବେ ଯାଞ୍ଚ କରାଯାଉଛି। ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯିବ। ଆମାଜନର ଭାରତୀୟ ଅପରେଶନରେ ଲାଞ୍ଚ କାରବାର ହେଉଥିବା କମ୍ପାନୀର ଜଣେ ହ୍ୱିସିଲବ୍ଲୋୟର ଅଭିଯୋଗ ଆଣିଥିଲେ। କମ୍ପାନୀ ପ୍ରଦାନ କରିଥିବା ଲିଗାଲ ଫିକୁ ଲାଞ୍ଚ ଭାବେ ପ୍ରଦାନ କରାଯାଇଥିବା ଅଭିଯୋଗ ଆସିଛି। ଆମାଜନ୍‌ର ନିଜସ୍ୱ ଲିଗାଲ ଟିମ୍‌ରେ ୨ ଜଣ ବ୍ୟକ୍ତିବିଶେଷ କାମ କରୁଥିବା ବେଳେ ଏଭଳି ଅଭିଯୋଗ ଆସିବା ପରେ କମ୍ପାନୀ ଜଣେ ବରିଷ୍ଠ ଅଧିକାରୀଙ୍କୁ ଛୁଟିରେ ପଠାଇଦେଇଛି।

# ଭାରତରେ ଆମଦାନୀ ଶୁଳ୍କ ଅତ୍ୟଧିକ:ମର୍ସିଡିଜ

ନୂଆଦିଲ୍ଲୀ,୨୦।୯



- ଲାଗୁଛି ୧୦୦% ଟିକସ
- ଅଭିବୃଦ୍ଧି ଲାଗି ବାଧକ ହେଉଛି
- ଘରୋଇ ବଜାର ତୁଳନାରେ ୟୁଏସ୍‌ରେ ଗାଡି ଦାମ୍ ଅଧା

ଆମଦାନୀ ହେଉଥିବା କାର୍‌ଗୁଡିକ ଉପରେ ଭାରତ ସରକାର ଅତ୍ୟଧିକ ଟିକସ ଲାଗୁ କରୁଛନ୍ତି। ଏହା କମ୍ପାନୀଗୁଡ଼ିକ ଲାଗି ଅଡୁଆ ସୃଷ୍ଟି କରିଛି ବୋଲି ପ୍ରମୁଖ ବିଳାସପୂର୍ଣ୍ଣ କାର୍ ନିର୍ମାତା ମର୍ସିଡିଜ ବେଞ୍ଜ ସୋମବାର କହିଛି। ଭାରତ ସରକାର ଟିକସ କମାନ୍ତୁ ବୋଲି ନିକଟରେ ଟେସ୍‌ଲା ନିବେଦନ କରିଥିଲା। ଏଭଳି ପ୍ରସଙ୍ଗ ଉଠାଇବା କ୍ଷେତ୍ରରେ ମର୍ସିଡିଜ ଭଳି ଆଉ ଏକ ବିଦେଶୀ କମ୍ପାନୀ ଯୋଡ଼ିହୋଇଛି। ସରକାର ଅତ୍ୟଧିକ ଟିକସ ଲଗାଉଥିବାରୁ ଆମେରିକା କିମ୍ବା ବିଶ୍ୱର ଅନ୍ୟ ବଜାର ତୁଳନାରେ ଭାରତରେ ଯାନଗୁଡିକ ୨ ଗୁଣ ଅର୍ଥ ଦେଇ ଗ୍ରାହକଙ୍କୁ କିଣିବାକୁ ପଡୁଛି ବୋଲି କମ୍ପାନୀ କହିଛି।

ମର୍ସିଡିଜ ବେଞ୍ଜ ଇଣ୍ଡିଆର ଏମ୍‌ଡି ମାର୍ଟିନ ସ୍ୱେଙ୍କ କହିଛନ୍ତି, ଭାରତରେ ଆମଦାନୀ ଟିକସ ଅଧିକ ରହୁଛି। ଏହାକୁ ତ୍ୱରିତ ଭିତ୍ତିରେ କମାଇବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ନୂଆ କାର୍ ପାଇଁ ବଜାର ଖୋଲି ପାରିବ। ବିଶ୍ୱସ୍ତରୀୟ ଟେକ୍ନୋଲୋଜିକୁ ମଧ ଭାରତରେ ଏହାଦ୍ୱାରା ପ୍ରଚଳନ କରାଇବା ସହଜ ହେବ। ଇଲେକ୍ଟ୍ରିକ ସମେତ ସମସ୍ତ ଟେକ୍ନୋଲୋଜିକୁ ସ୍ଥାନୀୟକରଣ କରିବା ବର୍ତ୍ତମାନ ସମ୍ଭବ ନୁହେଁ ବୋଲି ସରକାର ଏହି କଥା ମନେରଖିବା ଆବଶ୍ୟକ। କାରଣ ଭାରତରେ ବିକ୍ରିର ସ୍ତର ଏବେ ମଧ କମ୍ ରହିଛି। ଟିକସ ହାର ଉଚ୍ଚରେ ରହିଲେ ନୂଆ ଗ୍ରାହକ ଯୋଡ଼ିବା କଷ୍ଟକର ବୋଲି ସେ ମତ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଟେସ୍‌ଲାର ପ୍ରତିଷ୍ଠାତା ଏଲନ ମସ୍କ ଉଚ୍ଚ ପରିମାଣର ଟିକସ ନେଇ ମଧ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

କେବଳ ଇ-ଯାନ ନୁହେଁ ସବୁ ବର୍ଗର ହାଇ ଟେକ୍ନୋଲୋଜି ଏବଂ ଲକ୍ଜ୍ୟୁରି ପ୍ରଡକ୍ଟ ଉପରେ ଟିକସ ହ୍ରାସ ଦାବିକୁ ସମର୍ଥନ ଜଣାଉଥିବା ସ୍ୱେଙ୍କ କହିଛନ୍ତି। ଗତ ଜୁଲାଇରେ ଟୁଇଟ ଯୋଗେ ଏଲନ ମସ୍କ କହିଥିଲେ, ଟେସ୍‌ଲା ଭାରତରେ ଫ୍ୟାକ୍ଟ୍ରି ବସାଇବା ଲାଗି ପ୍ରସ୍ତୁତ ଅଛି। ମାତ୍ର ପ୍ରଥମେ ଭାରତ ସରକାର ଆମଦାନୀ ଟିକସ କ୍ଷେତ୍ରରେ ଭାରତ କିଛିଟା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଭାରତ ବିଶ୍ୱରେ ସବୁଠାରୁ ଅଧିକ ପରିମାଣରେ ଟିକସ ଲାଗୁ କରୁଛି। ଯଦି ଟେସ୍‌ଲା ଭାରତକୁ ଯାନ ଆମଦାନୀ କରିବାକୁ ସକ୍ଷମ ହୁଏ ତେବେ ଏଠାରେ ଫ୍ୟାକ୍ଟ୍ରି ବସାଇବା ମଧ ସହଜ ହେବ।

ବର୍ତ୍ତମାନ ୪୦ ହଜାର ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର କାର୍‌ଗୁଡିକ ଉପରେ ଭାରତ ଏବେ ୧୦୦% ଟିକସ ଲାଗୁ କରୁଛି। ସ୍ୱେଙ୍କ ପୁଣି କହିଛନ୍ତି, ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ବଜାରରେ ଏଭଳି ନୀତି ଆଗକୁ ବଢ଼ିବାରେ ଅତ୍ୟନ୍ତ କଷ୍ଟକର। ଅନ୍ତର୍ଜାତୀୟ ବଜାରରେ ମାତ୍ର ୧୦% ଟିକସ ଲାଗୁ ହେଉଛି। ଭାରତ ସରକାର ଅତ୍ୟଧିକ ଟିକସ ଲାଗୁ କରୁଥିବାରୁ ଏହାଦ୍ୱାରା ଗ୍ରାହକଙ୍କୁ ଜରିମାନା ଦେବା ଭଳି ସ୍ଥିତି ଉପୁଜୁଛି। ଭାରତରେ ଲୋକମାନେ ଯେଉଁ ଅର୍ଥ ପ୍ରଦାନ କରୁଛନ୍ତି ସମାନ କାର୍ ଲାଗି ଆମେରିକାର ଲୋକ ଅଧା ଅର୍ଥ ଦେଉଛନ୍ତି। ଭାରତରେ ଟିକସ ବୋଝ ଅଧିକ ରହୁଛି। ଫଳରେ ଏହା ଅଭିବୃଦ୍ଧି କ୍ଷେତ୍ରରେ ବାଧକ ହେଉଥିବା ସେ କହିଛନ୍ତି।

## ମାଷ୍ଟରକାର୍ଡ ବ୍ୟାନ୍‌କୁ ୟୁଏସ୍‌ର ସମାଲୋଚନା

ନୂଆଦିଲ୍ଲୀ,୨୦।୯




ଭାରତରେ ନୂଆ କାର୍ଡ ଜାରି କରିବା ନେଇ ମାଷ୍ଟରକାର୍ଡ ଉପରେ ରିଜର୍ଭ ବ୍ୟାଙ୍କ ଜୁଲାଇରେ କଟକଣା ଲଗାଇଛି। ଏଭଳି ପଦକ୍ଷେପକୁ ଅତ୍ୟନ୍ତ କଠୋର ବୋଲି ଆମେରିକାର ଜଣେ ବାଣିଜ୍ୟିକ ପ୍ରତିନିଧି ସମାଲୋଚନା କରିଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅନେକ ଲୋକଙ୍କୁ ହଇରାଣ ହେବାକୁ ପଡ଼ିଛି ବୋଲି ଅଧିକାରୀ କହିଛନ୍ତି। ଏ ନେଇ ଏକ ଇ-ମେଲ୍ ରଏଟର୍ସର ହସ୍ତଗତ ହୋଇଥିବା ବେଳେ ଏହାକୁ ନେଇ ସେଠାକାର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପ୍ରିଲରେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ପ୍ରଥମେ ଆମେରିକା ଏକ୍ସପ୍ରେସ ଏବଂ ଡିନର୍ସ କ୍ଲବ ଇଣ୍ଟରନ୍ୟାଶନାଲ ଉପରେ କାର୍ଡ ଜାରି କରିବା ଉପରେ ନିଷେଧାଦେଶ ଜାରି କରିଥିଲା। ଏହା ପରେ ପରେ ମାଷ୍ଟରକାର୍ଡ ଉପରେ ସମାନ କଟକଣା ଲାଗୁ ହୋଇଥିଲା। ଏହି କମ୍ପାନୀଗୁଡିକ ସ୍ଥାନୀୟ ଡାଟା ଷ୍ଟୋରେଜ ଆଇନ ଉଲ୍ଲଂଘନ କରିଥିବା ରିଜର୍ଭ ବ୍ୟାଙ୍କ ଅଭିଯୋଗ କରିଛି। ଏ ନେଇ ଆର୍‌ବିଆଇ ସହ ଆଲୋଚନା କରିବା ପ୍ରସଙ୍ଗ ମଧ ଇ-ମେଲ୍‌ରୁ ସ୍ପଷ୍ଟ ହୋଇଛି। ଭାରତ ଗତ କିଛିଦିନ ହେବ ଅତ୍ୟନ୍ତ କଠୋର ପଦକ୍ଷେପ ଗ୍ରହଣ କରିଥିବା ଅଂଶୀଦାରମାନେ ଅଭିଯୋଗ ଆଣିଛନ୍ତି ବୋଲି ଦକ୍ଷିଣ ଏବଂ କେନ୍ଦ୍ର ଏସିଆ ଲାଗି ଡେପୁଟି ଆସିଷ୍ଟାଣ୍ଟ ୟୁଏସ୍ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ ବ୍ରେଣ୍ଡାନ ଏ ଲିଞ୍ଚ ଇ-ମେଲ୍‌ରେ କହିଥିଲେ। ମାତ୍ର ଆମେରିକା ସରକାରଙ୍କ ପକ୍ଷରୁ ଏ ନେଇ କିଛି ସ୍ପଷ୍ଟୀକରଣ ମିଳିପାରିନାହିଁ।

## ଆକାଶ ସ୍କଲାରଶିପ ପରୀକ୍ଷା ଘୋଷଣା




ନୂଆଦିଲ୍ଲୀ,୨୦।୯

ଆକାଶ ଏଡୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଏକ୍ସାମ୍ (ଏଏନ୍‌ଟିଏଚ୍‌ଇ)ର ୧୨ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୭ମ-୧୨ଶ ଶ୍ରେଣୀର ଆଶାୟୀ ଡାକ୍ତରୀ ଓ ଇଞ୍ଜିନିୟରିଂ ଛାତ୍ରମାନଙ୍କୁ ନିଟ୍ ଓ ଆଇଆଇଟି-ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରଶିପ ପ୍ରଦାନ କରିବାକୁ ଯାଉଛି। ଏହି ପରୀକ୍ଷା ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ଚଳିତ ବର୍ଷ ଡିସେମ୍ବର ୪-୧୨ ମଧ୍ୟରେ ସାରା ଦେଶରେ ୨୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରାଯିବ। ଟ୍ୟୁଶନ ଫି କ୍ଷେତ୍ରରେ ସ୍କଲାରଶିପ ସହିତ ଟପ୍ ସ୍କୋରଧାରୀମାନଙ୍କୁ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସମସ୍ତ ଗ୍ରେଡ୍‌ର ୫ ଜଣ ପ୍ରତିଭାବାନ୍ ଛାତ୍ରଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ପୁରସ୍କାର ଭାବରେ ପ୍ରଦାନ କରାଯିବ। ଅତିରିକ୍ତ ଲାଭ ଭାବରେ ଏଏନ୍‌ଟିଏଚ୍‌ଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ।

## ବ୍ରହ୍ମପୁରରେ ଷ୍ଟୋର ଖୋଲିବ ଅରୁନ୍ଧତୀ

ଭୁବନେଶ୍ୱର,୨୦।୯




ଅରୁନ୍ଧତୀ ଜୁଏଲର୍ସର ୪ର୍ଥ ବାର୍ଷିକ ଉତ୍ସବ

ରାଜ୍ୟର ଏକ ପ୍ରତିଷ୍ଠିତ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ୪ର୍ଥ ବାର୍ଷିକ ଉତ୍ସବ ନିରାଡମ୍ବର ସହକାରେ ପାଳନ କରାଯାଇଛି। ଏହି ଅବସରରେ ଅରୁନ୍ଧତୀ ତା'ର ଅଗଣିତ ଗ୍ରାହକଙ୍କ ପାଇଁ 'ବିଗ୍ ଆନିଭରସାରିଅଫର' ମଧ ପ୍ରଦାନ କରୁଛି। ଶତ ପ୍ରତିଶତ ବିଆଇଏସ୍ ସାର୍ଟିଫାଏଡ୍ ୯୧.୬ ହଲ୍‌ମାର୍କ ସୁନା ଅଳଙ୍କାରର ସୁନ୍ଦର କାରୁକାର୍ଯ୍ୟ ଉପରେ ପ୍ରତିଷ୍ଠାନ ୪୯୯ ଟଙ୍କାର ଫ୍ଲାଟ୍ ରିହାତି ଗ୍ରାହକମାନଙ୍କୁ ପ୍ରଦାନ କରୁଛି। ଏହି ଅଫର ସେପ୍ଟେମ୍ବର ୨୦ରୁ ୩୦ ପର୍ଯ୍ୟନ୍ତ ପ୍ରତିଷ୍ଠାନର ବିଭିନ୍ନ ସ୍ଥାନରେ ଥିବା ୫ଟି ଶୋ'ରୁମ୍‌ରେ ଉପଲବ୍ଧ ବୋଲି ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ସେହିଭଳି ଏହି ସମୟରେ ପ୍ରତି ହୀରା ଗହଣା (ଡାଇମଣ୍ଡ) କାରବାର ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ରୁପା ଗହଣାର ଗଢ଼ାମୂଲ୍ୟ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଗ୍ରାହକ ୫ଷ୍ଟାର ପ୍ରମିଜ ଦ୍ୱାରା ସୁନାଗହଣା ଉପରେ ଲାଇଫ୍ ଟାଇମ ମାଗଣା ରିପେୟାରିଂ ସେବା ତଥା ସୁନାଗହଣା ଉପରେ ମାଗଣା ବୀମା ସହିତ ସୁନାର ମାନ ଓ ଶୁଦ୍ଧତା ଯାଞ୍ଚ କରାଯାଉଛି। ଗ୍ରାହକଙ୍କୁ ପୁରୁଣା ଗହଣାର ଉଚିତ ମୂଲ୍ୟ ଯୋଗାଇଦେବା ପାଇଁ ଗୋଲ୍ଡ ଟେଷ୍ଟିଂ ମେଶିନ ଭଳି ସୁବିଧା ରହିଛି। ପ୍ରତି ଗହଣା କ୍ରୟ ଉପରେ ଶୋ'ରୁମ୍ ପକ୍ଷରୁ ଉପହାର ପ୍ରଦାନ କରାଯାଉଥିବା ମେହେର ସୂଚନା ଦେଇଛନ୍ତି। ସେହିପରି ଆଗାମୀ ପାର୍ବଣରେ ଅରୁନ୍ଧତୀ ବ୍ରହ୍ମପୁର ସହରରେ ଆଉ ଏକ ନୂତନ ଫ୍ଲାଗଶିପ୍ ଷ୍ଟୋରର ଶୁଭାରମ୍ଭ ସହ ଆକର୍ଷଣୀୟ ଅଫର ଗ୍ରାହକଙ୍କ ପାଇଁ ଆଣିଦେବ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

## ରାଜୀବ ଅଗ୍ରୱାଲ ଫେସ୍‌ବୁକ୍ ପବ୍ଲିକ ପଲିସି ମୁଖ୍ୟ

ନୂଆଦିଲ୍ଲୀ,୨୦।୯

ପୂର୍ବତନ ଆଇଏଏସ୍ ଅଧିକାରୀ ଏବଂ ଉବରର ପୂର୍ବ ଏକଜେକ୍ୟୁଟିଭ ରାଜୀବ ଅଗ୍ରୱାଲଙ୍କୁ ଫେସବୁକ୍ ଇଣ୍ଡିଆ ସୋମବାର ଏହାର ପବ୍ଲିକ ପଲିସି ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛି। ଏହି ପଦବୀରେ କାର୍ଯ୍ୟ କରୁଥିବା ଆଙ୍ଖି ଦାସ ଗତ ବର୍ଷ ଅକ୍ଟୋବରରେ ଇସ୍ତଫା ଦେବା ପରେ ପଦବୀ ଖାଲି ପଡିଥିଲା। ୟୁଜର ନିରାପତ୍ତା,ଡାଟା ସୁରକ୍ଷା, ପ୍ରିଭେସି, ଅନ୍ତର୍ଭୁକ୍ତି ଏବଂ ଇଣ୍ଟରନେଟ ଗଭର୍ନାନ୍ସ ଭଳି ପ୍ରମୁଖ ଦିଗ ଉପରେ ଫେସବୁକ ଇଣ୍ଡିଆର ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଅଗ୍ରୱାଲ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ଅଗ୍ରୱାଲ ଫେସବୁକ ଇଣ୍ଡିଆର ଏମ୍‌ଡି ଅଜିତ ମୋହନଙ୍କୁ ରିପୋର୍ଟ କରିବେ।

## ଫୁରସତ୍

# ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ



ଶାନ୍ତି ଓ ଅହିଂସା ଦିବସ

**ଶା**ନ୍ତିପୂର୍ଣ୍ଣ ସହାବସ୍ଥାନ ଦ୍ୱାରା ସମ୍ପର୍କ ଦୃଢ଼ ହୁଏ। ଫଳରେ ନକାରାତ୍ମକ ଚିନ୍ତାଧାରା ଦୂର ହୋଇ ବିକାଶର ମାର୍ଗ ପ୍ରଶସ୍ତ ହୋଇଥାଏ। ଏହା ପରିବାର-ପରିବାର, ସମାଜ-ସମାଜ, ରାଜ୍ୟ-ରାଜ୍ୟ ତଥା ଦେଶ-ଦେଶ ପାଇଁ ଲାଗୁ ହୋଇପାରେ। ସେହିପରି ଶାନ୍ତି ଆସିବାର ମୁଖ୍ୟ ମାଧ୍ୟମ ହେଉଛି ଅହିଂସା। ଅତି ପ୍ରାଚୀନ କାଳରୁ ପୃଥିବୀର ବିଭିନ୍ନ ସଭ୍ୟତା ଅହିଂସା ସମ୍ପର୍କରେ ଭଲଭାବେ ଅବଗତ ହୋଇଥିଲେ। ଅହିଂସା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ଦୀର୍ଘସ୍ଥାୟୀ ବୋଲି ମଧ ମାନବ ସମାଜକୁ ଭଲ ଭାବେ ଜଣାଥିଲା। ଶାନ୍ତି ପ୍ରେମ ଦ୍ୱାରା ହୃଦୟକୁ ଜୟ କରି ହୋଇଥିବା ବିଜୟ ହିଁ ପ୍ରକୃତ ମାନବିକତାକୁ ପ୍ରତିପାଦିତ କରିପାରିଥାଏ। ରୋମ୍‌ରେ ପ୍ରେମ ଅହିଂସା ମଧ୍ୟରେ ଶାନ୍ତି ସ୍ଥାପନାର ବାର୍ତ୍ତା ନେଇ ତୃତୀୟ ଶତାବ୍ଦୀରେ ସେଣ୍ଟ ଭାଲେଣ୍ଟାଇନ୍ ଅଭିଯାନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ପୃଥିବୀରେ ପ୍ରସାରିତ ହୋଇଥିଲା। ସେହିପରି ବୁଦ୍ଧଦେବଙ୍କର ଅହିଂସା ବାଣୀ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରାଇ ପାରିଥିଲା। ଏଥିରୁ ସ୍ୱତଃ ପ୍ରତିପାଦିତ ହୋଇଥାଏ ଯେ, ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଦ୍ୱାରା ସମ୍ଭବ। ଫଳରେ ସାରା ପୃଥିବୀରେ ପରଶ୍ରୀକାତରତା, ମତଭେଦ, ଯୁଦ୍ଧ, ଆତଙ୍କବାଦ ଦୂର ହୋଇ ଗୋଟିଏ ବୃହତ୍ ପରିବାର ଗଠନର ପରିକଳ୍ପନା ବାସ୍ତବ ରୂପ ନେଇପାରିବ। ଏହାକୁ ହୃଦୟଙ୍ଗମ କରି ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୧୯୮୧ରେ ଶାନ୍ତି ଓ ଅହିଂସା ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାର ଦୁଇ ଦଶନ୍ଧି ପରେ, ୨୦୦୧ରେ ସର୍ବସମ୍ମତି କ୍ରମେ ସେପ୍ଟେମ୍ବର ୨୧କୁ ଶାନ୍ତି ଓ ଅହିଂସା ଦିବସ ଭାବେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସେବେଠାରୁ ପ୍ରତି ବର୍ଷ ଏହି ଦିନ ଶାନ୍ତି ଏବଂ ଅହିଂସା ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି; ଯାହାଦ୍ୱାରା ପୃଥିବୀ ଯୁଦ୍ଧଠାରୁ ଦୂରେଇ ଆସିବ ଏବଂ ବିଭିନ୍ନ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇପାରିବ।

## ମସ୍ତିଷ୍କ କାର୍ଯ୍ୟଧାରାରେ ବାଧକ ଆଲଜିମର୍ସ




**ଆ**ଲଜିମର୍ସ ଏକ ସ୍ନାୟୁଗତ ରୋଗ। ଏଥିଯୋଗୁ ମସ୍ତିଷ୍କର କୋଷ (ସେଲ୍) ପ୍ରଭାବିତ ହୋଇଥାଏ, ଫଳରେ ମସ୍ତିଷ୍କର କାର୍ଯ୍ୟଧାରା ବାଧାପ୍ରାପ୍ତ ହୋଇଥାଏ। ତେଣୁ ଏପରି ରୋଗର କାରଣ ବିଷୟରେ ଅବଗତ ହେବା ନିହାତି ଦରକାର। ୧୯୯୪ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୨୧କୁ 'ବିଶ୍ୱ ଆଲଜିମର୍ସ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଚଳିତବର୍ଷ ଏହି ଅବସରରେ ମିଳିତ ଜାତିସଂଘ ପକ୍ଷରୁ ଘୋଷିତ ସ୍ଲୋଗାନ୍‌ଟି ହେଲା-''ଡିମେନ୍‌ସିଆକୁ ଜାଣିବା, ଆଲଜିମର୍ସକୁ ବି ଜାଣିବା''(ନୋ ଏବାଉଟ୍ ଡିମେନ୍‌ସିଆ, ଅଲ୍‌ସୋ ନୋ ଏବାଉଟ୍ ଆଲଜିମର୍ସ)। ଲୋକଙ୍କ ମଧ୍ୟରେ ଆଲଜିମର୍ସକୁ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ପ୍ରକୃତପକ୍ଷେ ଆଲଜିମର୍ସ ଏକ ବୟସଜନିତ ରୋଗ। ବୟସ ବଢ଼ିବା ସହ ମଣିଷର ଶାରୀରିକ, ମାନସିକ ଓ ବ୍ୟବହାର କ୍ଷେତ୍ରରେ ଏହି ରୋଗ ପରିବର୍ତ୍ତନ ଆଣିଥାଏ। ଏହା ରୋଗୀର ଶରୀରକୁ ସମ୍ପୂର୍ଣ୍ଣ ଦୁର୍ବଳ କରିଦିଏ। ସେହିପରି ଆମ ମସ୍ତିଷ୍କରେ ଥିବା ସ୍ନାୟୁ କୋଷଗୁଡ଼ିକ ମଧ ନଷ୍ଟ ହୋଇଯାଏ, ଯାହାକୁ 'ଡିମେନ୍‌ସିଆ' କୁହନ୍ତି। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଅମ୍ଳଏଡ୍, ଏକ ଲିଭର୍ ପ୍ରୋଟିନ୍, ଯାହା ଆମ ଶରୀରରେ ଆଲ୍‌ଜିମର୍ସ ରୋଗ ସୃଷ୍ଟି କରିଥାଏ। ଅମ୍ଳଏଡ୍‌ର ଅନ୍ୟ ରୂପ ବେଟା-ଅମ୍ଳଏଡ। ଏଗୁଡ଼ିକ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଦୁର୍ବଳ କରିବା ସହ ଏହାର କାର୍ଯ୍ୟଧାରାରେ ବାଧା ସୃଷ୍ଟି କରେ ବୋଲି ଅଷ୍ଟ୍ରେଲିଆ କର୍‌ଟିନ୍ ୟୁନିଭର୍‌ସିଟି ବିଶେଷଜ୍ଞଙ୍କ ଦ୍ୱାରା ଏକ ଗବେଷଣାରୁ ଜଣାପଡ଼ିଛି।

CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ସରୋଜ କୁମାର ସାହୁ
(Inspector of Police)
Address: EB-3, Stage-1, Brit Colony, Laxmisagar, BBSR
ଆବିର୍ଭାବ-୧୦।୦୨।୧୯୫୭
ତିରୋଧାନ- ୦୩।୦୯।୨୦୨୦
ପ୍ରତି ମୁହୂର୍ତ୍ତରେ ତୁମର ଅଭାବ ଏବଂ ଅନୁପସ୍ଥିତି ଅନୁଭବ ହେଉଛି। ଏତେ ସହଜ ନୁହେଁ, ଏଇ ଦୁଃଖ ଓ ପୀଡ଼ା କମ୍ ହେବା ତଥାପି ତୁମର ସ୍ନେହ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମକୁ ସର୍ବଦା ଅନୁପ୍ରାଣିତ କରିବ। ତୁମର ସ୍ମୃତି ଏବଂ ଶିକ୍ଷା ଆମ ଜୀବନ ପଥରେ ଶକ୍ତି ଏବଂ ପ୍ରେରଣାର ଆଧାର ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାଁ ରାମଚଣ୍ଡୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: Nayana (Wife), Mitu (Daughter), Sanjay (Son in law), Minku (Son), Elina (Daughter in law), Sohaan (Grand Son) & Family.
ଧ-୨୧୬୮

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସୁଷମା ନନ୍ଦ
ଆବିର୍ଭାବ-୦୧.୦୧.୧୯୫୦
ତିରୋଧାନ-୧୦.୦୯.୨୦୨୧
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଆପଣଙ୍କ ଆଶିଷ ଏକାନ୍ତ କାମ୍ୟ।
-: ଶୋକସନ୍ତପ୍ତ :-
ସନ୍ତୋଷ ନନ୍ଦ, ସୁଶାନ୍ତ ନନ୍ଦ, ପ୍ରଶାନ୍ତ ନନ୍ଦ, ସୂର୍ଯ୍ୟକାନ୍ତ ନନ୍ଦ, ଜୟଶ୍ରୀ ଷଡଙ୍ଗୀ, ସୁଚସ୍ମିତା ନନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୧୬୪

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମକାରୁ ଧରୁଆ
ଗ୍ରାମ ସିଆଲବାହାଲି, ଲୋଇସିଂହା
ଆବିର୍ଭାବ: ୦୨।୦୪।୧୯୬୬
ତିରୋଧାନ: ୨୧।୦୯।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମମାନଙ୍କ ଜୀବନରେ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ଧରୁଆ ପରିବାର ଓ ବନ୍ଧୁବର୍ଗ।
ଧ-୨୧୬୯୧

## ଦଶହରାରେ ତାପସୀଙ୍କ 'ରଶ୍ମି ରକେଟ୍'



ନୂଆଦିଲ୍ଲୀ: ତାପସୀ ପନ୍ନୁଙ୍କ ଅଭିନୀତ ଫିଲ୍ମ 'ରଶ୍ମି ରକେଟ୍' ଅକ୍ଟୋବର ୧୫ରେ ରିଲିଜ ହେବାକୁ ଯାଉଛି। ସୋମବାର ତାପସୀ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆକର୍ଷ ଖୁରାନା। ଏହା ଅନ୍‌ଲାଇନ ପ୍ଲାଟଫର୍ମ ଜି-୫ରେ ରିଲିଜ ହେବ। ଏଥିରେ ତାପସୀଙ୍କ ସହ ପ୍ରିୟଙ୍କା, ଅଭିଷେକ ବାନାର୍ଜୀ ଓ ସୁପ୍ରିୟା ପାଠକ ପ୍ରମୁଖ ଅଭିନୟ କରିଛନ୍ତି। ଏହା ଏକ କ୍ରୀଡ଼ାଭିତ୍ତିକ ଫିଲ୍ମ। ଫିଲ୍ମରେ ତାପସୀ ଜଣେ ଆଥଲେଟ୍ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଏଥିପାଇଁ ତାପସୀ ତାଲିମ ନେବା ସହ ସ୍ୱତନ୍ତ୍ର ଭାବେ ନିଜକୁ ପ୍ରସ୍ତୁତ କରିଛନ୍ତି। ଫିଲ୍ମରେ ନିଜ ଲୁକ୍‌କୁ ନେଇ ତାପସୀ ଏକ ଫଟୋ ଶେୟାର କରିଛନ୍ତି। ଏହା ଉପରେ ଜଣେ ସୋସିଆଲ ମିଡିଆ ୟୁଜର୍ସ 'ଏଭଳି ପୁରୁଷ ଭଳି ଶରୀର କେବଳ ତାପସୀଙ୍କ ହୋଇପାରେ' ବୋଲି କମେଣ୍ଟ ଦେବା ପରେ ତାପସୀ ଏକ ଅସମ୍ପୂର୍ଣ୍ଣ ବାକ୍ୟରେ ଏହାର ଜବାବ ଦେବା ସହ ଆଗୁଆ ଧନ୍ୟବାଦ ଦେଇଛନ୍ତି।

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସନୀୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଏଲି ସ୍କିନ ହୋଇଥିଲେ..



ସୌନ୍ଦର୍ଯ୍ୟ



**ବର୍ଷାଦିନେ ଅଏଲି ସ୍କିନ୍‌ରେ ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। ତେବେ ଏଭଳି ତ୍ୱଚାର ଯତ୍ନ କିପରି ନେବେ ଜାଣିରଖନ୍ତୁ...**

- ବର୍ଷାଦିନେ ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି କାରଣରୁ ତ୍ୱଚା ଅଧିକ ଅଏଲି ହୋଇଯାଏ। ତେଣୁ ଏହି ଋତୁରେ ଠିକ୍‌ଭାବେ ତ୍ୱଚାର ଯତ୍ନ ନିଅନ୍ତୁ।
- ଦିନକୁ ଅତିକମ୍‌ରେ ଦୁଇଥର ମୁହଁକୁ କ୍ଲିଞ୍ଜରରେ ଧୁଅନ୍ତୁ। ଅଧିକ ଥର ମୁହଁ ଧୁଅନ୍ତୁ ନାହିଁ। କାରଣ ମୁହଁକୁ ଜୋରରେ ଘଷିଲେ ଗ୍ରନ୍ଥିଗୁଡ଼ିକ ଅଧିକ ସକ୍ରିୟ ହୋଇଯିବା ଫଳରେ ଅଧିକ ତୈଳ ସ୍ରାବ ହୋଇଥାଏ।
- ମନସୁନ୍‌ରେ ତ୍ୱଚା ଅନୁସାରେ ହିଁ ବ୍ୟୁଟି ପ୍ରଡକ୍ଟ ସବୁ ବ୍ୟବହାର କରନ୍ତୁ। ବିଶେଷକରି ଅଏଲି ସ୍କିନର ଲୋକେ ଏହି ଋତୁରେ ବ୍ୟୁଟି ପ୍ରଡକ୍ଟ ବ୍ୟବହାର ସମୟରେ ଅଧିକ ସତର୍କ ହେବା ଉଚିତ୍।
- ମନସୁନ୍‌ରେ ଖାଦ୍ୟ ପ୍ରତି ବିଶେଷଭାବେ ସଚେତନ ହେବା ଜରୁରୀ। ଅତ୍ୟଧିକ ମସଲା ତଥା ତେଲଛଣା ଖାଦ୍ୟ କମ୍ ଖାଇବା ସହିତ ଲୁଣ ମଧ୍ୟ କମ୍ ଖାଇବା ଉଚିତ୍।
- ଓଟମିଲ୍ ସ୍କ୍ରବ ଏବଂ ପାଚିଲା ଅମୃତଭଣ୍ଡାକୁ ସ୍କ୍ରବଭାବେ ବ୍ୟବହାର କରିପାରିବେ।
- ପ୍ରତିଦିନ ରାତିରେ ଆଣ୍ଟିବାୟୋଟିକ୍ ଟୋନର ଲଗାଇ ଶୋଇବା ଉଚିତ୍। କାରଣ ଏହା ଦ୍ୱାରା ତ୍ୱଚାର ପିଏଚ୍ ଲେବଲ୍ ଠିକ୍ ରହିଥାଏ।
- ଶରୀରକୁ ଡିଟାକ୍ସ କରିବା ପାଇଁ ପ୍ରଚୁର ପାଣି ପିଅନ୍ତୁ। ଫଳରେ ବ୍ରଣ ସମସ୍ୟା ସୃଷ୍ଟି ହେବ ନାହିଁ।
- ମେକ୍‌ଅପ୍ ଲଗାଇଥିଲେ ଭଲଭାବରେ ବେବି ୱାଇପ୍ସ କିମ୍ବା ନଡ଼ିଆ ତେଲରେ ସଫା କରନ୍ତୁ।
- ବର୍ଷାଦିନେ ମହୁ ଏବଂ ଚିନି ମିଶାଇ ସ୍କ୍ରବ କରନ୍ତୁ। ଏହା ତ୍ୱଚାରେ ଥିବା ମୃତ କୋଷକୁ ବାହାର କରି ରୋମ ଛିଦ୍ରକୁ ଖୋଲି ଦେଇଥାଏ ଓ ତ୍ୱଚା କୋମଳ ହୋଇଥାଏ।

## ବର୍ଷା ଦିନେ ଲେଦର୍ ସାମଗ୍ରୀର ଯତ୍ନ

**ବର୍ଷାଦିନେ ଲେଦର ତିଆରି ଜିନିଷ ବ୍ୟବହାର କଲେ ତାହା ପାଣି ଲାଗି ଖରାପ ହେବାର ସମ୍ଭାବନା ଥାଏ। ତେଣୁ ଏସବୁ ଜିନିଷର ଯତ୍ନ କିପରି ନେବେ ଜାଣି ରଖନ୍ତୁ...**



- ଲେଦର୍ ଜିନିଷ ଯଥା ଜୋତା, ବେଲ୍‌ଟ, ଜ୍ୟାକେଟ୍, ଭ୍ୟାନିଟ୍, ପର୍ସ ଆଦି କିଣିଲା ବେଳେ, ଭଲ କ୍ୟାଲିଟିର କିଣନ୍ତୁ। କାରଣ ଖରାପ କ୍ୟାଲିଟିର ଜିନିଷ ବର୍ଷା ଦିନେ ବ୍ୟବହାର କଲେ ବର୍ଷାପାଣି ବାଜି ତାହା ଶୀଘ୍ର ନଷ୍ଟ ହୋଇଯାଏ।
- ଲେଦର୍ ଜିନିଷ ବର୍ଷାରେ ଓଦା ହୋଇ ଯାଇଥିଲେ ତାକୁ ହାଲ୍‌କା ବ୍ରସ୍‌ରେ ସଫା କରି, ରୁମ୍ ଟେମ୍ପରେଚର୍‌ରେ ଶୁଖାଇ ଦିଅନ୍ତୁ। ଅଧିକ ଖରା କିମ୍ବା ନିଆଁକୁ ଆଦୌ ନିଅନ୍ତୁ ନାହିଁ। ଏହାକୁ ଆପଣ ଟାୱେଲ୍ ବା ପେପର୍‌ରେ ପୋଛି ଶୁଖାଇ ପାରିବେ।
- ବର୍ଷା ଦିନେ ପରିବେଶ ଅଧିକ ଆର୍ଦ୍ର ଥାଏ। ତେଣୁ ଏହା ବାୟୁ ସଂସ୍ପର୍ଶରେ ଆସି ନଷ୍ଟ ହୋଇପାରେ। ସେଥିପାଇଁ ଆପଣ ଏହାକୁ ସମ୍ପୂର୍ଣ୍ଣ ଶୁଖିଲା ସ୍ଥାନରେ ରଖନ୍ତୁ ଓ ମଝିରେ ମଝିରେ ବାହାର କରି ପୋଛି ପୁଣି ରଖନ୍ତୁ।



- ଲେଦର୍ ଜିନିଷଗୁଡ଼ିକୁ ସଫା ଓ ପରିଷ୍କାର ରଖନ୍ତୁ। କାରଣ ବର୍ଷା ଦିନେ ଏଥିରେ ଫିମ୍ପି ଲାଗିବାର ସମ୍ଭାବନା ଅଧିକ ଥାଏ। ମୁଖ୍ୟତଃ ଲେଦର୍ ଜ୍ୟାକେଟ୍‌କୁ ନ ଭାଙ୍ଗି ଏହାକୁ ହାଙ୍ଗର୍‌ରେ ଝୁଲାଇ ରଖନ୍ତୁ।
- ଯଦି ବର୍ଷାରେ ଭିଜି ଆପଣ ଘରକୁ ଫେରୁଛନ୍ତି ଏବଂ ଆପଣଙ୍କ ଜୋତା ବା ଚପଲରେ ମାଟି ଲାଗିଛି, ତେବେ ତୁରନ୍ତ ଏହାକୁ ଧୀରେ ଧୀରେ ସଫା କରନ୍ତୁ। ନ ହେଲେ ବହୁ ସମୟ ରହିଲେ ତାହା ଚପଲରେ ଦାଗ ସୃଷ୍ଟି କରିବା ସହିତ ଖରାପ କରିଥାଏ।

# କ୍ୟାରିୟର ସ୍ୱପ୍ନ





**ପ୍ରଥମ ପ୍ରେମ ଭଳି କ୍ୟାରିୟର ଗଢ଼ିବାର ସ୍ୱପ୍ନ ବି ବେଶ୍ ଆକର୍ଷଣୀୟ। ହେଲେ ଅର୍ଥ ଲୋଭରେ ହେଉ ବା ଅନ୍ୟର ପ୍ରରୋଚନାରେ, ବେଳେବେଳେ ଭୁଲ୍ ହୋଇଯାଏ କ୍ୟାରିୟରର ନିଷ୍ପତ୍ତି। ଅଭିବୃଦ୍ଧିର ସବୁ ସୁଯୋଗ ଥିଲେ ବି ମିଳେନି ଆତ୍ମତୃପ୍ତି। ଏମିତି ଏକ ସମୟରେ ପରିବର୍ତ୍ତନକୁ ସାମ୍ନା କରିବା ବି ଜରୁରୀ ହୋଇପଡେ...**

ଆତ୍ମନିର୍ଭରଶୀଳ ହେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏବେ ମହିଳାମାନେ କ୍ୟାରିୟରକୁ ବେଶି ଗୁରୁତ୍ୱ ଦେଉଛନ୍ତି। ହେଲେ ଅନେକଙ୍କ କ୍ଷେତ୍ରରେ କ୍ୟାରିୟର ଚୟନ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ବେଳେବେଳେ ପରିବାରର ଆବଶ୍ୟକତା ତ ଆଉ କେବେ ତରବରରେ ଅନ୍ୟ କାହାର ପ୍ରରୋଚନାରେ ପସନ୍ଦ କରିଥିବା କ୍ୟାରିୟରରେ ମନମାନେନା। ହୁଏତ ସେହି କ୍ୟାରିୟରରେ ଭଲ ଅର୍ଥ ଓ ସମ୍ମାନ ମିଳୁଥାଇପାରେ, କିନ୍ତୁ କିଛି ଦିନ ପରେ ମନେହୁଏ ଆଉ କିଛି କରିଥିଲେ ଭଲ ହୋଇଥାନ୍ତା।

**ପାରିବାରିକ କାରଣ :** କମ୍ ବୟସରେ କ୍ୟାରିୟର ନିଷ୍ପତ୍ତି ନେବା କିମ୍ବା ଘର ଲୋକଙ୍କ କହିବା ଅନୁସାରେ କ୍ୟାରିୟର ବାଛିବା ଫଳରେ ଅନେକ ସମୟରେ ତାହା ଭୁଲ ପରି ମନେହୁଏ। ବିଶେଷକରି ମହିଳାଙ୍କ ଜୀବନଶୈଳୀ ବିବାହ ପରେ କିପରି ରହିବ ତାହା ଚିନ୍ତା କରି ସେମାନଙ୍କୁ କ୍ୟାରିୟର ଗଢିବା ପାଇଁ ଚାପ ପକାଯାଏ। ବିଶେଷକରି ଶାଶୁଘର କିମ୍ବା ସ୍ୱାମୀଙ୍କ ପରିସ୍ଥିତି ହିସାବରେ ତାକୁ କ୍ୟାରିୟର ବାଛିବା ପାଇଁ ବିଭିନ୍ନ ଆଡୁ ଚାପ ପକାଯାଏ। ତେଣୁ ସବୁ ସମ୍ପର୍କରେ ସମନ୍ୱୟ ରଖିବା ପାଇଁ ସେମାନେ ବାଧ୍ୟ ବାଧକତାରେ ବି କ୍ୟାରିୟର ବାଛିଥାନ୍ତି। କିନ୍ତୁ ମନପସନ୍ଦର କ୍ୟାରିୟର କରି ନ ପାରିଲେ ହୁଏତ ପର ମୁହୂର୍ତ୍ତରେ ମାନସିକ ଅଶାନ୍ତି ଏମିତି କି ଡିପ୍ରେସନ ଭଳି ସମସ୍ୟା ବି ଦେଖା ଦେଇପାରେ। କ୍ୟାରିୟରରେ ସନ୍ତୁଷ୍ଟି ନ ଥିଲେ ଏଭଳି ଅନେକ ସମସ୍ୟା ଜୀବନର ଶାନ୍ତି ନଷ୍ଟ କରିଦିଏ। ତେଣୁ ଏଭଳି ପରିସ୍ଥିତିରେ କ୍ୟାରିୟର ବଦଳେଇବାର ଚିନ୍ତା କରିବା ଉଚିତ।

**ବଦଳାଇବା ପୂର୍ବରୁ:** କ୍ୟାରିୟରକୁ ନେଇ ଟେନସନ୍ ଥିଲେ ପ୍ରଥମେ ଭଲଭାବେ ଚିନ୍ତା କରିବା ଉଚିତ କି ପ୍ରକୃତରେ ଅସୁବିଧା କେଉଁଠି। ନିଜକୁ ଆତ୍ମ ସମୀକ୍ଷା କରି ଜାଣିବା ପାଇଁ ଚେଷ୍ଟା କରିବା ଦରକାର କି ପ୍ରକୃତରେ କ୍ୟାରିୟର ଭଲ ଲାଗୁନି ଅବା ଅଫିସ ପରିବେଶ। କାରଣ ଅନେକ ସମୟରେ ଅଫିସରେ ବସ୍‌ଙ୍କ ବ୍ୟବହାର ଭଲ ଲାଗେନି କିମ୍ବା ବୃତ୍ତି ଅନୁସାରେ ମିଳୁଥିବା ଦରମାରେ କମ୍ ଲାଗିଥାଏ। ଏମିତି କିଛି କାରଣରୁ ମଧ୍ୟ ବିରକ୍ତ ଲାଗେ। ତେଣୁ କ୍ୟାରିୟର ବଦଳେଇବା ଆଗରୁ ଭଲଭାବେ ଚିନ୍ତା କରି ନିଅନ୍ତୁ।

**ନିଜକୁ ଅପଡେଟ୍ ରଖନ୍ତୁ:** ସମାଜର ସବୁ ଘଟଣା ସମ୍ପର୍କରେ ଅପଡେଟ୍ ରୁହନ୍ତୁ। ତେଣୁ କେଉଁ କ୍ୟାରିୟର ବାଛିଲେ ଆପଣଙ୍କ ଭାବମୂର୍ତ୍ତି ଅନୁସାରେ ଠିକ୍ ହେବ ସେସମ୍ପର୍କରେ ଜାଣିପାରିବେ। ତା' ଛଡା କେଉଁ କ୍ୟାରିୟର ପାଇଁ କିଭଳି ପ୍ରସ୍ତୁତ ହେବାକୁ ପଡିବ ସେସମ୍ପର୍କରେ ବି ଜାଣିବା ଆବଶ୍ୟକ।

**ପୁଣିଥରେ ଆରମ୍ଭ:** କ୍ୟାରିୟରକୁ ନେଇ ଖୁସି ନ ଥିଲେ ଯେକୌଣସି ମୁହୂର୍ତ୍ତରେ ନୂଆ କ୍ୟାରିୟର ଆରମ୍ଭ କରିହେବ। ଏକ ନିର୍ଦ୍ଦିଷ୍ଟ ବୟସରେ ନୂଆ କରି ଆରମ୍ଭ କରିବା କଷ୍ଟ ଏବଂ ସଫଳତା ମିଳିବା ସମ୍ଭବ ନୁହେଁ ଏକଥା ଭାବିବା ଭୁଲ୍। କାହିଁକି ନା ଯେକୌଣସି ବୟସ ଓ ଯେକୌଣସି ସମୟରେ ପୁଣି ଥରେ ଆରମ୍ଭ କରାଯାଇପାରେ। ନୂଆ କରି କ୍ୟାରିୟର ଆରମ୍ଭ କରିବା ଫଳରେ ବରଂ ଅଧିକ ଖୁସି ଅନୁଭବ ହୋଇପାରିବ। ଏମିତି ଅନେକ ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନେ ବହୁ ବିଳମ୍ବରେ କ୍ୟାରିୟର ବଦଳାଇ ସଫଳ ହୋଇ ପାରିଛନ୍ତି।

**କାମ ଛାଡ଼ିବା ଆଗରୁ:** କ୍ୟାରିୟରକୁ ନେଇ ନିରାଶା ଥିଲେ ହଠାତ୍ ଚାକିରି ଛାଡ଼ିଦେବା ଠିକ୍ ନୁହେଁ। ବରଂ ଛାଡ଼ିବା ପୂର୍ବରୁ ଭାବିବା ଦରକାର କି ନୂଆ କ୍ୟାରିୟରରେ କ'ଣ ସବୁ ସମସ୍ୟା ହୋଇପାରେ। ହୁଏତ ତରବରରେ ନିଆଯାଇଥିବା ନିଷ୍ପତ୍ତି ଭବିଷ୍ୟତରେ ବହୁ ସମସ୍ୟା ସୃଷ୍ଟି କରିପାରେ। ଏହା ବ୍ୟତୀତ ହଠାତ୍ ଚାକିରି ଛାଡ଼ିଲେ ହୁଏତ ଆର୍ଥିକ ସମସ୍ୟା କାରଣରୁ ଅସୁବିଧା ଆସିପାରେ। ତେଣୁ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।



### ଏମାନେ କ'ଣ କହନ୍ତି

**ବ୍ୟବସାୟ ଆରମ୍ଭ କରିଛି**



କ୍ୟାରିୟର ସ୍ୱପ୍ନକୁ ପୂରା କରିବା ପାଇଁ ମୁଁ ଏବେ ରିୟଲ ଇଷ୍ଟେଟ୍ ବ୍ୟବସାୟ ଆରମ୍ଭ କରିଛି। କିନ୍ତୁ ଓକିଲାତି କରିବା ଉଦ୍ଦେଶ୍ୟରେ ମୁଁ ଘର ଲୋକଙ୍କ କହିବା ଅନୁସାରେ ଆଇନ ପଢିଥିଲି। ହେଲେ ଏମିତି ଏକ ବୃତ୍ତିରେ ମୋ ମନ ମାନି ନ ଥିଲା। ମୁଁ ଆଉ କିଛି ଅଧିକ କରିବା ପାଇଁ ଚାହୁଁଥିଲି। ସେଥିପାଇଁ ଏବେ ବ୍ୟବସାୟ ଆରମ୍ଭ କରିଛି। ତା' ଛଡ଼ା ଏବେ ମୋ ପିଲାମାନେ ବଡ଼ ହୋଇଗଲେଣି। ତେଣୁ ଘରକାମ କରି ମୁଁ ବେଶ୍ ସହଜରେ ଏହି କାମ କରିପାରୁଛି।

*-ପୁଷ୍ପାଞ୍ଜଳି ପାତ୍ର, ବ୍ୟବସାୟୀ, କେଶୁରା, ଭୁବନେଶ୍ୱର*

**କ୍ୟାରିୟରକୁ ନେଇ ମୁଁ ଖୁସି**



ଘରେ ସମସ୍ତଙ୍କ କହିବା ଅନୁସାରେ ଓଏଏସ ପାଇଁ ମୁଁ ପରୀକ୍ଷା ଦେଉଥିଲି। କିନ୍ତୁ ମତେ ଶିକ୍ଷକତା କରିବା ପାଇଁ ଇଚ୍ଛା ଥିଲା। ଏହି ଦୃଷ୍ଟିରୁ ମୁଁ ପୁଣି ଥରେ ବିଇଡି କରି ଶିକ୍ଷକ ଚାକିରି ପାଇଁ ଆବେଦନ କରିଥିଲି। ଆଉ ଖୁବ୍ ଶୀଘ୍ର ବି ମତେ ଏହି କ୍ଷେତ୍ରରେ ସଫଳତା ମିଳି ଯାଇଥିଲା। ଏବେ ଏହି କ୍ୟାରିୟର କରି ମୁଁ ବହୁତ ଖୁସି ଅଛି।

*-ଅଞ୍ଜଳି ଗୋଚ୍ଛି, ଶିକ୍ଷୟିତ୍ରୀ, ଦଶପଲ୍ଲା, ନୟାଗଡ଼*

# ସଫା ରହିବ ରୋଷେଇ ଘର

**ରୋଷେଇ ଘରକୁ ସଫାସୁତୁରା ଓ ସୁନ୍ଦର କରି ରଖିବା ପାଇଁ ଗୃହିଣୀମାନେ ସବୁବେଳେ ଚେଷ୍ଟା ଚଳାଇଥାନ୍ତି। ରୋଷେଇ ଘରର ଦାଗ ଓ ମଇଳା ଦାଗକୁ ଛଡାଇବା ପାଇଁ ଜାଣି ରଖନ୍ତୁ କିଛି ସହଜ ଉପାୟ...**



**ଭିନେଗାର ଓ ଗରମ ପାଣି:** ୩ ରୁ ୪ ଚାମଚ ଭିନେଗାର ନେଇ ସେଥିରେ ଗରମ ପାଣି ମିଶାନ୍ତୁ। ଏହାକୁ ଭଲଭାବେ ଫେଣ୍ଟି ଦାଗଥିବା ସ୍ଥାନରେ ସ୍ପ୍ରେ କରନ୍ତୁ। ଏହାପରେ ଅଧଘଣ୍ଟା ଛାଡିଦିଅନ୍ତୁ। କିଛି ସମୟ ପରେ କଟନ କପଡାରେ ପୋଛି ଦିଅନ୍ତୁ। ଯଦି କପଡାରେ ଦାଗ ନ ଛାଡେ ତେବେ ଟୁଥ୍‌ବ୍ରସରେ ସଫା କରନ୍ତୁ।

**ବେକିଙ୍ଗ ସୋଡା ଓ ଲେମ୍ବୁ:** ଲେମ୍ବୁ ଓ ବେକିଙ୍ଗ ସୋଡାକୁ ବ୍ୟବହାର କରି ଜିଦ୍ଦିଆ ଓ ମଇଳା ଦାଗକୁ ପରିଷ୍କାର କରିହେବ। ଗରମ ପାଣିରେ ଏକ ଚାମଚ ବେକିଙ୍ଗ ପାଉଡର ଏବଂ ଲେମ୍ବୁ ରସ ମିଶାନ୍ତୁ। ଏହି ମିଶ୍ରଣକୁ ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ମଇଳା ଦାଗ ଉପରେ ସ୍ପ୍ରେ କରନ୍ତୁ। ୨ ରୁ ୩ ମିନିଟ୍ ପରେ ସେହି ଜାଗାକୁ କପଡାରେ ପୋଛି ଦିଅନ୍ତୁ, ଦାଗ ସବୁ ସଫା ହୋଇଯିବ।

**ବାସନଧୁଆ ସାବୁନ:** ବାସନ ସଫା କରିବା ପାଇଁ ବ୍ୟବହାର ହେଉଥିବା ସାବୁନ କିମ୍ବା ଲିକୁଇଡ୍‌କୁ ମଧ୍ୟ ରୋଷେଇ ଘର ସଫା ପାଇଁ ବ୍ୟବହାର କରିହେବ। ଗରମ ପାଣିରେ ବାସନଧୁଆ ଲିକୁଇଡ୍ ମିଶାଇ ଦାଗଥିବା ସ୍ଥାନରେ ପକାଇ ସ୍କ୍ରବରେ ଘଷି ସଫା କରନ୍ତୁ।

ଖାଦ୍ୟରୁଚି

# କଶ୍ମୀର ପନିର

**ଆବଶ୍ୟକୀୟ ସାମଗ୍ରୀ:** ତେଲ-ଅଧା ଚାମଚ, ଲବଙ୍ଗ- ୩ଟି, ତେଜପତ୍ର- ୧ଟି, ଡାଲଚିନି ୧ ଖଣ୍ଡ, ଜିରା-୧ ଚାମଚ, ଗୁଜୁରାତି- ୩ଟି, ଅଦା ପେଷ୍ଟ-୧ଚାମଚ, ପାନମଧୁରି ଗୁଣ୍ଡ- ୧ଚାମଚ, କ୍ଷୀର- ୧ଗ୍ଲାସ, ହଳଦୀ- ଅଧା ଚାମଚ, ଧନିଆପତ୍ର-ଅଳ୍ପ, ପନିର୍-୩୦୦ ଗ୍ରାମ୍, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟିଏ ପ୍ୟାନ୍‌ରେ ଅଳ୍ପ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲା ବେଳକୁ ସେଥିରେ ଲବଙ୍ଗ, ତେଜପତ୍ର, ଜିରା, ଗୁଜୁରାତିକୁ ପକାଇ ହାଲ୍‌କା ଭାବେ ଭାଜନ୍ତୁ। ଏବେ ସେଥିରେ ଅଦା ପେଷ୍ଟ ଓ ପାନମଧୁରି ଗୁଣ୍ଡ ପକାନ୍ତୁ। ମିଶ୍ରଣଟି ପୋଡ଼ି ନ ଯିବା ଲାଗି ଚୁଲାକୁ ଲୋ ଫ୍ଲେମ୍‌ରେ ରଖନ୍ତୁ। ଏବେ ସେଥିରେ ଅଳ୍ପ ପାଣି ଓ କ୍ଷୀର ଢାଳନ୍ତୁ। ଟିକେ ଫୁଟି ଆସିଲା ବେଳକୁ ସେଥିରେ ଆବଶ୍ୟକ ଅନୁସାରେ ଲୁଣ ଓ ହଳଦୀ ପକାନ୍ତୁ। ସେହିପରି ଆଉ ଗୋଟିଏ ପ୍ୟାନ୍‌ରେ ତେଲ ପକାଇ ପନିର୍‌କୁ ଅଳ୍ପ ଲାଲ୍ ହେବା ଯାଏ ଭାଜି ଦିଅନ୍ତୁ। ଏବେ ପନିରକୁ ନେଇ ପୂର୍ବ ପ୍ରସ୍ତୁତ ମିଶ୍ରଣରେ ପକାଇ ଦିଅନ୍ତୁ। ପନିର ନରମ ହୋଇଯିବା ପରେ ତରକାରୀ ଓହ୍ଲାଇ ଦିଅନ୍ତୁ। ଏବେ ସେଥିରେ କଟା ଧନିଆ ପତ୍ର ପକାଇ ପରଷି ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ସେପ୍ଟେମ୍ବର ୨୧/୨୦୨୧ Berhampur, Tuesday, September 21/ 2021

# ଓଡ଼ିଶାରେ ହେବ ଜାତୀୟ ଜୁନିୟର ଖୋଖୋ

ଭୁବନେଶ୍ୱର, ୨୦।୯ (କ୍ରୀଡ଼ା ପ୍ରତିନିଧି)

ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ର ୪୦ତମ ସଂସ୍କରଣ ଓଡ଼ିଶାରେ ଆୟୋଜନ ହେବ। ଏହା ଚଳିତମାସ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୬୦ଟି ଦଳର ୭୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଉଭୟ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ହେବ। ଉଭୟ ବାଳିକା ଓ ବାଳକ ବର୍ଗରେ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ ପର୍ଯ୍ୟାୟ ପରେ ନକ୍‌ଆଉଟ ମ୍ୟାଚ ଅନୁଷ୍ଠିତ ହୋଇ ବିଜେତା ନିର୍ଣ୍ଣିତ ହେବେ। ଆୟୋଜକ ଓଡ଼ିଶା ବାଳକ ବର୍ଗରେ ଗ୍ରୁପ୍ 'ଡି'ରେ କର୍ନାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହିତ ସ୍ଥାନ ପାଇଛି। ବାଳିକା ବିଭାଗରେ ଓଡ଼ିଶା ଗ୍ରୁପ୍ 'ଇ'ରେ ଆନ୍ଧ୍ର ପ୍ରଦେଶ, ମଣିପୁର ଓ ଜମ୍ମୁ-କଶ୍ମୀର ସହିତ ରହିଛି। ଆସନ୍ତା ବର୍ଷ ହରିୟାଣାର ପଞ୍ଚକୁଲାଠାରେ ୪ର୍ଥ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହେବ। ତେଣୁ ଆଗାମୀ ଜାତୀୟ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟଭାବେ ବିବେଚିତ ହେବ। ଓଡ଼ିଶା ଖୋ ଖୋ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟର ସମର୍ଥନ ରହିଛି ଏବଂ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ଅନୁମୋଦନ ରହିଛି।

''ଓଡ଼ିଶାରେ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଥିବାରୁ ମୁଁ ବହୁତ ଖୁସି। ରାଜ୍ୟ ସର୍ବଦା ଖୋ ଖୋ ପରି ପାରମ୍ପରିକ ଏବଂ ସ୍ୱଦେଶୀ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଆସିଛି। ଏହି ପ୍ରତିଯୋଗିତା ଆୟୋଜନଦ୍ୱାରା ଯୁବ ବର୍ଗଙ୍କ ମଧ୍ୟରେ ଖୋ ଖୋ ଖେଳପ୍ରତି ଆଗ୍ରହ ସୃଷ୍ଟି ହେବ'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ କହିଛନ୍ତି ଯେ, ''ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଥିବାରୁ ଓଡ଼ିଶା ସରକାର ଓ କିଟ୍‌କୁ ଧନ୍ୟବାଦ। ସମସ୍ତ ପ୍ରତିଯୋଗୀଙ୍କୁ ମୁଁ ସ୍ୱାଗତ କରୁଛି। ଓଡ଼ିଶା ଅନେକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରି ସାରିଛି। ଖୋ ଖୋ ପ୍ରତିଯୋଗିତା ମଧ୍ୟ ସଫଳତାର ସହ ଆୟୋଜନ ହେବା ଆଶା ରହିଛି''। ଓଡ଼ିଶା ପୂର୍ବରୁ ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍ ୨୦୧୬-୧୭ରେ କିଟ୍‌ରେ ଆୟୋଜନ କରିଥିଲା। ଜାତୀୟ ଜୁନିୟର ପ୍ରତିଯୋଗିତା ଏଠାରେ ପ୍ରଥମଥରପାଇଁ ହେବାକୁ ଯାଉଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ଅନୁସାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।


ଟ୍ରେନିଂ ଅବସରରେ ମହିଳା ଖେଳାଳିମାନେ।

# ବାରବାଟୀରେ ଭାରତ-ୱେଷ୍ଟଇଣ୍ଡିଜ ଟି୨୦

ଭୁବନେଶ୍ୱର, ୨୦।୯ (କ୍ରୀଡ଼ା ପ୍ରତିନିଧି)

ଦୀର୍ଘ ୪ ବର୍ଷ ବ୍ୟବଧାନରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ। ସୋମବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ପ୍ରକାଶ ପାଇବାରୁ ଏହା ସ୍ପଷ୍ଟ ହୋଇଛି। ଆସନ୍ତା ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ଭାରତ ୪ଟି ବିଦେଶୀ ଦଳ ସହ ସିରିଜ ଖେଳିବ। ୨୦୨୨ ଫେବୃୟାରୀରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩ଟି ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଭାରତ-ୱେଷ୍ଟଇଣ୍ଡିଜ ଟି୨୦ ସିରିଜର ପ୍ରଥମ ମ୍ୟାଚ ଫେବୃୟାରୀ ୧୫ରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବାରବାଟୀରେ ଏହା ହେବ ତୃତୀୟ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ। ୨୦୧୫ ଅକ୍ଟୋବର ୫ରେ ବାରବାଟୀରେ ପ୍ରଥମ ଟି୨୦ ମ୍ୟାଚ ଆୟୋଜିତ ହୋଇଥିଲା। ସେହି ମ୍ୟାଚରେ ଭାରତ ୬ ଉଇକେଟରେ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଥିଲା। ଶେଷଥରପାଇଁ ୨୦୧୭ ଡିସେମ୍ବର ୨୦ରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଟି୨୦ ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାରତ ୯୩ ରନରେ ବିଜୟୀ ହୋଇଥିଲା। ତେଣୁ ଏବେ ତୃତୀୟ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ପଥ ପରିଷ୍କାର ହୋଇଛି। ସବୁକିଛି ଠିକ୍ ରହିଲେ ଆସନ୍ତା ଫେବୃୟାରୀରେ ଓଡ଼ିଶା ଦର୍ଶକ ନିକଟରୁ ଟି୨୦ ଅନ୍ତର୍ଜାତୀୟ ମ୍ୟାଚର ମଜା ଉଠାଇ ପାରିବେ।

ଆସନ୍ତା ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ଭାରତ ଘରୋଇ ପରିବେଶରେ ୪ଟି ଟେଷ୍ଟ, ୩ଟି ଦିନିକିଆ ଓ ୧୪ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଆସନ୍ତା ନଭେମ୍ବରରେ ନ୍ୟୁଜିଲାଣ୍ଡ, ୨୦୨୨ ଫେବୃୟାରୀରେ ୱେଷ୍ଟଇଣ୍ଡିଜ, ମାର୍ଚ୍ଚରେ ଶ୍ରୀଲଙ୍କା ଏବଂ ଜୁନ୍‌ରେ ଦକ୍ଷିଣ ଆଫ୍ରିକା ଭାରତ ଗସ୍ତରେ ଆସିବେ। ଡିସେମ୍ବରରେ ଭାରତ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଜାନୁୟାରୀ ମଧ୍ୟରେ ୩ ଟେଷ୍ଟ, ୩ ଦିନିକିଆ ଓ ୪ଟି ଟି୨୦ ମ୍ୟାଚ ଖେଳିବ। ଏପ୍ରିଲରୁ ମେ' ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ହେବା ସମ୍ଭାବନା ରହିଛି। ଏଥିରେ ୧୦ଟି ଦଳ ଭାଗନେବେ। ଭାରତ ଗସ୍ତରେ ନ୍ୟୁଜିଲାଣ୍ଡ ୩ଟି ଟି୨୦, ୨ଟି ଟେଷ୍ଟ, ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ଟି ଲେଖାଏ ଦିନିକିଆ ଓ ଟି୨୦, ଶ୍ରୀଲଙ୍କା ବିପକ୍ଷରେ ୨ଟି ଟେଷ୍ଟ, ୩ଟି ଟି୨୦ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ରୋଟେଶନ ଭିତ୍ତିରେ ଏଥର ଜୟପୁର, ରାଞ୍ଚି, ଲକ୍ଷ୍ନୌ, ଭାଇଜାଗ୍, କୋଲକାତା, ଅହମଦାବାଦ, କଟକ, ତ୍ରିଭେନ୍ଦ୍ରମ, ଚେନ୍ନାଇ, ରାଜକୋଟ, ଦିଲ୍ଲୀରେ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବ।



## କାର୍ଯ୍ୟସୂଚୀ

**ଭାରତ ବନାମ ନ୍ୟୁଜିଲାଣ୍ଡ**
ନଭେମ୍ବର ୧୭: ପ୍ରଥମ ଟି୨୦ (ଜୟପୁର)
ନଭେମ୍ବର ୧୯: ଦ୍ୱିତୀୟ ଟି୨୦ (ରାଞ୍ଚି)
ନଭେମ୍ବର ୨୧: ତୃତୀୟ ଟି୨୦ (କୋଲକାତା)
ନଭେମ୍ବର ୨୫ରୁ ୨୯: ପ୍ରଥମ ଟେଷ୍ଟ (କାନପୁର)
ଡିସେମ୍ବର ୨ରୁ ୬: ଦ୍ୱିତୀୟ ଟେଷ୍ଟ (ମୁମ୍ବାଇ)

**ଭାରତ ବନାମ ୱେଷ୍ଟଇଣ୍ଡିଜ**
ଫେବୃୟାରୀ ୬: ପ୍ରଥମ ଦିନିକିଆ (ଅହମଦାବାଦ)
ଫେବୃୟାରୀ ୯: ଦ୍ୱିତୀୟ ଦିନିକିଆ (ଜୟପୁର)
ଫେବୃୟାରୀ ୧୨: ତୃତୀୟ ଦିନିକିଆ (କୋଲକାତା)
ଫେବୃୟାରୀ ୧୫: ପ୍ରଥମ ଟି୨୦ (କଟକ)
ଫେବୃୟାରୀ ୧୮: ଦ୍ୱିତୀୟ ଟି୨୦ (ଭାଇଜାଗ୍)
ଫେବୃୟାରୀ ୨୧: ତୃତୀୟ ଟି୨୦ (ତ୍ରିଭେନ୍ଦ୍ରମ)

**ଭାରତ ବନାମ ଶ୍ରୀଲଙ୍କା**
ଫେବୃୟାରୀ ୨୫ରୁ ମାର୍ଚ୍ଚ ୧: ପ୍ରଥମ ଟେଷ୍ଟ(ବେଙ୍ଗାଲୁରୁ)
ମାର୍ଚ୍ଚ ୫ରୁ ୯: ଦ୍ୱିତୀୟ ଟେଷ୍ଟ (ମୋହାଲି)
ମାର୍ଚ୍ଚ ୧୩: ପ୍ରଥମ ଟି୨୦(ମୋହାଲି)
ମାର୍ଚ୍ଚ ୧୫: ଦ୍ୱିତୀୟ ଟି୨୦ (ଧର୍ମଶାଳା)
ମାର୍ଚ୍ଚ ୧୮: ତୃତୀୟ ଟି୨୦ (ଲକ୍ଷ୍ନୌ)

**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ଜୁନ ୯: ପ୍ରଥମ ଟି୨୦ (ଚେନ୍ନାଇ)
ଜୁନ ୧୨: ଦ୍ୱିତୀୟ ଟି୨୦ (ବେଙ୍ଗାଲୁରୁ)
ଜୁନ ୧୪: ତୃତୀୟ ଟି୨୦ (ନାଗପୁର)
ଜୁନ ୧୭: ୪ର୍ଥ ଟି୨୦ (ରାଜକୋଟ)
ଜୁନ ୧୯: ୫ମ୨୦ (ଦିଲ୍ଲୀ)

# ସାଇନାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ପଦକ

ଭୁବନେଶ୍ୱର, ୨୦।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ନିଜ ଚେସ୍ କ୍ୟାରିୟରରେ ଆଉ ଏକ ପାହାଚ ଆଗକୁ ବଢ଼ିଛନ୍ତି। ୱେଷ୍ଟର୍ନ ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ବ୍ୟକ୍ତିଗତଭାବେ ରୌପ୍ୟ ଏବଂ ଦଳଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏସିଆନ ଚେସ୍ ଫେଡେରେଶନ ଓ ଶ୍ରୀଲଙ୍କାନ୍ ଚେସ୍ ଫେଡେରେଶନ ଆନୁକୂଲ୍ୟରେ ପ୍ରତିଯୋଗିତା ଅନ୍‌ଲାଇନ୍ ମୋଡ୍‌ରେ ଟୋର୍ନେଲୋ ୱେବ୍‌ସାଇଟ୍‌ରେ ଚଳିତ ମାସ ୧୮ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୧୭ଟି ପଶ୍ଚିମ ଏସୀୟ ଦେଶର ପ୍ରତିଯୋଗୀ ଏହି ୟୁଥ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ୮ରୁ ୧୮ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

ସାଇନା ୧୮ ବର୍ଷରୁ କମ୍ ବାଳିକା କାଟେଗୋରିରେ ରୌପ୍ୟ ପଦକ ପାଇଥିଲେ। ୯ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ସାଇନା ୬ ବିଜୟ, ୨ ଡ୍ର ଏବଂ ୧ ପରାଜୟ ସହ ଅଭିଯାନ ଶେଷ କରିଥିଲେ। ଟପ୍‌ସିଡ୍ ଇରାନର ମହମ୍ମଦ ମେଲିକାଙ୍କଠାରୁ ସେ ଏକମାତ୍ର ପରାଜୟ ବରଣ କରିଥିଲେ। ଏହି କାଟେଗୋରିରେ ପ୍ରତୀଚି ଚନରାଡ୍ରେୟ ସ୍ୱର୍ଣ୍ଣ ଏବଂ ସୁସ୍ମିତା ଭୌମିକ ବ୍ରୋଞ୍ଜ ପଦକ ପାଇଥିଲେ। ପ୍ରତିଯୋଗିତା ମଧ୍ୟରେ ସାଇନା ସ୍ୱର୍ଣ୍ଣ ପଦକ ବିଜେତା ପ୍ରତୀଚିଙ୍କୁ ପରାସ୍ତ କରିଥିଲେ। ୧୮ ବର୍ଷରୁ କମ୍ ବାଳିକା ଦଳଗତ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସାଇନା ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୂର୍ବରୁ ସାଇନା ୧୭ଟି ଅନ୍ତର୍ଜାତୀୟ ପଦକ ପାଇଥିଲେ। ଏବେ ଏହି ସଂଖ୍ୟା ୧୯ରେ ପହଞ୍ଚିଛି। ସାଇନା କିଟ୍ ଅନ୍ତର୍ଜାତୀୟ ସ୍କୁଲ୍‌ରୁ ନିକଟରେ ଦ୍ୱାଦଶ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। କେନ୍ଦୁଝର ଜିଲା ହାଟଡିହି ବ୍ଲକ ସୁଲଣ ଗ୍ରାମର ସାଇନା ଏବେ ଭୁବନେଶ୍ୱରରେ ମା' ବବିତା ଓ ପିତା ଗଣେଶ୍ୱର ଜେନାଙ୍କ ସହ ରହୁଛନ୍ତି। ସେ ଦୁଇଟି ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ମଧ୍ୟ ହାସଲ କରି ସାରିଛନ୍ତି।


ସାଇନା ସାଲୋନିକା

ୱେଷ୍ଟର୍ନ ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍

## ଭିନୁ ମଙ୍କଡ ଟ୍ରଫି ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୦।୯ (କ୍ରୀଡ଼ା ପ୍ରତିନିଧି):** ବିସିସିଆଇ ଦ୍ୱାରା ଆୟୋଜନ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳ ସୋମବାର ମୋହାଲି ଯାତ୍ରା କରିଛି। ମ୍ୟାଚ ଖେଳିବା ପୂର୍ବରୁ ଓଡ଼ିଶା ଦଳ ସୋମବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍‌ରେ ରହିବ। ଓଡ଼ିଶା ଦଳ ସହ ମ୍ୟାନେଜର ପ୍ରଦୀପ ସେଠୀ, ମୁଖ୍ୟ କୋଚ୍ ରଶ୍ମିରଞ୍ଜନ ପରିଡ଼ା, ବ୍ୟାଟିଂ କୋଚ୍ ରଶ୍ମିରଞ୍ଜନ ଦାସ, ଟ୍ରେନର ମନୋଜ କୁମାର ବିଶ୍ୱାଳ, ଫିଜିଓ ସ୍ୱସ୍ତିକ ପ୍ରିୟଦର୍ଶୀ ମହାନ୍ତି, ଡାକ୍ତର ବିଷ୍ଣୁ ପ୍ରସାଦ ଦାସ ଓ ଭିଡିଓ ବିଶ୍ଳେଷକ ନବୀନ ବେହେରା ମୋହାଲି ଯାଇଛନ୍ତି। ଓଡ଼ିଶା ଆଗାମୀ ପ୍ରତିଯୋଗିତାରେ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, ଛତିଶଗଡ଼ ଓ ଆନ୍ଧ୍ର ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ସୂର୍ଯ୍ୟ ମହାପାତ୍ର (ଅଧିନାୟକ), ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର), ଅଂଶୁମାନ ସାହୁ, ଦୀନେଶ କୁମାର ମାଝି (ଉଇକେଟ କିପର), ମହମ୍ମଦ ସୋହେଲ ଖାଁ, ସମ୍ଭିତ ସୌରଭ ବରାଳ, ସାଇଦୀପ ମହାପାତ୍ର, ଶ୍ରେଷ୍ଠ ସିଂ, ଅଂଶୁମାନ ବେଜ୍, ରାକେଶ କୁମାର ସାହୁ, ସାଇ ଶୁଭମ୍, ଆଦିତ୍ୟ କୁମାର ଜୟସିଂ, ସୁଶୀଲ କୁମାର ବାରିକ, ସାରାଂଶ କୁମାର (ଉଇକେଟ କିପର), ନିରଞ୍ଜନ ଗୌଡ଼ା, ଓମ୍ ତୁକାରାମ ମୁଣ୍ଡେ, ରାଜେଶ ପାତ୍ର, ଶୁଭମ୍ କୁମାର ସିଂ, ରିତିକ୍ ଚୌଧୁରୀ, ବିମଲ କୁମାର, ସାହିଲ ପ୍ରସାଦ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।




# କୋଲକାତାର ବୃହତ୍ ବିଜୟ

ଆବୁଧାବି, ୨୦।୯

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ରବିବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୯ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ମାତ୍ର ୯୨ ରନରେ ଅଲ୍‌ଆଉଟ ହୋଇଥିବାବେଳେ କୋଲକାତା ୧୦ ଓଭରରେ ମାତ୍ର ୧ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିନେଇଥିଲା। ବିଜୟୀ ଦଳର ବରୁଣ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲ ଚମତ୍କାର ବୋଲିଂ କରି ଆରସିବିର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

୯୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା କୋଲକାତା ଓପନିଂ ଯୋଡ଼ିରେ ୫୬ ବଲ୍‌ରୁ ୮୨ ରନ ସଂଗ୍ରହ କରି ସହଜ ବିଜୟ ପଥ ପରିଷ୍କାର କରିଥିଲା। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଅର୍ଦ୍ଧଶତକର ନିକଟତର ହୋଇଥିବା ଶୁବମନ ଗିଲ୍ ୩୪ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୪୮ ରନ କରିଥିବାବେଳେ ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଆଉଟ ହୋଇଥିଲେ। କୋଲକାତା ପାଇଁ ପ୍ରଥମ ଆଇପିଏଲ ମ୍ୟାଚ ଖେଳିଥିବା ଭେଙ୍କଟେଶ ଆୟାର ୪୧(୨୭ ବଲ୍, ୭ ଚୌକା, ୧ ଛକା) ଓ ଆନ୍ଦ୍ରେ ରସେଲ କୌଣସି ରନ ନ କରି ଅପରାଜିତ ରହିଥିଲେ। ଚହଲଙ୍କ ବଲ୍‌ରେ କ୍ରମାଗତ ୨ଟି ଚୌକା ମାରି ଆୟାର କୋଲକାତାକୁ ବିଜୟୀ କରାଇଥିଲେ। ମ୍ୟାଚରେ ଆରସିବିର ସମସ୍ତ ବୋଲର ପ୍ରଭାବହୀନ ରହିଥିଲେ ଏବଂ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚହଲ ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ।



ବରୁଣ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲ

**ଆରସିବିର ୬ଷ୍ଠ ସର୍ବନିମ୍ନ ସ୍କୋର**

ଆଇପିଏଲର ପ୍ରଥମ ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଆରସିବି ଦ୍ୱିତୀୟ ପର୍ଯ୍ୟାୟରେ ଭଲ ଆରମ୍ଭ କରି ପାରିନାହିଁ। ଦଳ ଆଇପିଏଲରେ ଏହାର ୬ଷ୍ଠ ସର୍ବନିମ୍ନ ସ୍କୋର କରି ମାତ୍ର ୯୨ ରନରେ ଅଲ୍‌ଆଉଟ ହୋଇଛି। ପୂର୍ବରୁ ଏହାର ସର୍ବନିମ୍ନ ସ୍କୋର ଯଥାକ୍ରମେ ୪୯(ବନାମ କୋଲକାତା), ୭୦(ରାଜସ୍ଥାନ), ୭୦(ଚେନ୍ନାଇ), ୮୨(କୋଲକାତା) ଓ ୮୭(ଚେନ୍ନାଇ) ରହିଥିଲା। ଟପ୍‌ଅର୍ଡରଠାରୁ ଆରମ୍ଭ କରି ଲୋୟର ଅର୍ଡର ପର୍ଯ୍ୟନ୍ତ କେହି ଜଣେ ହେଲେ ଖେଳାଳି କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଅଧିନାୟକ ବିରାଟ କୋହଲି ୫, ଦେବଦତ୍ତ ପଡ଼ିକାଲ ୨୨, ଶ୍ରୀକର ଭରତ ୧୬, ଗ୍ଲେନ ମ୍ୟାକ୍ସୱେଲ ୧୦ ରନରେ ଆଉଟ ହୋଇଥିବାବେଳେ ଏବି ଡି'ଭିଲର୍ସ ଖାତା ଖୋଲିପାରି ନ ଥିଲେ। ସେହିପରି ସଚିନ ବାବି (୭), ୱାନିନ୍ଦୁ ହସରଙ୍ଗା (୦), କାଏଲ ଜେମିସନ (୪), ହର୍ଷଲ ପଟେଲ (୧୨) ଓ ମହମ୍ମଦ ସିରାଜ (୮) ପଛକୁ ପଛ ଧାଡ଼ି ବାନ୍ଧିଥିଲେ। କୋଲକାତା ପକ୍ଷରୁ ଆନ୍ଦ୍ରେ ରସେଲ ଚମତ୍କାର ବୋଲିଂ କରି ୩ ଓଭର ସ୍ପେଲ୍‌ରେ ମାତ୍ର ୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ ମଧ୍ୟ ୪ ଓଭର ବୋଲିଂ କରି ୧୩ ରନ ବିନିମୟରେ ୩ଟି ଉଇକେଟ ନେଇ ଆରସିବିର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଲୋକି ଫର୍ଗୁସନଙ୍କୁ ୨ଟି ଏବଂ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍ସ ୨୦ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯ ଓଭରରେ ୯୨/ଅଲଆଉଟ(ଦେବଦତ୍ତ ପଡ଼ିକାଲ-୨୨, ଆନ୍ଦ୍ରେ ରସେଲ-୩/୯), ବରୁଣ ଚକ୍ରବର୍ତ୍ତୀ-୩/୧୩, ଲୋକି ଫର୍ଗୁସନ-୨/୨୪, ପ୍ରସିଦ୍ଧ କ୍ରିଷ୍ଣା-୧/୨୪)। କୋଲକାତା ନାଇଟ ରାଇଡର୍ସ ୧୦ ଓଭରରେ ୯୪/୧(ଶୁବମନ ଗିଲ-୪୮, ଭେଙ୍କଟେଶ ଆୟାର-୪୧*, ଯୁଜବେନ୍ଦ୍ର ଚହଲ-୧/୨୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୬ | ୨ | ୧୨ | +୧.୨୨୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୫୪୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | -୦.୭୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | -୦.୦୭୧ |
| ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୧୧୦ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | -୦.୧୯୦ |
| ପଞ୍ଜାବ କିଙ୍ଗ୍ସ | ୮ | ୩ | ୫ | ୬ | -୦.୩୬୮ |
| ସନ୍‌ରାଇଜର୍ସ | ୭ | ୧ | ୬ | ୨ | -୦.୬୨୩ |

**ମଙ୍ଗଳବାର ମ୍ୟାଚ**

ପଞ୍ଜାବ କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ



ପ୍ରସାରଣ
ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦
ଷ୍ଟାର ସ୍ପୋର୍ଟ୍ସ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ